R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୩୮
ତିଥି : ଦଶମୀ
୦୫ ଜୁନ୍ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 238
05 June 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଆଇପିଏଲ୍ ବିଜେତା ଆର୍‌ସିବିକୁ ସମ୍ବର୍ଦ୍ଧନା ଦେବାବେଳେ ଅଘଟଣ

# ଦଳାଚକଟାରେ ୧୧ ମୃତ, ୪୭ ଆହତ

ବେଙ୍ଗାଲୁରୁ,୪।୬ (ଏଜେନ୍ସି): ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆଇପିଏଲ୍ ଟ୍ରଫି ବିଜେତା । ଆର୍‌ସିବି ଲାଗି ଆୟୋଜିତ ବିଜୟ ଉତ୍ସବରେ ଅଘଟଣ ଘଟିଛି। ଆଶା ଠାରୁ ଅଧିକ ଭିଡ଼ ହେବାରୁ ଦଳ ଚକଟାରେ ପ୍ରାୟ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି। ତେବେ ଅଘଟଣ ସତ୍ତ୍ୱେ ଆର୍‌ସିବି ଟିମ୍‌କୁ ସମ୍ବର୍ଦ୍ଧନା ଉତ୍ସବ ଜାରି ରହିଥିବାରୁ ସମାଲୋଚନା ହୋଇଛି ।

ବିଜୟଶୋଭାଯାତ୍ରାରେ ସାମିଲ ହେବାକୁ ଅପେକ୍ଷା କରିଥିବା ଛୋଟ ପିଲା ଅଣନିଶ୍ୱାସ ହୋଇ ଅଚେତ ହୋଇପଡିଥିବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। (୯ ପୃଷ୍ଠାରେ)



- ଲକ୍ଷାଧିକ ଲୋକଙ୍କ ସମାଗମ ଯୋଗୁ ଘଟିଲା ଅଘଟଣ
- କର୍ଣ୍ଣାଟକବାସୀଙ୍କୁ କ୍ଷମା ମାଗିଲେ ଶିବକୁମାର
- କଂଗ୍ରେସ ସରକାରକୁ ବିଜେପିର ଟାର୍ଗେଟ
- ତଦନ୍ତ ନିର୍ଦ୍ଦେଶ ସହ ୧୦ ଲକ୍ଷ ସହାୟତା ଘୋଷଣା

### ପ୍ରଧାନମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ନୂଆଦିଲ୍ଲୀ, ୪।୬ : ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଦଳାଚକଟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୋସିଆଲମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଏହା ବାସ୍ତବିକ ହୃଦୟ ବିଦାରକ। ଏହି ଦୁଃଖଦ ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ମୋର ଭାବନା ସେମାନଙ୍କ ସହ ରହିଛି। ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କର ତୁରନ୍ତ ଆରୋଗ୍ୟ ଲାଗି କାମନା କରୁଛି।

### ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଅଭାବନୀୟ ଘଟଣା

# ଭୁଲ୍ ଇଞ୍ଜେକସନ୍‌ରୁ ଚାଲିଗଲା ୫ ଜୀବନ

କୋରାପୁଟ, ୪।୬ (ସବ୍ୟୁ): କୋରାପୁଟର ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରେ ଭୁଲ୍ ଇଞ୍ଜେକସନ୍ ଦିଆଯିବାରୁ ଚାଲିଗଲା ୫ ରୋଗୀଙ୍କ ଜୀବନ । ଆଇସିୟୁରେ ଚିକିତ୍ସିତ ୩ ୱାର୍ଡରେ ଥିବା ୨ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ । ମୃତକଙ୍କ ମଧ୍ୟରେ ଅଛନ୍ତି ୨ ମହିଳା ଓ ୩ ପୁରୁଷ । ଜଣେ ରୋଗୀ ସମ୍ପର୍କୀୟଙ୍କ କହିବା ଅନୁସାରେ ତାଙ୍କ ରୋଗୀ ଜଣଙ୍କ ଭଲ ଥିବାବେଳେ ଖାଇବା ପିଇବା କରୁଥିଲେ । କିନ୍ତୁ ନର୍ସ ଆସି ଇଞ୍ଜେକସନ୍ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା, ତା ପରେ ମୃତ୍ୟୁ ହୋଇଥିଲା । ଅନ୍ୟ ୪ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ସମାନ ଅଭିଯୋଗ କରିଛନ୍ତି ।ତେବେ ଏନେଇ ମେଡିକାଲ୍ କର୍ତ୍ତୃପକ୍ଷ ପ୍ରତିକ୍ରୀୟା ଦେଇନାହାଁନ୍ତି । ଏହି ଘଟଣାକୁ ନେଇ ମେଡିକାଲ୍ କଲେଜରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା ।

ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ୱାର୍ଡରେ ଗତକାଲି ରାତିରେ ଅଳ୍ପ ସମୟ ମଧ୍ୟରେ ୫ ଜଣ ରୋଗୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ବଢ଼ିଛି ଅସନ୍ତୋଷ । ସୂଚନା ଅନୁଯାୟୀ କୋରାପୁଟ, ବୋରିଗୁମ୍ମା, କଳାହାଣ୍ଡି, ସେମିଳିଗୁଡା, ମାଛରା ଭଳି ବିଭିନ୍ନ ଅଞ୍ଚଳରୁ ଅନେକ ଗୁରୁତର ରୋଗୀ ହସ୍ପିଟାଲର ଆଇସିୟୁ ଏବଂ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିଲେ । ହଠାତ୍ ମଙ୍ଗଳବାର ରାତି ୧୧ ରୁ ପ୍ରାୟ ଅଧଘଣ୍ଟା ମଧ୍ୟରେ (୯ ପୃଷ୍ଠାରେ)

### ତଦନ୍ତ ଲାଗି କମିଟି

କୋରାପୁଟ ମେଡ଼ିକାଲ କଲେଜରେ ଆଇସିୟୁରେ ରୋଗୀଙ୍କ ମୃତ୍ୟୁ ଘଟଣାର ଅଭିଯୋଗ ପରେ ତଦନ୍ତ ଲାଗି ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ କମିଟି ଗଠନ କରିଛି । ଏସସିବି, ଏମ୍‌କେସିଜିର ବିଶେଷଜ୍ଞଙ୍କୁ ନେଇ କମିଟି ଗଠନ କରାଯାଇଛି । ଉକ୍ତ କମିଟି ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୁଇ ଦିନ ମଧ୍ୟରେ ରିପୋର୍ଟ ଦେବେ । ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ମିଳିଛି ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି । ସେପଟେ ଭୁଲ ଇଞ୍ଜେକସନ୍ ଯୋଗୁଁ ରୋଗୀ ମୃତ୍ୟୁ ଘଟଣାକୁ ଖଣ୍ଡନ କରିଛନ୍ତି ଡିନ୍ । ଚିକିତ୍ସା କ୍ଷେତ୍ରରେ ପର୍ବରୁ ଅନେକ ଅଭିଯୋଗ ଆସିଛି ସହିଦ ଲକ୍ଷ୍ମଣ ନାୟକ ହସ୍ପିଟାଲ ନାଁରେ । କେତେବେଳେ ଡକ୍ଟର ଅଭାବ ତ, ଆଉ କେତେବେଳେ ଚିକିତ୍ସାରେ ଅବହେଳା ପାଇଁ ରୋଗୀ ହନ୍ତସନ୍ତ ହୋଇଛନ୍ତି । ଏବେ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ପାଇଁ ଆଉ ଏକ ବଦନାମ ମୁଣ୍ଡାଇଛି ।

### କୁଳପତି ନିଯୁକ୍ତି ଲାଗି ବିଜ୍ଞପ୍ତି

ଭୁବନେଶ୍ୱର, ୪।୬ (ସବ୍ୟୁ) : ରାଜ୍ୟର ୧୩ ସରକାର ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଆବେଦନକାରୀଙ୍କ ବୟସ ୨୦୨୫ ଡିସେମ୍ବର ପହିଲା ସୁଦ୍ଧା ୬୬ ବର୍ଷରୁ କମ୍ ହୋଇଥିବ ଓ ୧୯୫୯ ଡିସେମ୍ବର ୨ ପରେ ସେମାନେ ଜନ୍ମଗ୍ରହଣ କରିଥିବେ। ସମ୍ପୃକ୍ତ ଆବେଦନକାରୀଙ୍କର ଏକାଡେମିକ ଓ ପ୍ରଶାସନିକ ଦକ୍ଷତା ସର୍ବନିମ୍ନ ୧୦ ରହିଥିବ ଓ ୧୦ ବର୍ଷ ଧରି କୌଣସି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବେ। କୁଳପତିଙ୍କ ଦରମା ୨ ଲକ୍ଷ ୧୦ ହଜାର ଟଙ୍କା (୯ ପୃଷ୍ଠାରେ)

### ୫ ଟନରୁ ମିଳିଛି ୩.୮ ଟନ୍ ବିସ୍ଫୋରକ : ଡିଜିପି

ସୁନ୍ଦରଗଡ଼, ୪।୬ (ସବ୍ୟୁ): ହାଇଦ୍ରାବାଦରୁ ଆସିଥିବା ବିସ୍ଫୋରକ ସାମଗ୍ରୀ ସହ ସାମ୍ନାକୁ ଆସିଲା ନୂଆ ନାଁ । ନିକିତା ଅଗ୍ରୱାଲଙ୍କ ନାଁରେ ବାରୁଦ ଆସିଥିବା ଟେମ୍ପରାରି ପରମିଟରେ ଉଲ୍ଲେଖ ରହିଛି । ଶ୍ରବଣ ଅଗ୍ରୱାଲ ବାରୁଦ ଗୋଦାମରୁ ନୂଆ ମୋଡ଼

#### ଯୋଡ଼ି ହେଲାଣି ନିକିତା ଅଗ୍ରୱାଲଙ୍କ ନାମ

ଆସିଛି । ଏ ଘଟଣାରେ ଏବେ ନିକିତା ଅଗ୍ରୱାଲଙ୍କ ନାଁ ସାମ୍ନାକୁ ଆସିଛି । ଏହି ନିକିତା ଅଗ୍ରୱାଲ କିଏ, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବୁଧବାରପୁଲିସ ଡିଜି ୱାଇ ବି ଖୁରାନିଆ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଯେ, ଏଯାଏ ଲୁଟ୍ ୫ ଟନ୍ ବିସ୍ଫୋରକରୁ ୩.୮ ଟନ୍ ଜବତ ହୋଇଛି ।

ହାଇଦ୍ରାବାଦରୁ ମଙ୍ଗଳବାର ଆହୁରି ୧୫ ଟନ୍ ବାରୁଦ ଓ ୩ ଲକ୍ଷ ମିଟର ବିସ୍ଫୋରକରେ ବ୍ୟବହୃତ ତାର ଆସିଲା ପରେ ଖୋଲିଲା ଗୁମର । ହାଇଦ୍ରାବାଦରୁ ଆସିଥିବା ବାରୁଦ ଓ ବିସ୍ଫୋରକ ସାମଗ୍ରୀର ଅସ୍ଥାୟୀ ପରମିଟ୍ ଗଣମାଧ୍ୟମ ହାତରେ ଲାଗିଛି । ଗିରଫ ଗୋଦାମ ମାଲିକ ଶ୍ରବଣଙ୍କ ନାଁରେ ଅଧା ବାରୁଦ ଆସିଥିବା ବେଳେ ଆଉ ଅଧା ବାରୁଦ ଆସିଛି ନିକିତା ଏଣ୍ଟରପ୍ରାଇଜେସ୍ ମାଲିକ ନିକିତା ଅଗ୍ରୱାଲଙ୍କ ନାଁରେ । ବାରୁଦ ଓ ବିସ୍ଫୋରକ ବ୍ୟବହୃତ ତାର ମଧ୍ୟ ଉଭୟଙ୍କ ନାଁରେ ଆସିଛି। ପୁଲିସ କାହିଁକି ନିକିତାଙ୍କୁ (୯ ପୃଷ୍ଠାରେ)

### ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

# ରାଜ୍ୟରେ ରହିବେନି ଭୂମିହୀନ

- ଦୁର୍ନୀତିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନି
- ଜନସେବାରେ ସମର୍ପଣ ଆପଣଙ୍କ ମାନଦଣ୍ଡ

ଭୁବନେଶ୍ୱର, ୪।୬ (ସବ୍ୟୁ) : ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ଆମ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ଆପଣ ସମସ୍ତେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ । ଆପଣଙ୍କ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାରେ କହିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡିଶାରେ କେହିବି ଭୂମିହିନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ। ତେଣୁ, ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁ କରିବା ପାଇଁ ଆପଣମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ଲୋକଙ୍କ ସରକାର ହିସାବରେ ଲୋକ ଏବଂ ସରକାରଙ୍କ ବ୍ୟବଧାନ କମାଇବା ଦରକାର । ନ୍ୟାୟ ପ୍ରଦାନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆମ ସରକାର ଆସିବାର କିଛି ଦିନ ଭିତରେ ଏକ ବାତ୍ୟାର ସମ୍ମୁଖୀନ ହୋଇଥିଲୁ। ମୁଁ ସନ୍ତୋଷ ସହକାରେ କହିବାକୁ ଚାହେଁ ଯେ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ବାତ୍ୟା "ଦାନାଦଦର ସଫଳ ମୁକାବିଲା କରାଯାଇଛି । 'ଜିରୋ କାଜୁଆଲ୍‌ଟି ଅଭିଯାନକୁ ସାକାର କରିବା ପାଇଁ ପ୍ରାୟ (୯ ପୃଷ୍ଠାରେ)

# ମାର୍ଚ୍ଚ ୨୦୨୭ରୁ ଦେଶବ୍ୟାପୀ ଜନଗଣନା

ନୂଆଦିଲ୍ଲୀ, ୪।୬ : କେନ୍ଦ୍ର ସରକାର ଜାତୀୟ ସ୍ତରରେ ଜନଗଣନା ୨୦୨୭ ମାର୍ଚ୍ଚ ପହିଲାରୁ ଆରମ୍ଭ କରିବେ। ଏହା ଦୁଇ ପର୍ଯ୍ୟାୟରେ ହେବ ବୋଲି ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ପ୍ରଥମ ଥର ପାଇଁ ଜାତିଗତ ଜନଗଣନା କରାଯିବ।

ବିଜ୍ଞପ୍ତି ଅନୁଯାୟୀ ଦୁଇ ପର୍ଯ୍ୟାୟରେ ଜନଗଣନା ହେବ ଓ ୨୦୨୭ ମାର୍ଚ୍ଚ ପହିଲାକୁ ଏହାର ସ୍ଥିରୀକୃତ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ପାର୍ବତ୍ୟାଞ୍ଚଳ ଓ ବରଫ ପଡୁଥିବା ଅଞ୍ଚଳ ଗୁଡ଼ିକରେ ଆଗୁଆ ଜନଗଣନା କରାଯିବ। ୨୦୨୬ ଅକ୍ଟୋବର ପହିଲାରୁ ଏହା ଆରମ୍ଭ ହେବ।୨୦୨୭ ଜନଗଣନା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଜାତୀୟ ଜନଗଣନା ପ୍ରକ୍ରିୟାରେ ପ୍ରଥମ ଥର ଲାଗି ଜାତିକୁ ସାମିଲ କରାଯାଉଛି। ବିଭିନ୍ନ ବିରୋଧୀ ରାଜନୈତିକ ଦଳର ଦୀର୍ଘ ଦିନର ଦାବି ପରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ନୀତି ନିର୍ଦ୍ଧାରଣ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ସଠିକ୍ ଭାବେ ହୋଇପାରିବ। ୨୦୧୧ରେ ଶେଷ ଥର ପାଇଁ ଜନଗଣନା ହୋଇଥିଲା। ୨୦୧୦ରେ ଘର ଗୁଡ଼ିକର ତାଲିକା କରାଯାଇ ଚୂଡାନ୍ତ ତାଲିକା ୨୦୧୧ରେ ପ୍ରକାଶ ପାଇଥିଲା। ତଦନୁଯାୟୀ ଭାରତର ଜନସଂଖ୍ୟା ୧୨୧ କୋଟି ଥିଲା ଓ ଅଭିବୃଦ୍ଧି ହାର ୧୭.୭% ଥିଲା। ତେବେ କୋଭିଡ ଯୋଗୁ ଜନଗଣନା ହୋଇପାରିନଥିଲା। ଫଳରେ ଏହା ୨୦୨୧ରୁ ଏବେ ୨୦୨୭ ଯାଏ ଘୁଞ୍ଚି ଯାଇଛି। ଜନଗଣନା ପରେ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ ହୋଇପାରେ ବୋଲି ଆଶା କରାଯାଉଛି। ସିଧା ସିଧା କହିବାକୁ ଗଲେ ସମ୍ପୂର୍ଣ୍ଣ ଜନସଂଖ୍ୟା ତଥ୍ୟକୁ ନେଇ ଲୋକସଭା ଓ ବିଧାନସଭା ଆସନର ସୀମା ପୁଣି ନିର୍ଦ୍ଧାରଣ ହେବ ଓ ଏହା ବଢ଼ିବ। ପ୍ରତି ଜନଗଣନା ପରେ ସମ୍ବିଧାନ ବ୍ୟବସ୍ଥା ଅନୁଯାୟୀ ଏହା କରାଯାଇଥାଏ। ୧୯୩୬ରେ ଆସନଗୁଡ଼ିକର ପୁନଃ ଆବଣ୍ଟନ କରାଯାଇଥିଲା। ଏହାପରେ ସରକାର ଜନସଂଖ୍ୟା ନିୟନ୍ତ୍ରଣ ଲାଗି ପଦକ୍ଷେପ ନେଇଥିଲେ। ଅଧିକାଂଶ ରାଜ୍ୟ ଜନ୍ମ ହାରକୁ କମାଇଥିଲେ। ବିଶେଷକରି ଉତ୍ତର ଭାରତ ରାଜ୍ୟଗୁଡ଼ିକ ଏଥିରେ ବେଶ୍ ସଫଳତା ପାଇଥିଲେ। ୧୯୭୧ ଜନଗଣନା ଅନୁଯାୟୀ ଲୋକସଭା ଆସନ ୫୪୩ ରହିଛି। ତେବେ ସୀମା ପୁନଃ ନିର୍ଦ୍ଧାରଣ ହେଲେ ଏହା ୮୪୮କୁ ବଢ଼ିବ ବୋଲି ଆଶା କରାଯାଉଛି। ଜନସଂଖ୍ୟା ଆଧାରରେ ପୁନଃ ନିର୍ଦ୍ଧାରଣ କରାଯାଇ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ପ୍ରାୟ ୩୧ରୁ ଅଧିକ ଆସନ ପାଇବେ। ସେହିଭଳି ତାମିଲନାଡୁ, କେରଳ, ଆନ୍ଧ୍ର ୨୬ ଆସନ ହରାଇ ପାରନ୍ତି। ଏହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିରୋଧ କରୁଛନ୍ତି। ତେଲେଙ୍ଗାନାର ଭାରତୀୟ ଜନସଂଖ୍ୟାର ୨.୮% ଥିବାବେଳେ ଜାତୀୟ ଜିଡିପିକୁ ଏହାର ଅବଦାନ ୫.୨% ରହିଛି।



# କାଳବୈଶାଖୀ ରଚିଲା ତାଣ୍ଡବ



ଭୁବନେଶ୍ୱର, ୪।୬ (ସବ୍ୟୁ) : ରାଜ୍ୟର କାଳବୈଶାଖୀ ତାଣ୍ଡବ ରଚିଛି । ସକାଳେ ପ୍ରବଳ ଗୁଳୁଗୁଳି ଓ ଗରମ କଲବଲ କରିଥିବାବେଳେ ଅପରାହ୍ନରେ ବର୍ଷା ଦେଇଛି ଆଶ୍ୱସ୍ତି । ତାତିରୁ ତ୍ରାହି ମିଳିଛି । ଖୋର୍ଦ୍ଧା ଜିଲ୍ଲା ସମେତ ପୁରୀ, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ କେନ୍ଦ୍ରାପଡ଼ାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି । ଝଡ଼ ତୋଫାନରେ କେତେକ ସ୍ଥାନରେ ଗଛ ଉପୁଡ଼ିବା ସହ ଘରର ଛପର ଉଡ଼ିଯାଇଛି । ଏପରିକି ତଳିଆ ଅଞ୍ଚଳରେ ଜଳମଗ୍ନ ହେବା ସହ ଟ୍ରାଫିକ୍ ସମସ୍ୟା ଉପୁଜିଛି ।

ପାଣିପାଗ ବିଭାଗର କହିବା ଅନୁଯାୟୀ, ଆଜି (ବୁଧବାର) ଦିନତମାମ ଗୁଳୁଗୁଳି କଲବଲ କରିଥିଲା । ଅପରାହ୍ନ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ଜୋର୍‌ରେ ପବନ ବହିବା ସହ ଭୟଙ୍କର ବଜ୍ରପାତ ହୋଇଥିଲା । ଭୁବନେଶ୍ୱରରେ ପବନର ବେଗ ଘଣ୍ଟା ପ୍ରତି ୬୭ କିମି ରହିଥିଲା । ଭୁବନେଶ୍ୱରରେ ଆଜି ସାଢ଼େ ୨ଟା ସମୟରେ ତାପମାତ୍ରା ୩୮.୬ ଡିଗ୍ରୀ ଥିବାବେଳେ ବର୍ଷା ପରେ ଅର୍ଥାତ ସାଢ଼େ ୫ଟା ବେଳକୁ ତାପମାତ୍ରା ହଠାତ ୧୪ ଡିଗ୍ରୀ ତଳକୁ ଖସିଆସିଥିଲା । ଏହି ସମୟରେ ତାପମାତ୍ରା ୨୬.୬ ଡିଗ୍ରୀ ରେକର୍ଡ଼ ହୋଇଥିଲା ।

ବୁଧବାର ଅପରାହ୍ନ ୨ଟାରୁ ସନ୍ଧ୍ୟା ସଢ଼େ ୫ଟା ସୁଦ୍ଧା ଭୁବନେଶ୍ୱରରେ ସର୍ବାଧିକ ୪୩.୮ ମିମି ବର୍ଷା ହୋଇଥିବା (୯ ପୃଷ୍ଠାରେ)

# ବିଶ୍ୱ ପରିବେଶ ଦିବସ



ପ୍ରତିମାସ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି । ୧୯୭୩ ମସିହାରୁ ଦୀର୍ଘ ୪୯ ବର୍ଷ ଧରି ଏହି ଦିବସ ପାଳିତ ହେଉଛି । ଏହି ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ପରିବେଶ ପ୍ରତି ସକରାତ୍ମକ ଜନଜାଗ୍ରତତା ସୃଷ୍ଟି କରିବା ଏବଂ ପରିବେଶର ସୁରକ୍ଷା କରିବା । ୧୯୭୩ ମସିହାରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ସାମୁଦ୍ରିକ ପ୍ରଦୂଷଣ, ଅଧିକ ଜନସଂଖ୍ୟା, ଗ୍ଲୋବାଲ୍ ୱାର୍ମିଂ, ସ୍ଥାୟୀ ବିକାଶ ଏବଂ ବନ୍ୟଜନ୍ତୁ ଅପରାଧ ଭଳି ପରିବେଶ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏହା ଏକ ପ୍ଲାଟ୍‌ଫର୍ମ ରୂପେ କାର୍ଯ୍ୟ କରୁଛି । ଏହି ପ୍ଲାଟ୍‌ଫର୍ମକୁ ସମର୍ଥନ ଜଣାଇ ପ୍ରତିବର୍ଷ ୧୪୩ଟି ଦେଶ ଏହି ଦିବସକୁ ପାଳନ କରୁଛନ୍ତି । ଯୁକ୍ତରାଷ୍ଟ୍ରସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଦିବସ ପାଳନ କରାଯାଉଛି । ଏହାକୁ ବହୁ ବେସରକାରୀ ଅନୁଷ୍ଠାନ, ବ୍ୟବସାୟିକ ଅନୁଷ୍ଠାନ, ସରକାରୀ ସଂସ୍ଥାଗୁଡିକ ପକ୍ଷରୁ ସମର୍ଥନ ମିଳିଛି । ମାନବ ପରିବେଶକୁ ନେଇ ୧୯୭୨ ମସିହା ଜୁନ୍ ୫ ତାରିଖରୁ ଯୁକ୍ତରାଷ୍ଟ୍ରସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଯୁକ୍ତରାଷ୍ଟ୍ରସଂଘର ଆସେମ୍ଲି ଦ୍ୱାରା ୧୯୭୨ ମସିହାରେ ଏହି ଦିବସକୁ ପ୍ରତିଷ୍ଠା କରାଯାଇଥିଲା । ଏହାର ଠିକ୍ ବର୍ଷେ ପରେ ୧୯୭୩ ମସିହାରେ କେବଳ ଗୋଟିଏ ପୃଥିବୀ ଶୀର୍ଷକ ଥିମ୍ ଉପରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳିତ ହେଲା ।

## ଇତିହାସ

୧୬୫୯– ମୋଗଲ ଶାସକ ଔରଙ୍ଗଜେବ ଅଧିକାରିକ ସ୍ତରରେ ଦିଲ୍ଲୀ ରାଜସିଂହାସନ ଉପରେ ବିରାଜମାନ ହେଲେ ।

୧୯୫୩– ଡେନ୍‌ମାର୍କରେ ନୂତନ ସମ୍ବିଧାନ ଲାଗୁ ହୋଇଥିଲା ।

୧୯୬୭– ଇସରାଇଲ୍ ମିସ୍ର ଉପରେ ଆକ୍ରମଣ କରି ଏହାର ପ୍ରାୟ ୪୦୦ ଯୁଦ୍ଧ ବିମାନ ନଷ୍ଟ କରିଥିଲା ।

୧୯୬୮– ଆମେରିକାର ଲସ୍ ଆଞ୍ଜେଲ୍‌ସର ଏକ ହୋଟେଲ୍‌ରେ ଲୋକପ୍ରିୟ ଆମେରିକୀୟ ସାଂସଦ ରବର୍ଟ କେନେଡିଙ୍କ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀଙ୍କୁ ତତ୍କାଳ ଧରିନିଆଯାଇଥିଲା ଏବଂ ଆଜୀବନ କାରାବାସ ଦଣ୍ଡ ଶୁଣାଯାଇଥିଲା ।

୧୯୭୨– ଭାରତୀୟ ରାଜନୀତିଜ୍ଞ ଯୋଗୀ ଆଦିତ୍ୟନାଥଙ୍କ ଜନ୍ମ ।

୧୯୮୪– ପଞ୍ଜାବର ଅମୃତସରରେ ଶିଖ୍ ଧାର୍ମିକସ୍ଥଳୀ ସ୍ୱର୍ଣ୍ଣ ମନ୍ଦିରରେ ଭାରତୀୟ ସେନା ବ୍ଲୁ–ଷ୍ଟାର୍ ଅପରେଶନ୍ କରିଥିଲେ ।

୧୯୮୮– ପ୍ରଥମ ରାଷ୍ଟ୍ରୀୟ କ୍ୟାନ୍‌ସର ଉତ୍ତରଜୀବୀ ଦିବସ ଆୟୋଜିତ ହୋଇଥିଲା ।

୨୦୦୦– ପ୍ରଥମ କ୍ଷୁଦ୍ର ଫିଲ୍ମ ୪୦୫ ଦି ମୁଭିକୁ ଇଣ୍ଟରନେଟ୍‌ରେ ଜାରି କରାଯାଇଥିଲା ।

୨୦୧୩– ନୱାଜ୍ ଶରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।

୨୦୧୩– ବିହାରରେ ଘଡଘଡି ସହ ବର୍ଷାରେ ୪୪ ଜଣ ମୃତ୍ୟୁବରଣ କରିଥିଲେ ।

# ଆତ୍ମସମୀକ୍ଷା ଜରୁରୀ

ଅନେକ ସମୟରେ ଲୋକମାନେ ନିଜକୁ ସମୀକ୍ଷା କରିବାକୁ ଭୁଲି ଯାଆନ୍ତି । ହେଲେ ଜୀବନରେ ସୁଖ ଓ ଶାନ୍ତିରେ ରହିବାକୁ ହେଲେ ଆତ୍ମ ସମୀକ୍ଷାର ଆବଶ୍ୟକତା ରହିଛି । ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ଦିନରେ ଯାହା କରନ୍ତି ସେ ନେଇ ନଭାବି ରାତିରେ ଶୋଇ ଯାଆନ୍ତି । ସେମାନେ କେବେ ବି ଭାବନ୍ତି ନାହିଁ କି ସେମାନେ ଆଜି କଣ ଭୁଲ କଲେ ଏବଂ ଏହାକୁ ଠିକ୍ କିପରି କରାଯାଇ ପାରିବ । ତେବେ କିଛି ଲୋକ ଏଭଳି ଥାଆନ୍ତି କି ସେମାନେ ଜାଣି ହିଁ ପାରନ୍ତି ନାହିଁ କି ସେମାନେ ଭୁଲ କରୁଛନ୍ତି କି ନାହିଁ । ତେବେ ଏସବୁ ସମସ୍ୟା ଏକ ମାତ୍ର ସମାଧାନ ଆତ୍ମ ସମୀକ୍ଷା । ତେଣୁ ସବୁଦିନ ଆତ୍ମ ସମୀକ୍ଷା କରିବାକୁ ଚେଷ୍ଟା କରନ୍ତୁ, ଯାହା ଫଳରେ ଆପଣ ନିଜକୁ ଆହୁରି ସୁଧାରି ପାରିବେ ।



ପ୍ରତିଦିନ ନିଜକୁ ଆହୁରି ଭଲ କରିବାର ଏହା ହେଉଛି ଖୁବ ଭଲ ପ୍ରୟାସ । ଆତ୍ମ ସମୀକ୍ଷାର ଅର୍ଥ ନିଜେ ନିଜକୁ ସମୀକ୍ଷା କରିବା । ନିଜର ଭାବନା, ନିଜର ବ୍ୟବହାର ଓ ନିଷ୍ପତ୍ତିର ସମୀକ୍ଷା କରିବା । ନିଜେ ଯେଉଁ ସବୁ କାର୍ଯ୍ୟ କରୁଛେ ସେଥିର କାହାର କଣ କ୍ଷତି ହେଉଛି କି ନାହିଁ ଏହା ହେଉଛି ଆତ୍ମ ସମୀକ୍ଷାର ଅର୍ଥ । ଆତ୍ମ ସମୀକ୍ଷା ଫଳରେ ଆମେ ନିଜକୁ ଆହୁରି ଭଲରେ ଜାଣିବାରେ ସକ୍ଷମ ହୋଇଥାଉ । ନିଜର ଭୁଲ ଠିକ୍ ବିଷୟରେ ଜାଣିବା ସହିତ ଏହାକୁ ସୁଧାରିବାକୁ ସକ୍ଷମ ହୋଇଥାଉ ।

# ଚିନିରୁ ରୁହନ୍ତୁ ଦୂରରେ

**ମିଠା ଅଧିକ ଖାଇବାକୁ ସମସ୍ତେ ମନା କରନ୍ତି । ମିଠା ଅଧିକ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ସେହିଭଳି ମିଠାଠାରୁ ଦୂରରେ ରହିଲେ ଆମର ଅନେକ ଫାଇଦା ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଫାଇଦା ସମ୍ପର୍କରେ ।**

**ଓଜନ ହ୍ରାସ–** ଚିନିର ସିଧା ପ୍ରଭାବ ଆମର ଓଜନ ଉପରେ ପଡିଥାଏ । ଚିନି କମ ଖାଇଲେ ଆମ ଓଜନ ହ୍ରାସ ହେବାରେ ଲାଗିଥାଏ । ତେଣୁ ଯଦି ଆପଣ ସୁଗାର ଫ୍ରି ଡାଏଟ୍ ଖାଉଛନ୍ତି, ତେବେ ଆପଣ ମେଦ ବହୁଳତାରୁ ବହୁତ ଦୂରରେ ରହିବେ ।



**ହାଇ ଏନର୍ଜି ଲେବଲ୍–** ଅଧିକ ମିଠା ଖାଇଲେ ଏନର୍ଜି ଲେବଲ ଅଧିକ ରହିଥାଏ ହେଲେ ଏହା ଖୁବ ଶୀଘ୍ର ଆପଣଙ୍କୁ ଥକାଇ ମଧ୍ୟ ଦେଇଥାଏ । ତେଣୁ ଏକ ନିର୍ଦ୍ଧାରିତ ଏନର୍ଜି ଲେବଲ ପାଇଁ ସୁଗାର ଫ୍ରି ଡାଏଟ୍ ଫଲୋ କରନ୍ତୁ । ଏହା ଆପଣଙ୍କୁ ଦିନ ସାରା ଏନର୍ଜେଟିକ୍ ରଖିବ ।

**ହେଲଦି ସ୍କିନ୍–** ଯଦି ଆପଣଙ୍କର ସ୍କିନ୍‌ରେ ସବୁବେଳେ ବ୍ରଣ, ଦାଗ ଆଦି ସମସ୍ୟା ଦେଖିବାକୁ ମିଳୁଛି, ତେବେ ନିଜର ମିଠା ଖାଇବାର ପରିମାଣ କମାନ୍ତୁ । ଅଧିକ ମିଠା ଖାଇବା ଦ୍ୱାରା ସ୍କିନ୍ ଡଲ୍ ହେବା ସହ ବ୍ରଣ ହେବାର ସମ୍ଭାବନା ରହିଥାଏ । ତେଣୁ ସୁଗାର ଫ୍ରି ଡାଏଟ୍ ତ୍ୱଚାକୁ ସୁନ୍ଦର କରିବା ସହିତ ଉଜ୍ଜ୍ୱଳ ମଧ୍ୟ କରିଥାଏ ।

## ସୋସିଆଲ କୋଟ୍ସ



"ମୁଁ ଅଭିନୟ ପୂର୍ବରୁ ଜୀବନରେ ଅନେକ ଷ୍ଟ୍ରଗଲ ଦେଖିଛି । ବାପା ମା' ଖୁବ ଅସୁବିଧାରେ ମୋତେ ବଡ଼ କରିଛନ୍ତି । ତାଙ୍କ ତ୍ୟାଗ ଯୋଗୁ ଆଜି ଏଠାରେ ପହଞ୍ଚିଛି ।

**ବିଶାଲ ଜେଠୱା, ଅଭିନେତା**

"ସବୁବେଳେ ଦର୍ଶକଙ୍କୁ କିଛି ଭିନ୍ନ ଦେଖାଇବାକୁ ଚେଷ୍ଟା କରିଥାଏ । ସେହିଭଳି ଅପକମିଂ ଫିଲ୍ମରେ ମଧ୍ୟ ଦର୍ଶକ ମୋର ଏକ ଭିନ୍ନ ଅବତାର ଦେଖିବେ । ଆଶା କରୁଛି ସେମାନଙ୍କୁ ଭଲ ଲାଗିବ ।

**ଶ୍ରେୟସ ତଲପଡ୍ରେ, ଅଭିନେତା**





"ବିଭୁ ରାଘବଙ୍କର ମୃତ୍ୟୁକୁ ବିଶ୍ୱାସ କରିହେଉ ନାହିଁ । ଖୁବ କମ ବୟସରେ ସେ ଆମକୁ ଛାଡି ଚାଲିଗଲେ । ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ।

**କରଣ ବୀର, ଅଭିନେତା**

# ସାପକାତି ଭଳି ଚର୍ମ

ଆନ୍ଧ୍ରପ୍ରଦେଶର ୨୧ ବର୍ଷୀୟ ଯୁବକ ପ୍ରଭୁ ପ୍ରସାଦ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁସାରେ ସେ ନିଜର ବିରଳ ରୋଗ ପାଇଁ ସମସ୍ତଙ୍କୁ ଦୃଷ୍ଟିକୁ ଆସିଛନ୍ତି । ପ୍ରଭୁଙ୍କୁ ଏକ ବିରଳ ରୋଗ ହୋଇଛି ଯେଉଁଥିରେ ତାଙ୍କ ଚର୍ମ ସାପ କାତି ଭଳି ହୋଇଯାଉଛି । ଏହା ଏକ ବିରଳ ଚର୍ମ ରୋଗ । ଏହି ରୋଗ କାରଣରୁ ତାଙ୍କୁ ଅନେକ ସମସ୍ୟା ହେଉଥିବା ସେ ପ୍ରକାଶ କରିଛନ୍ତି । ଏହି ସମସ୍ୟା କାରଣରୁ ତାଙ୍କୁ ପ୍ରତି ଘଣ୍ଟାରେ ଗାଧୋଇବାକୁ ପଡିଥାଏ, ଯାହା ଫଳରେ ତାଙ୍କର ଶରୀରରେ ହେଉଥିବା ପୋଡାଜଳା କମିବ । ସେ ସୂର୍ଯ୍ୟକିରଣକୁ ଯିବା ମାତ୍ରେ ତାଙ୍କ ଶରୀରରେ ଏହି ପୋଡାଜଳା ସମସ୍ୟା ହୋଇଥାଏ, ଯେଉଁ କାରଣରୁ ସେ ଖୁବ କମ ବାହାରକୁ ବାହାରିଥାଆନ୍ତି । ତେବେ ଏହି ବିରଳ ରୋଗର ଡାକ୍ତରୀ ନାଁ ଇଥିଓସିସ୍, ଯାହା ଖୁବ ବିରଳ । ଏହି ସମସ୍ୟାରେ ପୀଡିତ ବ୍ୟକ୍ତିଙ୍କର ଚର୍ମ ସାପର କାତି ଭଳି ହୋଇଯାଇଥାଏ ।




# ୩୦ ଫୁଟିଆ ମାଛ



ଅନେକ ସମୟରେ ମତ୍ସ୍ୟଜୀବିଙ୍କୁ ଏଭଳି ମାଛ ମିଳିଥାଆନ୍ତି ଯେଉଁମାନେ ନିଜର ଓଜନ କିମ୍ବା ଆକାର ପାଇଁ ଖୁବ ଚର୍ଚ୍ଚାରେ ରହିଥାଆନ୍ତି । ସେହିଭଳି ଏକ ମାଛ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ତାମିଲନାଡୁରେ ମତ୍ସ୍ୟଜୀବିଙ୍କୁ ମିଳିଛି ୩୦ ଫୁଟର ଏକ ମାଛ । ଏହି ବିରଳ ମାଛର ନାଁ ହେଉଛି ଓଆରଫିସ୍, ଯାହା ନିଜର ଆକାର ପାଇଁ ପରିଚିତ । ଏହି ମାଛକୁ ଅନେକ ଲୋକକଥା ମଧ୍ୟ ରହିଛି । ଜାପାନରେ ଏହି ମାଛକୁ ପ୍ରାକୃତିକ ବିପର୍ଯ୍ୟୟ ସହିତ ଯୋଡା ଯାଇଥାଏ । ଏହି ମାଛ ଦେଖାଗଲେ ଭୂମିକମ୍ପ କିମ୍ବା ସୁନାମି ଆସିବ ବୋଲି ସେମାନେ ବିଶ୍ୱାସ ରଖନ୍ତି । ତେବେ ଭାରତରେ ଏଭଳି କୌଣସି ଲୋକକଥା ନାହିଁ । ମାଛଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

# ସୁଜି ଲଡୁ



**ସାମଗ୍ରୀ :** ୨କପ୍ ସୁଜି, ୧ କପ୍ ଚିନି, ୧ କପ୍ କୋରା ନଡ଼ିଆ, ୩ଟି ଅଳେଇଚ, ୫୦ ଗ୍ରା. ଘିଅ, ୧୦ ଗ୍ରା. କାଜୁ, ୧୦ ଗ୍ରା. ପିସ୍ତା ବାଦାମ, ୧୦ ଗ୍ରା. କିସ୍‌ମିସ୍, ଅଧା କପ୍ ଗରମ କ୍ଷୀର ।


**ପ୍ରଣାଳୀ :** ଗୋଟିଏ ପାତ୍ରରେ ଘିଅ ଦେଇ ସୁଜିକୁ ଭଲଭାବେ ଭାଜି ପ୍ଲେଟକୁ କାଢ଼ି ଆଣନ୍ତୁ । କଡ଼େଇରେ ୪ ବଡ଼ ଚାମଚ ଘିଅ ଦେଇ କାଜୁ, ପିସ୍ତା ବାଦାମ ଓ କିସ୍‌ମିସ୍‌କୁ ଭାଜି ପ୍ଲେଟକୁ କାଢ଼ି ଆଣନ୍ତୁ । କଡ଼େଇରେ ଥିବା ଘିଅରେ କୋରା ନଡ଼ିଆକୁ ଭଲ ଭାବେ ଭାଜି ଦିଅନ୍ତୁ । ଗୋଟିଏ ବାଉଲ୍‌ରେ ପ୍ରଥମେ ଗରମ ସୁଜିକୁ ଢ଼ାଳି ଦିଅନ୍ତୁ । ତାପରେ ଚିନି, ଅଳେଇଚଗୁଣ୍ଡ, କିସ୍‌ମିସ୍, କାଜୁ ଛୋଟ ଛୋଟ ଖଣ୍ଡ କରି ମିଶାଇ ଦିଅନ୍ତୁ । ସମସ୍ତ ଉପାଦାନକୁ ଭଲ ଭାବେ ମିଶାଇ ଘିଅ ୨ ଚାମଚ ଓ ଗରମ କ୍ଷୀର ଅଧା କପ୍ ମିଶାଇ ଲଡୁ ତିଆରି କରନ୍ତୁ । ଏହାକୁ ପିସ୍ତା ବାଦାମ ସହିତ ସଜାଇ ପରିବେଷଣ କରନ୍ତୁ ।

**ଅପର୍ଣ୍ଣା ନାୟକ, ନୂଆଦିଲ୍ଲୀ**

# ଗର୍ଭାବସ୍ଥାରେ ଲଢ଼ିଥିଲେ ମୃତ୍ୟୁ ସହ



ବଲିଉଡ ଅଭିନେତ୍ରୀ ଦିୟା ମିର୍ଜା ନିକଟରେ ନିଜର ମା' ହେବାର ଅନୁଭବ ବଖାଣିଛନ୍ତି । ଏହି ସମୟରେ ସେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରିଥିବା ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଦିୟା ମିର୍ଜା ୩୯ ବର୍ଷରେ ନିଜ ପୁଅ ଅୟାନ୍ ଆଜାଦ୍‌ଙ୍କୁ ଜନ୍ମ ଦେଇଛନ୍ତି । ହେଲେ ତାଙ୍କର ପ୍ରେଗ୍ନାସୀ ଜର୍ଣ୍ଣି ଖୁବ କଷ୍ଟକର ଥିଲାବୋଲି ଦିୟା ପ୍ରକାଶ କରିଛନ୍ତି । ଗର୍ଭାବସ୍ଥାରେ ହିଁ ତାଙ୍କର ଆପେଣ୍ଡିକ୍ସର ସର୍ଜରୀ ହୋଇଥିଲା । ତେବେ ଏହି ଅସ୍ତ୍ରପୋଚାର ପରେ ତାଙ୍କର ଖୁବ ଭୟଙ୍କର ସଂକ୍ରମଣ ମଧ୍ୟ ହୋଇଯାଇଥିଲା । ଯାହା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ବେଶି ଖରାପ କରିଥିଲା । ଏହାସହ ଅନ୍ୟାନ ସମସ୍ୟା ମଧ୍ୟ ରହିଥିଲା ଯାହା ତାଙ୍କର ଓ ତାଙ୍କ ଶିଶୁର ଜୀବନ ପାଇଁ ବିପଦ ସୃଷ୍ଟି କରିଥିଲା । ହେଲେ ଦିୟାଙ୍କର ଡାକ୍ତର ଉଭୟଙ୍କ ସୁରକ୍ଷିତ ରଖିଥିଲେ । ସୂଚନା ଅନୁସାରେ ୨୦୨୧ରେ ଦିୟା ବ୍ୟବସାୟୀ ବୈଭବ ରେଖୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ।




### ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

# ୨୫୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଢେଙ୍କାନାଳ ,(ସବ୍ୟୁ) ଢେଙ୍କାନାଳ ଜିଲ୍ଲାକୁ ଦିନିକିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଆସି ୨୩ଟି ପ୍ରକଳ୍ପର ଶିଳାନ୍ୟାସ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସହର ନିକଟସ୍ଥ ବନମାଳୀପ୍ରସାଦ ନିକଟରେ ୧୨୦କୋଟି ଟଙ୍କା ବ୍ୟୟରେ ବାଜିରାଉତ ସ୍ପୋର୍ଟସ ହବ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଗସ୍ତ ଅବସରରେ ବିଶାଳ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲାର ବିକାଶ ପାଇଁ ୨୩ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସହିତ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ସହିତ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟସ ହବ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଜିଲ୍ଲାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ସେମାନଙ୍କର ଅବଦାନକୁ ମନେପକାଇଥିଲେ। ଆଜି ଢେଙ୍କାନାଳ ଜିଲ୍ଲାପାଇଁ ଗୌରବର ବିଷୟ ବୋଲି କହିବା ସହିତ ଆଜି ୪ ହଜାର କୋଟି ଟଙ୍କାର ନୂତନ କମ୍ପାନୀର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଆଗାମୀ ଦିନରେ ଜିଲ୍ଲାପାଇଁ ୫୦ ହଜାର କୋଟି ଟଙ୍କାର ପ୍ରକଳ୍ପ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୁଣା ମେଡିକାଲକୁ ବାଜିରାଉତ ସିଟି ହସ୍ପିଟାଲ ଘୋଷଣା କରାଯାଇଛି,ଏହା ଯଥାଶିଘ୍ର କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ପୂର୍ବ ସରକାର ଯୋରନ୍ଦା ମହିମାଗାଦୀର ବିକାଶ ପାଇଁ ଟଙ୍କା ଅନୁମୋଦନ କରିନଥିବା ବେଳେ ତାଙ୍କ ସରକାର ଯୋରନ୍ଦାର ବିକାଶପାଇଁ ୧୭୧କୋଟି ୧୧ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି। ସେହିପରି ଶୂନ୍ୟ ମନ୍ଦିର ନିର୍ମାଣ ସହିତ ତା ଉପରେ ଅନ୍ୟ ଏକ ଭବ୍ୟମନ୍ଦିର ନିର୍ମାଣ କରାଯିବ ବୋଲି କହିଥିଲେ। ଯୁବପିଢୀମାନେ ଯେପରି ଜିଲ୍ଲା ତଥା ରାଜ୍ୟ ବାହାରକୁ ନଯିବେ ସେଥିପାଇଁ ମେକ ଇନ ଓଡିଶା କନକ୍ଲେଭ ଜରିଆରେ ନିବେଶକ ମାନଙ୍କୁ ଆହ୍ୱାନ କରାଯାଇଥିଲା। ଫଳରେ ଜିଲ୍ଲାରେ ଶିଳ୍ପପତି ମାନେ ନିବେଶ କରିବାକୁ ଆଗେଇ ଆସିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ

### ୧୨୦କୋଟି ଟଙ୍କା ବ୍ୟୟରେ ହେବ ବାଜି ରାଉତ ସ୍ପୋର୍ଟସ ହବ

ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବାଜି ରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ ଜିଲ୍ଲାର ଗର୍ବ ବୋଲି କହିବା ସହିତ ଜିଲ୍ଲାକୁ ୱାରୀ,ଆଇଓନକ୍ସ ୱିଙ୍ଗସ,କଲ୍ୟାଣି ଭଳି ଶିଳ୍ପ କାରଖାନା ଆସିବା ଦ୍ୱାରା ନିଯୁକ୍ତି ସୃଷ୍ଟି ହେବ ଓ ଜିଲ୍ଲାର ବିକାଶ ହେବ ବୋଲି କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଢେଙ୍କାନାଳର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ । ଜିଲ୍ଲାକୁ ୱରୀ କାରଖାନା ସହିତ ଆଇଓନକ୍ସ ସୋଲାର, ଭଳି କାରଖାନାରେ ୪ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି କହିଥିଲେ ଏବଂ ୩ ହଜାର ନିଯୁକ୍ତି ସୃଷ୍ଟି ହେବ। କଲ୍ୟାଣୀ ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରି ଦ୍ୱାରା ୨୬ହଜାର ୮୩୦କୋଟି ଟଙ୍କା ବିନିଯୋଗ କରାଯିବା ସହିତ ୧୨ ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ସେ କହିଥିଲେ । ସାଂସଦ ରୁଦ୍ର ନାରାୟଣ ପାଣି ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟୀକା ସୀମାରାଣୀ ନାୟକ,କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା,ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସହିତ ବହୁନେତା ଏବଂ କର୍ମୀ ଉପସ୍ଥିତ ରହିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଢେଙ୍କାନାଳ ପୌରପରିଷଦର ଅଧକ୍ଷାଙ୍କ ସମେତ ସମସ୍ତ କାଉନ୍‌ସିଲରମାନେ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାରେ ଚାଷୀ ଓ ଫଳ ବ୍ୟବସାୟୀମାନେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ ।

### ଯୁବତୀଙ୍କ ଫଟୋ, ଭିଡିଓ ଭାଇରାଲ ଧମକ

# ଗହଣା, ଟଙ୍କା ନେଇଥିବା ଦୁଇ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବାଲିଅନ୍ତା ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗହଣା ଜବତ କରିଛି । ଗୋଟିଏ ଚେନ୍ ଓ ଗୋଟିଏ ବ୍ରାସ୍‌ଲେଟ୍ ସହ ୧୫ ହଜାର ଟଙ୍କା ଗିରଫ ଦୁଇଜଣଙ୍କ ନିକଟରୁ ମିଳିଥିବା ପୋଲିସ କହିଛି । ଜବତ ଗହଣାକୁ ଏତଲାକାରୀଙ୍କୁ ଦିଆଯାଇଛି । ଗିରଫ ଜଣେ ଅଭିଯୁକ୍ତ ଏତଲାକାରୀଙ୍କ ଝିଅର ଆପତ୍ତିଜନକ ଫଟୋ ଓ ଭିଡିଓକୁ ଭାଇରାଲ କରାଇ ଦେବାକୁ ଧମକ ଦେଇ ଗହଣା ଓ ୨୦ ହଜାର ଟଙ୍କା ନେଇଥିଲା ।

ବିକ୍ରମ ପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ଜଣାପଡିଲା ଯେ, ଗିରଫ ହୋଇଥିବା ପବିତ୍ର ବାରିକ ଓ ରାଜା ନାମକ ଅଭିଯୁକ୍ତ କିଛିବର୍ଷ ତଳେ ଏତଲାକାରୀଙ୍କ ଘରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲା । ତାଙ୍କ ପାଖରେ ଚାକିରି କରୁଥିବା ସମୟରେ ଅଭିଯୁକ୍ତ ପବିତ୍ର ଏତଲାକାରୀଙ୍କ ଝିଅଙ୍କ ସହିତ ବନ୍ଧୁତା କରିଥିଲେ । ଏହା ଝିଅର ବାପା ବିକ୍ରମ ଜାଣିବା ପରେ ଡ୍ରାଇଭରକୁ ଗାଳିଗୁଲଜ କରିବା ସହ ଚାକିରିରୁ ବାହାର କରିଦେଇଥିଲେ ।

ଚାକିରିରୁ ବିଦା ହେବା ପରେ ମଧ ସେ ତାଙ୍କ ଝିଅ ସହ ଫୋନ୍‌ରେ କଥା ହେଉଥିଲା । ପାଖରେ ରଖିଥିବା ଫଟୋ ଓ




ଭିଡିଓକୁ ଭାଇରାଲ କରିବାର ଧମକ ଦେଇ ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଆଣି ତାଙ୍କୁ ଦେବା ଲାଗି ଚାପ ପକାଇଥିଲା । ଉପାୟଶୂନ୍ୟ ହୋଇ ଏତଲାକାରୀଙ୍କ ଝିଅ ଗତ ୧ ତାରିଖ ଦିନ ଘରୁ ଏକ ସୁନା ବ୍ରେସ୍‌ଲେଟ୍, ସୁନା ଚେନ୍ ଏବଂ ୨୦ ହଜାର ଟଙ୍କା ଆଣି ଅଭିଯୁକ୍ତ କବିତ୍ର ବାରିକ ଓ ତା'ର ଜଣେ ବନ୍ଧୁ ଅଭି ଓରଫ ଲିପୁ ଓରଫ ଅଭିଷେକ ପଟ୍ଟନାୟକଙ୍କୁ ଦେଇଥିଲା । ଏହି ସୁନା ଗହଣା ଓ ଟଙ୍କା ଘରେ ନମିଳିବାରୁ ଏତଲାକାରୀ ତାଙ୍କ ଝିଅକୁ ସନ୍ଦେହ କରି ପଚରାଉଚରା କରିଥିଲେ । ଘଟିଯାଇଥିବା ସମସ୍ତ ଘଟଣା ଝିଅ ବାପାଙ୍କ ନିକଟରେ କହିଥିଲା । ଝିଅ ନିକଟରୁ ଗହଣା ସମ୍ପର୍କରେ ଜାଣିବା ପରେ ବିକ୍ରମ ପାତ୍ର ବାଲିଅନ୍ତା ଥାନାରେ ଏତଲା କରିଥିଲେ ।

ପୋଲିସ ମାମଲାର ତଦନ୍ତ କରି ପବିତ୍ର ବାରିକ (୨୪) ଓ ଅଭିଷେକ ପଟ୍ଟନାୟକ (୨୪)ଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଆଜିଠୁ ଡେଙ୍ଗୁ ପାଇଁ ବିଏମ୍‌ସିର ଡ୍ରାଏ ଡେ'

# ଟ୍ରାଫିକ ପୋଷ୍ଟରେ ହେବ ଡେଙ୍ଗୁ ସଚେତନତା

ଭୁବନେଶ୍ୱର(ସବ୍ୟୁ): ଆସନ୍ତାକାଲି(ଗୁରୁବାର)ଠୁ ବିଏମସି ପାଳିବ ଡ୍ରାଏ ଡେ । ଡେଙ୍ଗୁ ପ୍ରତିହତ ପାଇଁ ଏହି ଡ୍ରାଏ ଡେ ପାଳନ କରାଯିବ । ସମସ୍ତ ୱାର୍ଡରେ ଡ୍ରାଏ ଡେ ପାଳନ ନେଇ କର୍ପୋରେଟରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଚଳିତବର୍ଷ ଅଧିକ ସଂଖ୍ୟକ ଷ୍ଟାଫ ନିୟୋଜିତ ରହିବେ । ବିଏମସିର ୭୦ କର୍ମଚାରୀ ବିଭିନ୍ନ ୱାର୍ଡରେ ବୁଲି ତେଲ ସ୍ପ୍ରେ କରିବେ । ୱାର୍ଡରେ ବୁଲୁଥିବା ସଫେଇ ଗାଡ଼ି ମାଧ୍ୟମରେ ସଚେତନତା କରାଯିବ । ଏହାସହ ଟ୍ରାଫିକ ପୋଷ୍ଟରେ ମଧ ଡେଙ୍ଗୁ ସଚେତନତା କରିବ ବିଏମସି ।

ଭୁବନେଶ୍ୱର ମହାନଗର ନିଗମ(ବିଏମସି) ମେୟର ସୁଲୋଚନା ଦାସ କହିଛନ୍ତି, ଲୋକମାନେ ଯେତେ ସଚେତନ ହେବେ, ଡେଙ୍ଗୁ ସେତେ ଦୂରେଇବ । ତେଣୁ ସଫା ସୁତୁରାକୁ ଗୁରୁତ୍ୱ ଦେବା ଦରକାର । ଯେଉଁଠି ବର୍ଷା ପାଣି ଜମି ରହିବ ସେଇଠି ମଶା ଲାର୍ଭା ରହିଯାଆନ୍ତି । ଏଣୁ ସେସବୁରେ ଧ୍ୟାନ ଦେଇ କିପରି ପାଣି ନଜମିବ ସେନେଇ ସମସ୍ତଙ୍କୁ ସଚେତନ ରହିବାକୁ ନିବେଦନ କରୁଛୁ ।



ପ୍ରତିବର୍ଷ ବିଶେଷ କରି ବର୍ଷା ଦିନେ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇଥାଏ । ରାଜଧାନୀ ଭୁବନେଶ୍ୱରରେ ଅସମ୍ଭାଳ ହୋଇଯାଏ ଡେଙ୍ଗୁ ସ୍ଥିତି। ଯାହାକୁ ନଜରରେ ରଖି ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଆଗୁଆ ସବୁ ପ୍ରକାର ପଦକ୍ଷେପ ନେଉଛି ବିଏମସି । ଡେଙ୍ଗୁ ପ୍ରତିହତ ନେଇ ସଚେତନ କରାଯିବ । ସଫେଇ ଗାଡ଼ି ମାଧ୍ୟମରେ ସଚେତନତା ଅଭିଯାନ କରିବ ବିଏମସି । ସମସ୍ତ ୱାର୍ଡରେ ବୁଲୁଥିବା ସଫେଇ ଗାଡି ଗୁଡିକୁ ଡେଙ୍ଗୁ ସଚେତନତାରେ ବ୍ୟବହାର କରାଯିବା ସହ ସମସ୍ତ ଟ୍ରାଫିକ ପୋଷ୍ଟରେ ଡେଙ୍ଗୁକୁ ନେଇ ସଚେତନ କରାଯିବ । ଏହାସହ ଗତବର୍ଷ ଯେଉଁ ୱାର୍ଡଗୁଡିକରେ ଅଧିକ ସଂଖ୍ୟକ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ସେହି ୱାର୍ଡ ଉପରେ ବିଶେଷ ଭାବରେ ଧ୍ୟାନ ଦିଆଯିବ ବୋଲି ଶ୍ରୀମତୀ ଦାସ କହିଛନ୍ତି ।

### ଛାତ୍ରୀଙ୍କୁ ଅସଦାଚରଣ : ୨ ଗିରଫ

କଣାସ,(ସବ୍ୟୁ) :ଜଣେ କଲେଜ ପଢୁଆ ଛାତ୍ରୀ (୧୭)ଙ୍କୁ ଅସଦାଚଣ କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫକରିଛି। ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ବାଦଲପୁର ଗ୍ରାମର ଜଣେ କଲେଜ ପଢୁଆ ଛାତ୍ରୀ(୧୭)ଙ୍କୁ ଗତ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ଡେଲାଙ୍ଗ ଅଞ୍ଚଳ ବରପଦା ଗ୍ରାମର ୨ ଯୁବକ ବିଜୟ ବେହେରା ବୟସ (୨୦) ଓ ରେଙ୍ଗଲପାଟଣା ଗ୍ରାମର ଆଲୋକ ମଲ୍ଲିକ ବୟସ (୧୭) ମିଶି ଅସଦାଚରଣ କରିଥିଲେ ଛଏଭଳି ଘଟଣାକୁ ନେଇ ଛାତ୍ରୀଙ୍କ ବାପା କଣାସ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଛାତ୍ରୀଙ୍କ ବୟାନକୁ ଆଧାର କରି କଣାସ ଥାନା ଅଧିକାରୀ ପ୍ରଦୀପ କୁମାର ଜୁଝାରସିଂହ ଏକ ଟିମ୍ ଗଠନ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛନ୍ତି ।ଉକ୍ତ ମାମଲାର ତଦନ୍ତକାରୀ ଅଫିସର ଦେବୀ ପ୍ରସାଦ ଲେଙ୍କା କହିଛନ୍ତି କଣାସ ଥାନା କେସ ନମ୍ବର ୧୧୭/୨୦୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋସ୍କୋ ଆର୍ଟରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ

# ଉଚ୍ଛେଦ ଆଦିବାସୀ ପରିବାରଙ୍କୁ ଥଇଥାନ କର

ଭୁବନେଶ୍ୱର,(ସବ୍ୟୁ): ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ ଗତ କିଛି ଦିନ ପୂର୍ବେ ଆଦିବାସୀ ପରିବାରକୁ ନିୟମ ଭଙ୍ଗକରି ସରକାର ଜୋରଜବରଦସ୍ତ ଉଚ୍ଛେଦ କରିଛନ୍ତି। ନିୟମ କହୁଛି ବିନା ପଲ୍ଲିସଭାରେ କୌଣସି ଆଦିବାସି ବସ୍ତି ଉଚ୍ଛେଦ ହୋଇପାରିବ ନାହିଁ । ହେଲେ ରାଷ୍ଟ୍ରପତିଙ୍କ ଘର ହେଉଛି ରାଇରଙ୍ଗପୁର। ମୁଖ୍ୟମନ୍ତ୍ରୀଙ୍କର ଶଶୁରଘର ମଧ୍ୟ ଜିଲ୍ଲାର ବିଶୋଇ ବ୍ଲକ ଅଞ୍ଚଳରେ । ତଥାପି ରାଇରଙ୍ଗପୁର ଅଞ୍ଚଳରେ ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ବସ୍ତି ଉଚ୍ଛେଦ କରାଯାଇଛି। ସେଥିରେ ୪୩ ପରିବାର ଉଚ୍ଛେଦ ହୋଇ କ୍ଷତିଗ୍ରସ୍ତ ହୋଇଛନ୍ତି। କିନ୍ତୁ ସେଠାରେ କୌଣସି ପଲ୍ଲିସଭା କରାଯାଇନି, ପେସା ଆଇନ ଲାଗୁ ହୋଇନି। ଉଚ୍ଛେଦ ହୋଇଥିବା ଆଦିବାସୀ ପରିବାର ଆନ୍ଦୋଳନ କରି ଏପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। କିଛି ଫଳପ୍ରଦ ହେଲା ନାହିଁ। ଆଦିବାସୀ ବାସହରା ହେଲେ। ତେଣୁ ରାଜ୍ୟ ସରକାରଙ୍କ ପାଖରେ କଂଗ୍ରେସ ଦାବି କରୁଛି କି ଭଙ୍ଗାଯାଇଥିବା ଘର ପ୍ରତ୍ୟେକ ଲୋକଙ୍କୁ ୪୦ ଲକ୍ଷଟଙ୍କା କ୍ଷତିପୁରଣ ଦେବା ସହ ଯେତିକି ଜାଗା ଯାଇଛି ତା'ର ଦୁଇଗୁଣ ଜାଗା ଅନ୍ୟସ୍ଥାନରେ ଦେଇ ସେମାନଙ୍କୁ ଥଇଥାନ କରାଯାଉ । ଆଦିବାସୀ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ହେଉ। ନଚେତ କଂଗ୍ରେସ ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ ବୁଧବାର ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ମୁଁ ଏବଂ ଅନ୍ୟ କଂଗ୍ରେସ ନେତୃବୃନ୍ଦ ଉକ୍ତ ସ୍ଥାନ ଗସ୍ତ କରି ସବିଶେଷ ତଥ୍ୟ ପିସିସିକୁ ପ୍ରଦାନ କରିଛୁ।



ଅନ୍ୟଏକ ପ୍ରସଙ୍ଗରେ ଶ୍ରୀ କାଡାମ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କି କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭୁଲ ଇଞ୍ଜେକ୍ସନ ଯୋଗୁଁ ୬ ଜଣଙ୍କ ଜୀବନ ଯାଇଛି। ସେଠାରେ ଆବଶ୍ୟକୀୟ ଡାକ୍ତର ନଥିବାରୁ ସରକାରଙ୍କ ଭୁଲ ପାଇଁ ନିରୀହ ଲୋକଙ୍କ ଜୀବନ ଗଲା। ମୃତ୍ୟୁବରଣ କରିଥିବା ପରିବାରକୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତ ଦେବା ସହ ଭୁଲ ଇଞ୍ଜେକ୍ସନ ଦିଆଯାଇଥିବା ଅପରାଧିଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ କଡାମ କହିଛନ୍ତି। ଅନୁରୂପ ଭାବେ ନବରଙ୍ଗପୁରରେ ପାଇଖାନା ସେପ୍‌ଟିକ୍ ଟାଙ୍କିରେ ମରିପଡ଼ିଥିବା ୪ ଜଣ ଲୋକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ଦେବାକୁ ଶ୍ରୀ କାଡାମ୍ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ମୋହନ ହେମ୍ବ୍ରମ୍ ଓ ଅନୀମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ସବ-ପ୍ଲଟ ପଞ୍ଜିକରଣ ବିଜ୍ଞପ୍ତିକୁ ବାଏଁ ବାଏଁ ଏଡାଇଲେ ବହୁ ଅଧିକାରୀ

# ଶତାଧିକ ପଞ୍ଜିକରଣ କରିଥିବା ସବ ରେଜିଷ୍ଟ୍ରାରଙ୍କ ତଥ୍ୟ ସରକାରଙ୍କୁ ଦେଲା ଆଇଜିଆର

କଟକ,(ସବ୍ୟୁ): ୨୦୧୩ ମସିହାରୁ ରାଜ୍ୟରେ ସବ୍ ପ୍ଲଟ୍ ପଞ୍ଜିକରଣ ବନ୍ଦ କରାଯାଇଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି ହୋଇଥିଲା । କିନ୍ତୁ ରାଜ୍ୟ ସରକାରଙ୍କ । ଏହି ବିଜ୍ଞପ୍ତି ତଥା କଟକଣାକୁ ଫୁଁ'ରେ ଉଡ଼ାଇ ଦେଇଛନ୍ତି ରାଜ୍ୟର ବହୁ ପ୍ରଶାସନିକ ଅଧିକାରୀ ଏବଂ ସବ୍-ରେଜିଷ୍ଟ୍ରାର । ସବ୍ ସ୍କଟ୍ ପଞ୍ଜିକରଣରେ ସାଂଘାତିକ୍ ଘୋଟାଲା ହୋଇଛି । କଟକଣା ସତ୍ତ୍ୱେ ରାଜ୍ୟରେ ଲକ୍ଷାଧିକ ସବ୍-ପ୍ଲଟ୍‌କୁ ପଞ୍ଜିକରଣ କରାଯାଇଛି । ଜଣେ ଜଣେ ସବ୍ ରେଜିଷ୍ଟ୍ରାର ଶତାଧିକ ସବ୍ ପ୍ଲଟ୍‌ରେ ପଞ୍ଜିକରଣ କରିଥିବା ଜଣାପଡ଼ିଛି । ଏହି ଅଧିକାରୀଙ୍କ ନାମ ସହ ସବିଶେଷ ତଥ୍ୟ ଇନ୍ସପେକ୍ଟର ଜେନେରାଲ ଅଫ ରେଜିଷ୍ଟ୍ରେସନ୍(ଆଇଜିଆର)ଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ଏହି ଘଟଣା ଏବେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି ।

କୌଣସି ଇକ୍ଟାଇଲ୍ ବା ଏକାଧିକ ବ୍ୟକ୍ତିଙ୍କ ମାଲିକାନାରେ ଥିବା ସମ୍ପତ୍ତିରୁ ସବ୍ ପ୍ଲଟ ବା ଭାଗ ଜମିକୁ ପଞ୍ଜିକରଣ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ରହିଛି । କିନ୍ତୁ ଏହାସତ୍ତ୍ୱେ ଜମି ପଞ୍ଜିକରଣ ସହ ଜଡ଼ିତ ରାଜ୍ୟର ଅଧିକାଂଶ ପ୍ରଶାସନିକ ଅଧିକାରୀମାନେ ଏହି ଭାଗ ଜମିର ପଞ୍ଜିକରଣ କାମ କରିଛନ୍ତି । ନିକଟରେ ଏହି ସବ୍ ପ୍ଲଟ୍ ପଞ୍ଜିକରଣକୁ କଡ଼ାକଡ଼ି ଭାବେ ବନ୍ଦ କରିବା ଲାଗି ଅନେକ ଜିଲ୍ଲାର ଜିଲ୍ଲାପାଳମାନେ ପ୍ରତ୍ୟେକ ସବ୍-ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି ନିର୍ଦ୍ଦେଶକୁ ଗୋଡ଼ରେ ଆଡ଼େଇ ଦେଇ ବହୁ ସବ୍-ରେଜିଷ୍ଟ୍ରାରମାନେ ସବ୍ ପ୍ଲଟ୍ର ପଞ୍ଜିକରଣ କରିଥିବା ଜଣାପଡ଼ିଥିଲା । ଫଳରେ ରାଜ୍ୟ ସରକାର ଏହା ଉପରେ ଆଇଜିଆରଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ । ଯେବେଠାରୁ ସବ୍ ପ୍ଲଟ ପଞ୍ଜିକରଣ ବନ୍ଦ ପାଇଁ ଆଇନ ଆସିଛି ସେବେଠାରୁ ଆଜି ପର୍ଯ୍ୟନ୍ତ କେଉଁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କେତେ ସବ୍ ପ୍ଲଟ୍ ପଞ୍ଜିକରଣ ହୋଇଛି ଏବଂ ଶହେରୁ ଅଧିକ ପ୍ଲଟ୍ କେଉଁ ଅଧିକାରୀମାନେ ପଞ୍ଜିକରଣ କରିଛନ୍ତି ତାହାର ବିସ୍ତୃତ ତଥ୍ୟ ପ୍ରଦାନ ଲାଗି ରାଜ୍ୟ ସରକାର ଆଇଜିଆରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ପରେ ଆଇଜିଆରଙ୍କ ପକ୍ଷରୁ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି ।

ଯେଉଁଥିରେ ୨୦୧୩ ମସିହାରୁ ୨୦୧୫ ମସିହା ବର୍ତ୍ତମାନ ସୁଦ୍ଧା କେଉଁ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କେତେ ସବ୍ ପ୍ଲଟ୍ ପଞ୍ଜିକରଣ ହୋଇଛି ତାହାର ଏକ ତାଲିକା ପ୍ରଦାନ କରିଛନ୍ତି । ପ୍ରତିବର୍ଷ ପ୍ରାୟ ୨୦ରୁ ୪୦ହଜାର ପର୍ଯ୍ୟନ୍ତ ସବ୍ ପ୍ଲଟ୍ର ପଞ୍ଜିକରଣ ହୋଇଥିବା ଏଥିରୁ ଜଣାପଡ଼ିଛି । ଶେଷ ପାଞ୍ଚ ବର୍ଷର ତାଲିକା ଯଦି ଦେଖାଯାଏ ୨୦୨୦ରେ ରାଜ୍ୟରେ ୨୩ ହଜାର ୩୯୪ଟି ସବ୍ ପ୍ଲଟ୍ର ପଞ୍ଜିକରଣ ହୋଇଥିଲାବେଳେ ୨୦୨୧ରେ ୩୩ହଜାର ୫୮ଟି, ୨୦୨୨ରେ ୨୬ ହଜାର ୭୯ଟି, ୨୦୨୩ରେ ୨୯ ହଜାର ୨୯୧ଟି ଏବଂ ୨୦୧୪ରେ ୧୩ ହଜାର ୪୩୧ଟି ସବ୍ ପ୍ଲଟ୍ର ପଞ୍ଜିକରଣ କରାଯାଇଛି । ୨୦୨୫ ବର୍ତ୍ତମାନ ସୁଦ୍ଧା ୨୦୨୬ଟି ସବ୍ ପ୍ଲଟ୍‌ର ପଞ୍ଜିକରଣ ହୋଇଛି । ଏହା ପୂବବର୍ଷ ମାନଙ୍କରେ ଅର୍ଥାତ ୨୦୧୩ରୁ ୨୦୧୯ ମଧ୍ୟରେ ପ୍ରତିବର୍ଷ ୨୦ରୁ ୪୦ ହଜାର ପର୍ଯ୍ୟନ୍ତ ସବ୍‌ପ୍ଲଟ୍ ପଞ୍ଜିକରଣ ହୋଇଛି । ବିଶେଷକରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, କଟକ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ତାଳଚେର-ଅନୁଗୁଳ-ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ ଅଧୀନରେ ଅଧିକ ସବ୍ ପ୍ଲଟ୍ ର ପଞ୍ଜିକରଣ ହୋଇଥିବା ଜଣାପଡ଼ିଛି । ଯେଉଁ ଅଧିକାରୀମାନେ ଶହେରୁ ଅଧିକ ପ୍ଲଟ ପଞ୍ଜିକରଣ କରିଛନ୍ତି ସେମାନଙ୍କର ନାଁ ମଧ ଏହି ତାଲିକାରେ ଉଲ୍ଲେଖ କରାଯାଇଛି । ଏହି ରିପୋର୍ଟ ପରେ ରାଜ୍ୟ ସରକାର ଏହି ଅଧିକାରୀମାନଙ୍କ ବିରୋଧରେ କି' କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

### ଶିଖରପୁର ସଡ଼କ ଦୁର୍ଘଟଣା ଜଣେ ମୃତ

କଟକ,( ସବ୍ୟୁ):ଶିଖରପୁର ନିକଟ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ଜୀବନ ଯାଇଛି । ଓଭରବ୍ରିଜ ଉପରେ ଜାତୀୟ ରାଜପଥରେ ରାସ୍ତା ପାରି ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । କଲିକତା ରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଏ ପି ୧୬ ଟି ଜେ ୫୮୨୧ ନମ୍ବର ବିଶିଷ୍ଟ ଟ୍ରକଟି ଚାଲି ଚାଲି ରାସ୍ତା ପାର ହେଉଥିବା ଏହି ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା ଛବ୍ୟକ୍ତି ଜଣଙ୍କର ମୁଣ୍ଡ ଉପରେ ଟ୍ରକ ଚଢି ଯାଇଥିବା ବେଳେ ଟ୍ରକ ଡ୍ରାଇଭର ଟ୍ରକ ଛାଡି ଚାଉଳିଆଗଞ୍ଜ ଥାନାରେ ଆତ୍ମ ସମର୍ପଣ କରିଥିଲା । ଦୁର୍ଘଟଣା ପରେ କିଛି ସମୟ ଧରି ଜାତୀୟ ରାଜପଥ ଜାମ ରହିଥିଲା । ଚାଉଳିଆଗଞ୍ଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଟ୍ରକଟିକୁ ଜବତ କରି ଥାନାକୁ ଆଣିଥିଲା । ମୃତକ ବ୍ୟକ୍ତିଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି ।

### ନୟାଗଡ଼, ଦାରିଙ୍ଗବାଡ଼ିରେ ପ୍ରସୂତିଙ୍କ ମୃତ୍ୟୁ ଘଟଣା

# ସରକାର ନେଲେ କାର୍ଯ୍ୟନୁଷ୍ଠାନ, ଡାକ୍ତର ନିଲମ୍ବିତ

ଭୁବନେଶ୍ୱର(ସବ୍ୟୁ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସୂତିଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗର୍ଭବତୀ ମହିଳାଙ୍କ ଚିକିତ୍ସାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ଅବହେଳା କରିଥିବା ଡାକ୍ତର/ନର୍ସିଂ ଅଫିସର/ଷ୍ଟାଫଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରାଯାଇଛି ।

### ତଦନ୍ତ ପାଇଁ ଟିମ ଗଠନ, ୭ଦିନରେ ରିପୋର୍ଟ ଦେବେ

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ମହିଳା ମମତା ନାୟକଙ୍କ ମୃତ୍ୟୁ ଖବର ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ପ୍ରାଥମିକ ରିପୋର୍ଟ ଅନୁସାରେ ସଂପୃକ୍ତ ଡାକ୍ତରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ରାଜ୍ୟସ୍ତରରୁ ତିନିଜଣିଆ ଏକ୍ସପର୍ଟ ଟିମ୍ ପଠାଯାଇଛି । ଟିମ୍ ନୟାଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ରିପୋର୍ଟ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରିଦିଆଯାଇଛି । ତଦନ୍ତ ଶେଷ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏକ୍ସପର୍ଟ ଟିମଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳା ସୁନିମା ପ୍ରଧାନଙ୍କ ମୃତ୍ୟୁ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ କନ୍ଧମାଳ ମେଡିକାଲ କଲେଜ ଏବଂ ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି । ଟିମ୍ ତାଙ୍କର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ୭ ଦିନ ମଧ୍ୟରେ ବିଶେଷଜ୍ଞ ଟିମଙ୍କ ରିପୋର୍ଟ ମିଳିବା ପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ।





ଭୁବନେଶ୍ୱରରେ କାଳବୈଶାଖୀ ବର୍ଷାର ତାଣ୍ଡବ

# ଅଦିନିଆ ରଥଯାତ୍ରା ବନ୍ଦ କଲେ କୋନାବିରାବାସୀ

ଭୁବନେଶ୍ୱର (ସବ୍ୟୁ): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଗ୍ରାମରେ ଏକ ଆଦିବାସୀ ସଂପ୍ରଦାୟର ସମାଜ ୧୯୫୭ ମସିହାରୁ ସେଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଆସୁଛନ୍ତି । ତାଙ୍କ କହିବା ଅନୁସାରେ ୧୯୫୭ ମସିହାରେ ସେହି ଗ୍ରାମରେ ବାସ କରୁଥିବା ଦିକଚାନ୍ ମାଝୀ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନାଦେଶ ହେବା ଫଳରେ ୧୯୯୭ ମସିହାରୁ ସେମାନେ ପ୍ରତିବର୍ଷ କାର୍ତ୍ତିକ ମାସରେ ପୁରା ଏକ ମାସ ବ୍ୟାପି ମହାପ୍ରଭୁଙ୍କ ରାହାସଲୀଳା କରନ୍ତି ଓ ଯାତ୍ରା ଶେଷ ରାତ୍ରୀ ଯାହାକି ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏକ ରଥରେ ତିନି ଠାକୁରଙ୍କୁ ବସାଇ ରଥଯାତ୍ରା କରନ୍ତି ଓ ଏହାର ପରଦିନ ଅର୍ଥାତ କାର୍ତ୍ତିକ ପୂର୍ଣ୍ଣିମା ଦିନ ତାଙ୍କର ବାହୁଡା ଯାତ୍ରା କରନ୍ତି । ଏହି ଯାତ୍ରାକୁ ଗ୍ରାମବାସୀମାନେ ବାଲିଯାତ୍ରା ବୋଲି କହନ୍ତି ।

ଗତବର୍ଷ ଏହି ଖବର ଗଣମାଧମରେ ଲୋକଲୋଚନକୁ ଆସିବା ଫଳରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ଶ୍ରୀମତୀ ସଞ୍ଚିତା ମହାନ୍ତି ଏକ ୮ଜଣିଆ ଟିମ୍ ସେଠାକୁ ପଠାଇଥିଲେ । ଏହି ଟିମ୍ ସେଠାକୁ ଯାଇ ଅଦିନିଆ ରଥଯାତ୍ରା ନକରିବା ପାଇଁ ସେମାନଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ବୁଝିନଥିଲେ । ପରେ ପରିଷଦର ସଭାପତି ଶ୍ରୀମତୀ ମହାନ୍ତି ସେମାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଥିଲେ ଓ ଭୁବନେଶ୍ୱର ଆସିବାକୁ ନିମନ୍ତ୍ରଣ କରିଥିଲେ । ଫଳରେ ଶିବ ପ୍ରସାଦ ମାଝୀ, ଜଗନ୍ନାଥ ମାଝୀ, ଛତ୍ରପତି ମାଝୀ ଓ ହରି ମାଝୀ ଏକ ୪ଜଣିଆ ଟିମ୍ ଭୁବନେଶ୍ୱର ଆସିଥିଲେ । ସେମାନଙ୍କ ସହ ଏଠାରେ ଆଲୋଚନା କରାଯାଇଥିଲା ଓ ସଭାପତିତ୍ୱ ତତ୍ତ୍ୱାବଧାନରେ ପରିଷଦର ସଦସ୍ୟ ରାଣା ପ୍ରତାପ ପାତ୍ର, ଅଜୟ ପଟ୍ଟନାୟକ ସେମାନଙ୍କୁ ପୁରୀ ଶ୍ରୀମନ୍ଦିର ନେଇ ଦଇତାପତିଙ୍କ ସଭାପତି ଗଣେଷ ଦାସ ମହାପାତ୍ର, ସୁଦର୍ଶନ ପୂଜାପଣ୍ଡା ଓ ଅନ୍ୟ ଦଇତାପତି ସେବକଙ୍କ ସହ ଆଲୋଚନା ବ୍ୟବସ୍ଥା କରିଥିଲେ । ଆଲୋଚନା ପରେ ସେମାନେ ତାଙ୍କ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ଜଣାଇବେ ।



ମଙ୍ଗଳବାର ସେମାନେ ବୈଠକ ରି ଅଦିନିଆ ରଥଯାତ୍ରା ଶାସ୍ତ୍ର ବିରୋଧୀ କାର୍ଯ୍ୟ ତେଣୁ ଚଳିତବର୍ଷରୁ ସେମାନେ ମହାପ୍ରଭୁଙ୍କ ଶାସ୍ତ୍ର ସ୍କନ୍ଦ ପୁରାଣ ଅନୁଯାୟୀ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା କରିବେ ବୋଲି ଟେଲିଫୋନ୍ ଯୋଗେ ପରିଷଦର ସଭାପତି ଶ୍ରୀମତୀ ମହାନ୍ତିଙ୍କୁ ଜଣାଇଥିଲେ । ମହାପ୍ରଭୁଙ୍କ ଶାସ୍ତ୍ରକୁ ବଞ୍ଚାଇବା ଦିଗରେ ଜଗନ୍ନାଥ ସଂସ୍କୃତି ପରିଷଦର ଏକ ବିଜୟ ଓ ଯେତେବେଳେ ବି ମହାପ୍ରଭୁଙ୍କ ଅବମାନନା ହେବ ଜଗନ୍ନାଥ ସଂସ୍କୃତି ପରିଷଦ ତାର ରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବ ବୋଲି ଶ୍ରୀମତୀ ସଞ୍ଚିତା ମହାନ୍ତି ପ୍ରକାଶ କରିଛନ୍ତି ।

## ଏକ୍ ପେଡ୍ ମା' କେ ନାମ୍ ୨.୦ ଅଭିଯାନର ଶୁଭାରମ୍ଭ

# ଜୁନ ୫ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଏକ୍ ପେଡ୍ ମା' କେ ନାମ୍ ଅର୍ଥାତ୍ ମା'ଙ୍କ ନାମରେ ଗୋଟିଏ ଗଛ ପ୍ରକୃତିର ସମ୍ମାନ ପ୍ରତି ଏକ ବଡ଼ ପ୍ରତିଜ୍ଞା । ଚଳିତବର୍ଷ ଏହି ବୃହତ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ ମାଙ୍କ ନାମରେ ଗୋଟିଏ ଗଛ ୨.୦ ର ଶୁଭାରମ୍ଭ ହେଉଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବରେ ଛାତ୍ରଛାତ୍ରୀମାନଙ୍କୁ ଭିଡିଓ ମେସେଜ୍ ଜରିଆରେ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।


କେନ୍ଦ୍ର ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକ୍ ପେଡ୍ ମା' କେ ନାମ୍ ଏକ ଭାବନାତ୍ମକ ବିଚାର । ଭାରତ ସରକାର ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ କରିବା ପାଇଁ ଏହାକୁ ଆରମ୍ଭ କରିଥିଲେ । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଦେଶବାସୀଙ୍କ ସଫଳ ପ୍ରଚେଷ୍ଟା ଯୋଗୁଁ ମା'ଙ୍କ ନାମରେ ଗୋଟିଏ ଗଛ ଏକ ବଡ ଅଭିଯାନରେ ପରିଣତ ହୋଇଛି । ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି । ଏହା କେବଳ ଏକ ଗଛ ନୁହେଁ, ବରଂ ମାଆଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଚ୍ଛକ ପ୍ରମାଣ । ଛତିଶଗଡ଼ରେ ଶିଶୁ ଏବଂ ମାଆ ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ୍, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି । ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି ।



ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ମିଶନ ଲାଇଫ୍'ର ଶୁଭାରମ୍ଭ କରିଛନ୍ତି । ମହାତ୍ମା ଗାନ୍ଧୀ ଥରେ ଅତ୍ୟନ୍ତ ପ୍ରେରଣାଦାୟୀ କଥା କହିଥିଲେ । ସେ କହିଥିଲେ ତୁମେ ସେହିପରି ଭାବରେ ନିଜକୁ ପରିବର୍ତ୍ତନ କର, ଯେଉଁ ପରିବର୍ତ୍ତନ ତୁମେ ଦୁନିଆରେ ଦେଖିବାକୁ ଚାହୁଁଛ । ଏହା ଅତ୍ୟନ୍ତ ଖୁସି ଏବଂ ଗର୍ବର ବିଷୟ, ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ -ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଦାୟିତ୍ୱବାନ ଏବଂ ସମ୍ବେଦନଶୀଳତା ସହ ଏହି ପରିବର୍ତ୍ତନର ଜଣେ ଜଣେ ଉତ୍ତମ ନାୟକ ହେଉଛନ୍ତି । ଏହାର ପ୍ରମାଣ ହେଉଛି, ୨୯ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି । ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ୍ ଏବଂ ସୁଲଭ କରିଛି ।

ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ ସମସ୍ତେ ନିଜର ମା'ଙ୍କ ନାମରେ ଗୋଟିଏ ଗଛ ଲଗାନ୍ତୁ । ତାହାର ସୁରକ୍ଷା ଓ ଯତ୍ନ ନିଅନ୍ତୁ । ସେହି ଗଛକୁ ବଡ ହେବାକୁ ଦିଅନ୍ତୁ ଏବଂ ଏହାର କାହଣୀ ଅନ୍ୟମାନଙ୍କୁ କୁହନ୍ତୁ । ମାଟି ମାଆର ସୁରକ୍ଷା ପାଇଁ ସବୁଠୁ ବଡ଼ ଜନ ଆନ୍ଦୋଳନ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି ।

# କିମ୍ସରେ ପ୍ରଥମ ଆଲୋଜେନିକ୍ ଅସ୍ଥି ମଜ୍ଜା ସଫଳ ପ୍ରତିରୋପଣ



ଭୁବନେଶ୍ୱର, (ସବ୍ୟୁ): କିମସରେ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗରେ ପୀଡ଼ିତ ଜଣେ ୧୭ ବର୍ଷୀୟା ରୋଗୀଙ୍କଠାରେ ଏକ ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରାଯାଇଛି । ଏହା ଏକ ବିରଳ ବଂଶାନୁକ୍ରମିକ ରକ୍ତ ଜନିତ ରୋଗଛ ବହୁ ପରୀକ୍ଷା ପରେ କିମ୍ସର ବିଶେଷଜ୍ଞମାନେ ଏହା ଏକ ବଂଶାନୁକ୍ରମିକ ରକ୍ତ ଜନିତ ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ ରୋଗ ବୋଲି ଜାଣି ପାରିଥିଲେ । ଏହାର ଉପଶମ ପାଇଁ ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥିଲେ । ପରେ କିମ୍ସ ବିଶେଷଜ୍ଞମାନେ ଏଭଳି ବିରଳ ଆଲୋଜେନିକ୍ ଅସ୍ଥି ମଜ୍ଜା ପ୍ରତିରୋପଣ ସଫଳତାର ସହ କରିପାରିଛନ୍ତି । ଅସ୍ଥି ମଜ୍ଜା ପ୍ରତିରୋପଣ ପାଇଁ ନିଷ୍ପତ୍ତି ନିଆଯିବା ପୂର୍ବରୁ ସେ ଛଅ ମାସ ଧରି କର୍କଟ କେମୋଥେରାପି ନେଉଥିଲେ ।

ସାଧାରଣତଃ ଏହି ପ୍ରକ୍ରିୟାରେ ଜଣେ ସୁସ୍ଥ ଡୋନୋରଙ୍କଠାରୁ ଅସ୍ଥି ମଜ୍ଜା ନିଆଯାଇ ଆକ୍ରାନ୍ତ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଥାଏ । କିମ୍ସରେ ଡୋନୋର ଥିଲେ ରୋଗୀଙ୍କ ନିଜ ଭାଇ । ରୋଗଟି ବିରଳ ଓ ଜଟିଳ ଥିବାରୁ ପ୍ରତିରୋପଣ ଚ୍ୟାଲେଞ୍ଜିଂ ଥିଲା, କିନ୍ତୁ କିମସ ବିଶେଷଜ୍ଞ ଦଳ ଦ୍ୱାରା ଏହା ସଫଳତାର ସହିତ କରାଯାଇଥିଲା । କିମସ ହେମାଟୋଲୋଜି ବିଭାଗର ଡା ବିଶ୍ୱଜିତ ଭୂୟାଁ ଏବଂ ଶିଶୁ ହେମାଟୋଲୋଜି ବିଭାଗର ଡା ପଳାଶ ଦାସଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି ।

# ବାପା ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁଲା ଝିଅ

ବାରଙ୍ଗ ,(ସବ୍ୟୁ) : ବୁଧବାର ସକାଳ ୭ଟା ପାଖାପାଖି ବାରଙ୍ଗ ଥାନା ଅଧୀନସ୍ଥ ଦାଢାପାଟଣା ଗ୍ରାମ ମଙ୍ଗଳା ଛକରେ ରହୁଥିବା ଜଣେ ଯୁବତୀ ବାପାର ମୃତ୍ୟୁ ଖବର ଶୁଣି କୂଅକୁ ଡେଇଁ ପଡ଼ିଥିଲେ।ଖବର ପାଇ ବାରଙ୍ଗରୁ ଦମକଳ ବାହିନୀ ଆସି କୂଅ ମଧ୍ୟରୁ ଯୁବତୀକୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନେଇଥିଲେ।ସୌଭାଗ୍ୟବଶତଃ ଯୁବତୀ ଜଣଙ୍କ ବଞ୍ଚି ଯାଇଥିବାର ଜଣାପଡିଛି।,ଦାଢାପାଟଣା ଗ୍ରାମର ମଙ୍ଗଳା ଛକରେ ରହୁଥିବା ସୁକାନ୍ତ ସାହୁ ନାମକ ବ୍ୟକ୍ତି ଗତ କିଛି ଦିନ ହେବ କିଡନୀ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ।ବୁଧବାର ସକାଳେ ଚିକିତ୍ସାଧିନ ଅବସ୍ଥାରେ ସୁକାନ୍ତ ସାହୁଙ୍କର ମୃତ୍ୟୁ ହୋଇଥିଲା।ଏହି ଖବର ତାଙ୍କ ଘରେ ପହଞ୍ଚିବା ପରେ ମୃତକଙ୍କ ୧୯ବର୍ଷୀୟା ଝିଅ ବାପାଙ୍କ ମୃତ ଖବର ପାଇ ଭାରସାମ୍ୟ ହରାଇ ଘର ପାଖରେ ଥିବା କୂଅକୁ ଡେଇଁ ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ଆସି ଯୁବତୀକୁ କୂଅରୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ଯୁବତୀ ଜଣଙ୍କ ସୁସ୍ଥ ହୋଇ ଘରକୁ ଫେରିଥିବାର ଜଣାପଡିଛି।

# କଟକ ବଡ ଡାକ୍ତରଖାନା ଡାକ୍ତର କୋଭିଡ ଆକ୍ରାନ୍ତ , ସଂଖ୍ୟା ୨୧ ରେ ପହଞ୍ଚିଲା

କଟକ, (ସବ୍ୟୁ):କଟକ ଏସସିବିରୁ ଜଣେ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛି । ଆକ୍ରାନ୍ତ ଜଣକ ମେଡିକାଲର ଜଣେ ଡାକ୍ତର ହୋଇଥିବାବେଳେ ଏବେ ହୋମ କ୍ୱାରେଣ୍ଟାଇନରେ ରହିଛନ୍ତି । କଟକରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ବୁଧବାର ସହରରୁ ସମୁଦାୟ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତ ମାନେ ଏସସିବିର ଜଣେ ଡାକ୍ତରଙ୍କ ସମେତ କଲ୍ୟାଣୀନଗର, ସିଡିଏ ସେକ୍ଟର-୯, ଶଙ୍କରପୁର, ଯୋବ୍ରା, କଲେଜଛକ, ମର୍କତନଗର, ତେଲେଙ୍ଗା ବଜାର, ମଠସାହି ଅଞ୍ଚଳର ରହିଛନ୍ତି । କୌଣସି ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ନଥିବା ଜିଲା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି । ଏନେଇ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ୯ ଜଣଙ୍କ ମଧ୍ୟରୁ ୩ଜଣ ଆର୍ଟିଫିସିଆଲ ପରୀକ୍ଷା କରାଇଥିବାବେଳେ ୬ଜଣ ଆଣ୍ଟିଜେନ ପରୀକ୍ଷା କରାଇଥିଲେ । ଦୁଇଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ମେଡିକାଲରେ ଚିକିତ୍ସା ହେଉଥିବା ଶ୍ରୀ ହୋତା କହିଛନ୍ତି । ରବିବାର ସୁଦ୍ଧା କଟକରୁ ୧୨ ଜଣ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୧ରେ ପହଁଚିଛି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ଏସସିବିର ଡାକ୍ତର ଥିବାବେଳେ ଏବେ ଏହା ଚିନ୍ତାର କାରଣ ପାଲଟିଛି ।

# ଏକନମ୍ବର ହାଟରେ ଡ୍ରଗ୍ସ ଇନ୍ସପେକ୍ଟର, ଏସ୍‌ଟିଏଫ୍ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଏକ ନମ୍ବର ହାଟରେ ଡ୍ରଗ୍ସ ଇନ୍ସପେକ୍ଟର ଓ ଏସ୍‌ଟିଏଫ୍ ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ଜର୍ଦ୍ଦା ଓ ଗୁଟ୍‌ଖା ପ୍ରଭୃତି ଜବତ କରିଛନ୍ତି । ନିଷିଧ ଜର୍ଦ୍ଦା ଓ ଗୁଟ୍‌ଖା ପ୍ରଭୃତି ଏକ ନମ୍ବର ହାଟରେ ହୋଲ୍‌ସେଲିଂ କରାଯିବା ସହ ଖୁଚୁରାରେ ବିକ୍ରି ହୁଏ । ଏ ସମ୍ପର୍କରେ ଖବର ପାଇବା ପରେ ଡ୍ରଗ୍ସ ଇନ୍ସପେକ୍ଟର ଓ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ବିପୁଳ ପରିମାଣର ସାମଗ୍ରୀ ଜବତ କରିଛନ୍ତି । ଏକ ନମ୍ବର ହାଟରେ ଜର୍ଦ୍ଦା ଓ ଗୁଟ୍‌ଖାର ହୋଲ୍‌ସେଲିଂ କରାଯାଉଥିବାରୁ ସେଠାରେ ଚଢାଉ କରାଯାଇଥିବା ଚଢାଉରେ ସାମିଲ ସଦସ୍ୟ କହୁଥିବା ବେଳେ ୪ ନମ୍ବର, ଚନ୍ଦ୍ରଶେଖରପୁର, କଟକରୋଡ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ପାଖ, ସିଆର୍‌ପି, ନୂଆପଲ୍ଲୀରେ ମଧ୍ୟ ଜବତ ହୋଇଥିବା ସାମଗ୍ରୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଉଛି । ସହରର ସବୁଆଡେ ଗୁଟ୍‌ଖା ବିକ୍ରି କରାଯାଉଥିବା ବେଳେ ସେସବୁ ସ୍ଥାନରେ ଚଢାଉ ହେବ ନା ନାହିଁ ପଚରାଯିବାରୁ ଡ୍ରଗ୍ସ ଇନ୍ସପେକ୍ଟର କହିଥିଲେ, ଆଗାମୀ ଦିନରେ ପଦକ୍ଷେପ ନିଆଯିବ । କିଛିଦିନ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ଗୁଟ୍‌ଖା ପ୍ରଭୃତି ଜବତ କରାଯାଇଥିଲା । କିଛି ମାସ ହେବ ଚଢାଉ ଆଦୌ ନହେବାରୁ ବ୍ୟବସାୟୀଙ୍କ ଭୟ ଛାଡିଯାଇଛି । ହୋଲ୍‌ସେଲିଂ କରାଯିବା ସହ ଏହି ବିପଜ୍ଜନକ ଜର୍ଦ୍ଦା ଓ ଗୁଟ୍‌ଖା ବିପୁଳ ମାତ୍ରାରେ ଚାରିଆଡେ ବିକ୍ରି ହେଉଛି ।

# ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭର୍ସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମର ଶୁଭାରମ୍ଭ




ଭୁବନେଶ୍ୱର, (ସବ୍ୟୁ): ବୁଧବାର ପ୍ରଦେଶ ଛାତ୍ରକଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରେସ୍‌ବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଦେଖାଯାଇଥିବା ଅନେକ ପ୍ରାକୃତିକ ବିପର୍ଯ୍ୟ ଯଥା ବାତ୍ୟା, ବନ୍ୟା, ବଜ୍ରଘାତ ଓ ଭୂସ୍ଖଳନକୁ ଏଡାଇବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତାକୁ ଦୃଷ୍ଟି ଆଗରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭରସିଟି ରିଭଲ୍ୟୁସନ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ମାଟିଲେ ପିତମି ଦ୍ୱାରା ରାଜ୍ୟରେ ଥିବା ବିଭିନ ,ବିଶ୍ୱବିଦ୍ୟାଳୟ ଓ ପ୍ରାୟ ୮୦୦ ମହାବିଦ୍ୟାଳୟରେ ପ୍ରାୟ ୧୦ଲକ୍ଷ ବୃକ୍ଷ ଲଗାଇବାକୁ ଲକ୍ଷର ଖାଯାଇଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ୧୦ ହଜାରମିବଲ୍ ବନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି।

ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଉଦିତ୍ ପ୍ରଧାନଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ପ୍ରଦେଶକୁ ସବୁଜ ସୁନ୍ଦର କରିବା ପାଇଁ ଛାତ୍ର କଂଗ୍ରେସ ସଭାପତିଙ୍କ ଉଦ୍ୟମକୁ ସାଧୁବାଦ୍ ଜଣାଇଥିଲେ ।

# ୧୦ ଚାରିଚକିଆ ଜବତ, ଦୁଇ ଗିରଫ


ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ଚାରିଚକିଆ ଗାଡି ଚୋରି ରାକେଟ୍‌ର ଦୁଇଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଟି ଗାଡି ଜବତ କରିଛି । ବୁଧବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସାମ୍ବାଦିକ ସମ୍ମିଳନୀ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ପୁରୀର ବିଭିନ୍ନ ପାର୍କିଂ ସ୍ଥାନରେ ଥୁଆ ହୋଇଥିବା ଚାରିଚକିଆ ଯାନକୁ ନକଲି ଚାବି ସହାୟତାରେ ପିପିଲିର ଅର୍ମାନ ଶାହା (୨୫), ଇଫ୍‌ତିକାର ଆଲାମ୍ (୨୩) ଗାଡିକୁ ଖୋଲି ଚୋରି କରି ନେଇଥାନ୍ତି । ଏ ସମ୍ପର୍କରେ ଲକ୍ଷ୍ମୀସାଗର ଥାନା ପୋଲିସ ଜାଣିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ କହିବାନୁଯାୟୀ ଗୋଟିଏ ପରେ ଗୋଟିଏ ଗାଡି ଜବତ ହେଲା । ଜବତ ହୋଇଥିବା ଗାଡି ମଧ୍ୟରେ ସ୍କର୍ପିଓ ୨ଟି, ବୋଲେରୋ-ପିକ୍‌ଅପ୍ ୩ଟି, ଟାଟାଏସି ୩ଟି, ଗୋଟିଏ ଟାଟା ୱିଙ୍ଗର ଥିବା ପୋଲିସ କହିଛି ।

ଗିରଫ ଦୁଇ ଅଭିଯୁକ୍ତଙ୍କ ନାଁରେ ବଡଗଡ, ଲକ୍ଷ୍ମୀସାଗର, ମୈତ୍ରୀବିହାର, ଖଣ୍ଡଗିରି, କଟକସଦର, ନିମାପଡା ଚାରିଛକ ପ୍ରଭୃତି ଥାନାରେ ୯ଟି ମାମଲା ରହିଛି । ଗାଡିକୁ ଗୋରୁ ବୁହାଇବା କାର୍ଯ୍ୟରେ ନିୟୋଜିତ କରିବା ସହ କେତେକ ଗାଡିକୁ ବିକ୍ରି ମଧ୍ୟ କରିଦେଉଥିଲେ । ଯେଉଁ ଗାଡି ବିକ୍ରି ହେଉନଥିଲା, ତାକୁ କାଟି କବାଡିଆକୁ ବିକ୍ରି କରିଦେଉଥିଲେ । ଗିରଫ ଦୁଇଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଡିସିପି ଜଗମୋହନ ମିନା ଉପସ୍ଥିତ ରହିଥିଲେ । କେତେକ ଗାଡି ମାଲିକଙ୍କୁ ଆଜି ସାମ୍ବାଦିକ ସମ୍ମିଳନୀ ମଧ୍ୟରେ ଗାଡି ଫେରାଯିବାର ଟୁକନ ଦିଆଯାଇଛି ।

# ବେଦାନ୍ତ ଆଲୁମିନିୟମ-ପିଡବ୍ଲ୍ୟୁସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ପରିବେଶ ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରଥମ ଥର ପାଇଁ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର କାର୍ଯ୍ୟରେ ସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକୁ ବୃଦ୍ଧି କରିବା ପାଇଁ ପିଡବ୍ଲ୍ୟୁସି ଇଣ୍ଡିଆ ସହିତ ଏହାର ସହଭାଗୀତା ଘୋଷଣା କରିଛି । ଡିକାର୍ବୋନାଇଜେସନ, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ କେନ୍ଦ୍ରିତ, ଏହି ସହଯୋଗ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବା ତଥା ୨୦୩୦ ସୁଦ୍ଧା ନେଟ୍ ଜଳ ସକାରାତ୍ମକତା ଏବଂ ଜୈବ ବିବିଧତାର କୌଣସି ନେଟ୍ କ୍ଷତି ସୁନିଶ୍ଚିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ । ପ୍ରାରମ୍ଭରେ ବେଦାନ୍ତର ଝାରସୁଗୁଡା ସ୍ମେଲ୍ଟର ଚାରିପାଖରେ ଜୈବ ବିବିଧତା ପ୍ରକଳ୍ପ ଉପରେ କେନ୍ଦ୍ରିତ, ଏହି ସହଭାଗୀତା



ବର୍ତ୍ତମାନ ଏହାର ସମସ୍ତ କାର୍ଯ୍ୟକ୍ଷମ ଅଞ୍ଚଳ ଗୁଡ଼ିକରେ ବିସ୍ତାରିତ ହେବ ଏବଂ ଡିକାର୍ବନାଇଜେସନ୍, ଜଳ ସକାରାତ୍ମକତା ଏବଂ ଜୈବ ବିବିଧତା ସଂରକ୍ଷଣ ଉପରେ ଧ୍ୟାନ ଦେବ, ଯାହା କମ୍ପାନୀର ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀତ୍ୱକୁ ଏକୀକୃତ କରିବାରେ ଏକ ପ୍ରମୁଖ ପଦକ୍ଷେପ ଅଟେ । ପିଡବ୍ଲ୍ୟୁସି ସହିତ ସହଭାଗୀତା ଉପରେ ପ୍ରତିଫଳିତ କରି, ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ କୁମାର ପ୍ରକାଶ କରିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମର 'ଭଲ ପାଇଁ ପରିବର୍ତନ' ଦର୍ଶନ ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ଅର୍ଥପୂର୍ଣ୍ଣ ସମ୍ପ୍ରଦାୟ ପ୍ରଭାବ ପ୍ରତି ଆମର ପ୍ରତିବଦ୍ଧତାର ମୂଳଦୁଆ। ପିଡବ୍ଲ୍ୟୁସି ସହିତ ଏହି ସହଯୋଗ ସ୍ଥାୟୀ ଅଭିବୃଦ୍ଧି ଚଳାଇବା ଏବଂ ପରିବେଶଗତ ପରିଚାଳନାକୁ ଚାମ୍ପିଅନ କରିବା ପାଇଁ ଆମର ଅଟଳ ସମର୍ପଣକୁ ଉଦାହରଣ ଦିଏ।




# ଜଗବନ୍ଧୁ ହୁଡାସାହିରେ ଯୁବକଙ୍କୁ ହତ୍ୟା ମାମଲା, ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଗବନ୍ଧୁ ହୁଡା ସାହି ଠାରେ ହରିଡାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ(୨୨)ଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲରେ ବଡବଜାର ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଫେରାର ରହିଥିବା ବେଳେ ପୁଲିସ ତାଙ୍କ ବାପା-ମାଆ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଳିଆଙ୍କ ବାପା ତଥା ଜଗବନ୍ଧୁ ହୁଡା ସାହିର ଭାସ୍କର ନାୟକ(୫୫), ତାଙ୍କ ମାଆ ସୁଦକ୍ଷା ନାୟକ(୪୫), ଭାଇ କାଳିଆ ନାୟକ(୫) ଏବଂ ୨ ସହଯୋଗୀ ପାଟପୁର କଂସାମାରୀର ଏସ ଶଙ୍କର ଦୋରା(୧୯) ଓ ଲୋଚାପଡା କେନାଲ ସାହିର କାର୍ତ୍ତିକେଶ୍ୱର ମେହେର(୨୬) । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨ଟି ବାଇକ ଜବତ କରିଛି ।




ଏପ୍ରିଲ ୨୦ ତାରିଖ ରାତିରେ ଜଗବନ୍ଧୁ ହୁଡା ସାହିର ବଳିଆ ନାୟକ ଠାକୁରାଣୀ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଆଗା ସାହି ଛକ ଠାରେ ଜଗବନ୍ଧୁ ହୁଡା ସାହିର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ରାଜନା ପାତ୍ର ଆଗାସାହି ଛକ ଠାରେ ବଳିଆଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ବଳିଆ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଦ୍ୟାଧର ଓ ତାଙ୍କ ସହଯୋଗର ରାଜନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ବଳିଆ ଓ ତାଙ୍କ ସହଯୋଗୀମାନେ ଯୋଜନା କରି ରଖିଥିଲେ । ବିଦ୍ୟାଧର ଓ ରାଜନା କିଛି ଦିନ ଜେଲରେ ରହିବା ପରେ ମେ ୧୬ ତାରିଖରେ ଜେଲରୁ ଜାମିନରେ ମୁକୁଳିଥିଲେ । ସେହି ଦିନ ଠାରୁ ବିଦ୍ୟାଧରଙ୍କ ଗତିବିଧି ଉପରେ ବଳିଆ ଓ ତାଙ୍କ ସହଯୋଗୀମାନେ ନଜର ରଖି ଆସୁଥିଲେ । ସୁଯୋଗ ଦେଖି ଆକ୍ରମଣର ପ୍ରତିଶୋଧ ନେବେ ବୋଲି ସମସ୍ତ ପ୍ରସ୍ତୁତି କରି ରହିଥିଲେ ।

ସୋମାବାର ବିଳମ୍ବିତ ରାତିରେ ବିଦ୍ୟାଧର ଓ ତାଙ୍କ ସାଙ୍ଗ ନରସିଂହ ସାହୁ ବ୍ରହ୍ମପୁର ରେଳ ଷ୍ଟେସନରୁ ନିଜ ଘରକୁ ଫେରୁଥିବା ବେଳେ ସାନବଜାର ଛକ ଠାରେ ବଳିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଅପହରଣ କରି ଜଗବନ୍ଧୁ ସାହିକୁ ନେଇଥିଲେ । ସେଠାରେ ବିଦ୍ୟାଧରଙ୍କୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରିଥିଲେ । ଏହାର ପ୍ରତିବାଦ କରିବାକରୁ ନରସିଂହଙ୍କୁ ମଧ ଆକ୍ରମଣ କରିଥିଲେ । ବିଦ୍ୟାଧର ଅଚେତ ହୋଇ ତଳେ ପଡିଯିବା ପରେ ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ଆହତ ନରସିଂହ ସେଠାରୁ ଯାଇ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଘଟଣା ବିଷୟରେ କହିବା ପରେ ବିଦ୍ୟାଧରଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ହତ୍ୟା ପଛରେ ମୁଖ୍ୟ ଅଭିଯୁକ୍ତ ବଳିଆ ସମେତ ତାଙ୍କ ଭାଇ ଓ ବାପା ମାଆଙ୍କ ସଂପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣାପଡିଥିଲା । ବିଦ୍ୟାଧରଙ୍କ ବାପା ସନ୍ତୋଷ ପାଣିଗ୍ରାହୀଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରଥିଲା । ଆଜି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଫେରାର ଥିବା ବଳିଆ ଓ ତାଙ୍କ ଅନ୍ୟ ଜଣେ ଭାଇଙ୍କୁ କାବୁ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି ।

## ମାମଲା ରଫାଦଫା ପାଇଁ ଲାଞ୍ଚ
# ମହିଳା ପୋଲିସ ଏଏସଆଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ମହିଳା ଥାନାର ଜଣେ ମହିଳା ପୋଲିସ ଏଏସଆଇ ବବିତା ସୁନା ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାବୁଡ଼ରେ ଧରାପଡିଛନ୍ତି । ମାମଲା ନଂ ୭/୨୫ ରେ ତାଙ୍କୁ ଗିରଫ କରାଯାଇଛି ।



ପ୍ରକାଶ ଯେ, ଉକ୍ତ ମହିଳା ଏଏସଆଇ ଜଣଙ୍କ ଏକ ନିର୍ଯାତନା ମମାଲର ତଦନ୍ତକାରୀ ଅଧିକାରୀ ଥିଲେ । ଉକ୍ତ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫର ଭୟ ଦେଖାଇଥିଲେ । ମାମଲା ରଫାଦଫା ପାଇଁ ଉକ୍ତ ପୋଲିସ ଏଏସଆଇ ଅଭିଯୁକ୍ତଙ୍କୁ ମୋଟା ଅଙ୍କର ଲାଞ୍ଚ ମାଗିଥିଲେ । ଶେଷରେ ୧୦ ହଜାର ଟଙ୍କା ଲାଞ୍ଚ ଦେଲେ ଉକ୍ତ ମାମଲାରୁ ତାଙ୍କୁ ଓ ତାଙ୍କ ମା'ଙ୍କ ନାମ ବାଦ ଦିଆଯିବ ବୋଲି କହିଥିଲେ । ପରେ ଉକ୍ତ ବ୍ୟକ୍ତି ଜଣଙ୍କ ଏନେଇ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କ ବୁଧବାର ପୂର୍ବାହ୍ନରେ ମହିଳା ଥାନାକୁ ଯାଇ ଉକ୍ତ ଏଏସଆଇଙ୍କୁ ଭେଟି ଦାବି ମୁତବାକ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ଚଢଉ କରି ଲାଞ୍ଚ ବାବଦ ଟଙ୍କା ପୋଲିସ ନିକଟରୁ ଜବତ କରିଥିଲା । ଉକ୍ତ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଟିମ ଅଭିଯୁକ୍ତ ପୋଲିସ ନିକଟରୁ ଜବତ କରିଛି । ଅଭିଯୁକ୍ତ ପୋଲିସ ଅଧିକାରୀଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ ଚଢଉ ଜାରି ରହିଛି ବୋଲି ଏସପି ସୂଚନା ଦେଇଛନ୍ତି ।

# ପିପୁଲ୍ସ କଲେଜରେ ନୂଆ ଅଧ୍ୟକ୍ଷ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ପିପୁଲ୍ସ କଲେଜରେ ନୂତନ ଅଧ୍ୟକ୍ଷ ଭାବେ ପ୍ରଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ସୋନପୁର ଜିଲ୍ଲାର ଧର୍ମଶାଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ବିଭାଗୀୟ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ତେବେ ନୂତନ ଅଧ୍ୟକ୍ଷ କାର୍ଯ୍ୟରେ ଯୋଗଦାନ କରିବା ପରେ କଲେଜର ପ୍ରାକ୍ତନ ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସମେତ ଅଧାପକ ଓ କର୍ମଚାରୀଗଣ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଓ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସେ ଦାୟିତ୍ୱ ଗ୍ରହଣ ପରେ କଲେଜର ଶୈକ୍ଷିକ ସହିତ ଆନୁଷାଙ୍ଗିକ କ୍ଷେତ୍ରର ବିକାଶ ଦିଗରେ ଯଥାସାଧ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଥିଲେ।

# ୩ ଚୋରଙ୍କୁ କାବୁ କଲେ ଗ୍ରାମବାସୀ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଥାନା ଅଧିନ ଦିବ୍ୟସିଂହପୁର ଗ୍ରାମରେ ଚୋରି ବୃଦ୍ଧି ପାଉଥିଲା। ଥାନାରେ ଏନେଇ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ସେମାନଙ୍କ ଟେର ପାଇପାରୁନଥିଲା। ଏନେଇ ଚୋରକୁ କାବୁ କରିବା ପାଇଁ ଗ୍ରାମର କିଛି ଯୁବକ ଜଗି ରହୁଥିଲେ। ଶେଷରେ ସେମାନେ ସଫଳ ମଧ ହୋଇଥିଲେ। ଗତକାଲି ବିଳମ୍ବିତ ରାତ୍ରରେ ଗୋଟିଏ ଓମିନ କାର ନଂ ଓଡି୦୨ୟୁ୪୮୧୫ ଯୋଗେ ତିନି ଜଣ ଯୁବକ ଦିବ୍ୟସିଂହପୁର ଗ୍ରାମକୁ ଯିବାବେଳେ ଚୋରି ସନ୍ଦହରେ ସେମାନଙ୍କୁ କାବୁ କରିଥିଲେ ଗ୍ରାମବାସୀ। ସେଥିରୁ ଦୁଇ ଜଣ ଯୁବକ ଗାଡି ଛାଡି ଦୌଡି ଅନ୍ୟ ଏକ ସ୍ଥାନରେ ଲୁଚି ଯାଇଥିବା ବେଳେ ଅନ୍ୟ ଜଣକୁ କାବୁ କରିଥିଲେ ଗ୍ରାମବାସୀ। ଗାଡିରେ ଗ୍ୟାସ ସିଲିର, ପାଇପ ଏବଂ ଚୋରିରେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ଥିବା ଦେଖିଥିଲେ। ଏନେଇ ସେମାନେ ଛତ୍ରପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ସହ ଜଣକୁ ଥାନକୁ ଆଣିଥିଲେ । ପୁଣି ଆଜି ସକାଳୁ ଅନ୍ୟ ଦୁଇ ଜଣକୁ ମଧ ଗ୍ରାମବାସୀ କାବୁ କରି ପୁଲିସକୁ ଜିମା ଦେଇଥିଲେ। ବର୍ତ୍ତମାନ ତିନିଜଣ ଯୁବକକୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି । ଏହି ତିନି ଜଣ କେଉଁ ବଡ ଚୋରି ଘଟଣା ଘଟାଇବାକୁ ଯାଉଥିଲେ ଏବଂ କେଉଁ କେଉଁ ଅଚଂଳରେ ଚୋରି କରିଛନ୍ତି ତାହାର ତଦନ୍ତ କରୁଛି । ତେବେ ଅଟକ ତିନି ଜଣ ଛତ୍ରପୁର ଅଚଂଳର ବୋଲି ଜଣାପଡିଛି । ସୂଚନା ଥାଉକି କିଛି ମାସ ହେଲା ଛତ୍ରପୁର ଥାନା ଅଚଂଳରେ ଦିନକୁ ଦିନ ଚୋରି, ଲୁଟ ଆଦି ବୃଦ୍ଧି ପାଉଥିବା ବେଳେ ଏଥିରେ ସଫଳତା ପାଇପାରୁନଥିଲା ପୁଲିସ ।

# ବିଷାକ୍ତ ମାଦକଦ୍ରବ୍ୟ ସେବନ, ଚୋରା କାରବାର ବିରୋଧରେ ସଚେତନତା ରଥ ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଶ୍ୱ ତମାଖୁ ବର୍ଜନ ଦିବସ ଠାରୁ ନିଶା ସେବନ ଓ ବେଆଇନ ମଦ କାରବାର ନିରୋଧ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଏହି ସଚେତନତା ଅଭିଯାନ (ଜୁନ୍-୨୬ପର୍ଯ୍ୟନ୍ତ) ଚାଲିବ । ରାଜ୍ୟବ୍ୟାପି କରାଯାଉଥିବା ଏହି ଅଭିଯାନର ଶୀର୍ଷକ ରହିଛି ଆମ ସଂକଳ୍ପ – ନିଶା ନୁହେଁ, ଜୀବନ' । ଗାଁରୁ ସହର ସମ୍ପୂର୍ଣ୍ଣ ଓଡିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରାଜ୍ୟ ସରକାର, ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସୁସଂଯୋଜିତ ଏବଂ ବ୍ୟାପକ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅବସରରେ ଗାଁ ଗାଁରେ ଗଡିବ ସଚେତନତା ରଥ । ଗଣମାଧମର ସହଯୋଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ।



ଏହି କ୍ରମରେ ଆଜି ଜିଲ୍ଲା ଅବକାରୀ ବିଭାଗ ତରଫରୁ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ସହର ପରିକ୍ରମା କରି ମାଦକ ଓ ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ଏବଂ ଅପମିଶ୍ରିତ ବିଷାକ୍ତ ଚୋରା ମଦ କାରବାର ବିରୋଧରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବ ।

ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାଏକ, ଅବକାରୀ ନିରୀକ୍ଷକ ଶ୍ରୀଧର ମହାନ୍ତି, ବାରିପଦା ସଦର ଅବକାରୀ ଥାନା ଅଧିକାରୀ ବ୍ରଜମୋହନ ମଲ୍ଲିକ, କୁଳିଅଣା ଅବକାରୀ ଥାନା ଅଧିକାରୀଣି ଜ୍ଞାନେଶ୍ୱରୀ ବିଶ୍ୱାଳ, ଦେଉଳି ଅବକାରୀ ଥାନା ଅଧିକାରୀ ପ୍ରଦୀପ ବେହେରା, ବେତନଟି ଅବକାରୀ ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ଖୁଣ୍ଟା ଅବକାରୀ ଥାନା ଅଧିକାରୀଣି ମମତା ଦାଶ, ଉଦଳା ଅବକାରୀ ଥାନା ଅଧିକାରୀଣି ସୁଭଦର୍ଶନୀ ସାହୁ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ମେଳାରେ ଯୁବତୀଙ୍କ ପର୍ସ ଚୋରି

ବ୍ରହ୍ମପୁର, (ସବ୍ୟୁ): ଲାଞ୍ଜିପଲିରେ ମା'ତାରା ଦେବୀ ଠାକୁରାଣୀଙ୍କ ଯାତ୍ରା ଚାଲିଛି । ସେଠାରେ ଅନୁଷ୍ଠିତ ହେଉଥିବା ମିନା ବଜାର (ମେଳା) ଦେଖିବାକୁ ଯାଉଥିବା ଜଣେ ଯୁବତୀଙ୍କ ପର୍ସ ଚୋରି ହୋଇଯାଇଥିଲା । କେହି ଦୁର୍ବୃତ୍ତ ଭିଡର ସୁଯୋଗ ନେଇ ପର୍ସ ଚୋରି କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପର୍ସ ଭିତରେ ଥିବା ତାଙ୍କର ଆଧାରକାର୍ଡ, ଗାଡି ରେଜିଷ୍ଟ୍ରେସନ କାର୍ଡ, ପାସପୋର୍ଟ, ଏଟିଏମ କାର୍ଡ ଓ ୫ ହଜାର ଟଙ୍କା ଥିବା ନେଇ ସେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି । ପୋଲିସ ୨୭୦/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଯେ, ଅଳକାପୁରୀରେ ରହୁଥିବା ଉକ୍ତ ଯୁବତୀ ଜଣଙ୍କ ଗତ ୩ ତାରିଖ ସନ୍ଧ୍ୟାରେ ସେଠାରେ ଲାଗିଥିବା ମେଳା ଦେଖିବାକୁ ଯାଉଥିଲେ । ରାସ୍ତାରେ ତାଙ୍କର ପର୍ସଟିକୁ କେହି କୌଶଳକ୍ରମେ ଚୋରି କରି ନେଇଯାଇଥିଲେ । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

# ଗଡିଆ ମହାବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ କାର୍ଯ୍ୟରେ ଯୋଗଦାନ



ବାରିପଦା, (ସବ୍ୟୁ) : ଗଡିଆ ଆଞ୍ଚଳିକ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥ ଶ୍ରୀମା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ଡଃ ସ୍ମିତା ଭଞ୍ଜ ନୂତନ ଅଧକ୍ଷା ତଥା ସମ୍ପାଦିକା ଭାବେ ଭାରପ୍ରାପ୍ତ ଅଧକ୍ଷ ଡଃ ଜଗନ୍ନାଥ ସାଥୁଆଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି।

ମହାବିଦ୍ୟାଳୟର ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ମାନେ ନୂତନ ଅଧକ୍ଷାଙ୍କୁ ଫୁଲତୋଡ଼ା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବା ବେଳେ ସେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ସ୍କୁଟି ପୋଡି : ଜଣେ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସ୍କୁଟି ପୋଡିବା ଅଭିଯୋଗରେ ଜଣେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଗିରଫ ଜଣକ ହେଲେ ଡେଙ୍ଗାପଦର ଗାଁ ଆଡୁଆସାହିର ଲାଲୁ ସ୍ୱାଇଁ (୫୨) । ସେହି ଗ୍ରାମର ସନ୍ତୋଷ ଭୂୟାଁଙ୍କ ପତ୍ନୀ ବୁଲି ଭୂୟାଁଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ୍ ନଂ ୩୫୫/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ମେ ୩୧ ତାରିଖ ରାତିରେ ବୁଲି ତାଙ୍କ ପୁଅଝିଅଙ୍କୁ ଧରି ଘରେ ଶୋଇଥିବା ବେଳେ ବାହାରେ ଥିବା ସ୍କୁଟିରେ ନିଆଁ ଲାଗିଥିବା ନେଇ ଜନୈକ ସାହିବାସିନ୍ଦାଙ୍କଠାରୁ ଖବର ପାଇ ସେ ବାହାରକୁ ଆସି ସ୍କୁଟିଟି ହୁତୁହୁତୁ ଜଳୁଥିବାର ଦେଖିବାକୁ ପାଇଥିଲେ। ପାରିବାରିକ ବିବାଦକୁ ନେଇ କିଛି ଦିନ ତଳେ ଲାଲୁ ତାଙ୍କର ସ୍କୁଟିଟିକୁ ପୋଡି ଦେବାର ଧମକ ଦେଇଥିଲେ। ତେବେ ଏହି ସ୍କୁଟି(ନଂ-ଓଡି ୦୭ ଏଭି ୭୧୧୩) ପୋଡି ଘଟଣାରେ ଲାଲୁଙ୍କୁ ଦାୟୀ କରି ବୁଲି ଜୁନ୍ ୧ ତାରିଖ ଦିନ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ଦରପୋଡା ସ୍କୁଟି ଏବଂ ପେଟ୍ରୋଲ୍ ବାସ୍ନା ହେଉଥିବା ପ୍ଲାଷ୍ଟିକ ବୋତଲକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଦୁର୍ଘଟଣା ଡାକୁଛି ବୁଗୁଡ଼ା-ପୋଲସରା ମୁଖ୍ୟ ରାସ୍ତାକଡ ଶୁଖିଲା ଗଛ

ବୁଗୁଡା, (ସବ୍ୟୁ): ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ ମୋହିଦଣ୍ଡାଠାରେ ଏକ ବିରାଟ ଶୁଖିଲା ଥୁଣ୍ଟା କାକପୋଇ ଗଛ ବିପଦ ଶଙ୍କୁଳ ଅବସ୍ଥାରେ ରହିଥିବା ଜଣାଯାଇଛି । ଉକ୍ତ ଗଛଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିବ ତାହା କହି ହେଉନି । ଉକ୍ତ ମୁଖ୍ୟ ସଡକ ଦେଇ ଶତାଧିକ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଯାତାୟାତ କରନ୍ତି । ରାସ୍ତା କଡରେ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ, ଛାତ୍ରଛାତ୍ରୀ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଛି । ଗତ ୨୫-୦୨-୨୦୨୩ ତାରିଖ ଦିନ ସେହି ଗଛକୁ ଧକ୍କା ଦେଇ ଗୋଳାବନ୍ଧ ଗ୍ରାମର ରାଜେନ୍ଦ୍ର ଜେନା ନାମକ ଜନୈକ ଟ୍ରକ୍ ଚାଳକ ମୃତ୍ୟୁ ବରଣ କରିଥିଲେ। ପ୍ରଶାସନିକ ଉଦାସୀନତା ହେତୁ ସେହି ଟ୍ରକଟି ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଦ୍ୟାବଧି ସେହି ଗଛକୁ ଲାଖିକରି ରହିଥିବା ବେଳେ ଗତ ୧୧-୦୪-୨୦୨୩ ତାରିଖ ସକାଳେ ଦୁର୍ଘଟଣାଗ୍ରସ୍ତ ସେହି ଟ୍ରକକୁ ଧକ୍କା ଦେଇ କାରରେ ଆସୁଥିବା ବୁଗୁଡା ଅରବିନ୍ଦନଗର ଅଞ୍ଚଳର ଏକ ପରିବାର ମାଆ ଓ ଦୁଇ ଝିଅ ଗୁରୁତର ଭାବେ ଆହତ ହୋଇଥିଲେ। ଫଳରେ ସେହି ଦୁର୍ଘଟଣା ସ୍ଥଳକୁ ଅତିକ୍ରମ କଲାବେଳେ ଜାଣିବା ଶୁଣିବା ଲୋକଙ୍କ ମନରେ ସେହି ପୁରୁଣା ମର୍ମନ୍ତୁଦ ଅଘଟଣ ଉଙ୍କି ମାରୁଥିବା ବେଳେ ଏବେ ଶୁଖିଲା ଥୁଣ୍ଟା ଗଛଟି ବିପଦର ଆଶଙ୍କା ଉପୁଜାଉଛି। ପ୍ରକାଶ ଥାଉ କି ଗତ ସପ୍ତାହରେ ଶରଣକୁଳ ଅଞ୍ଚଳର ଏକ ଦମ୍ପତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ ଦୁହେଁ ଆହତ ହୋଇଥିଲେ । ତେଣୁ, ଭବିଷ୍ୟତରେ ସମ୍ଭାବ୍ୟ ବିପଦକୁ ଏଡାଇବା ସକାଶେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସାଧାରଣରେ ଦୃଢ ଦାବି ହେଉଛି ।



# ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଅଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ସର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବ୍ୟାପକ ଅନିୟମିତତା ଓ ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଯୋଗୁଁ କଲେଜ ଅଧକ୍ଷ ଏବଂ ଦୁଇଜଣ ଅଧାପକ ଅଧାପିକାଙ୍କ ବିରୁଦ୍ଧରେ ଆନ୍ଦୋଳନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ହେଲା କଲେଜ କର୍ତ୍ତୁପକ୍ଷଙ୍କ ପରୀକ୍ଷା କରାଇବାରେ ଅନିୟମିତତା ଏବଂ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷାର ରେଜଲ୍ଟ ବାହାର କରା ନଯାଇ ଛାତ୍ରଛାତ୍ରୀ ମାନଙ୍କୁ ଭୟଭୀତ କରାଇବା, ଫେଲ କରାଇଦେବା କହି ଧମକ ଦେବା ଏବଂ ଛାତ୍ରଛାତ୍ରୀ ମାନଙ୍କ ଠାରୁ ବେଆଇନ ଜୋରିମାନା ଆଦାୟ କରିବାର ଅଭିଯୋଗ କରାଯାଇଛି। ପୂର୍ବରୁ ଛାତ୍ରଛାତ୍ରୀ ମାନେ କଲେଜର ଅନିୟମିତତାକୁ ନେଇ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା, ଏଥିରେ ଅତୀଷ୍ଟ ହୋଇ କଲେଜ ଅଧକ୍ଷ ୫୪ ଜଣ ପିଲାଙ୍କୁ ଫେଲ୍ କରାଇବାର କହି ଧମକ ଦେଇ ୨୩ ଜଣ ପିଲାଙ୍କୁ ୧ ରୁ ୪ ମାର୍କ ନେଇ ଫେଲ୍ କରାଇଥିଲେ। ଏହା ବିଭିନ୍ନ ସାମାଜିକ ଗଣମାଧମରେ ପ୍ରକାଶ ପାଇଥିଲା। ଏହାକୁ ଭିତି କରି ଛାତ୍ରଛାତ୍ରୀମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଗଣମାଧମରେ ଖବର ପ୍ରସାର ହେବା ଦ୍ୱାରା ପେପର୍ ଆଉଟ୍ କଲେ କଣ ତମେ ମାନେ ପାସ୍ ହେଇଯିବ କହି ପିଲାମାନଙ୍କୁ କଟାକ୍ଷ କରି ମାନସିକ ସ୍ତରରେ ଦବାଇବାକୁ ଚେଷ୍ଟା କରିଥିଲେ। ଇଚ୍ଛା ମୁତାବକ ପରୀକ୍ଷା କରାଇବା, ଛାତ୍ରଛାତ୍ରୀ ମାନେ ଉକ୍ତ ଅଧାପକ ଅଧାପିକାଙ୍କ ବ୍ୟକ୍ତିଗତ କାମରେ ଲଗାଇବା, କଥା ନମାନିଲେ ତାଙ୍କୁ ଫେଲ୍ କରାଇବା ଏବଂ ଅଧକ୍ଷଙ୍କୁ ଦାବି ଜଣାଇଲେ ଛାତ୍ରଛାତ୍ରୀଙ୍କୁ ଗେଟ୍ ଆଉଟ୍ କହି ଅସଦ ଆଚରଣ କରିବା, କଲେଜ ଅଧକ୍ଷ ପ୍ରଫେସର୍ ବିପିନ ବିହାରୀ ଖୁଣ୍ଟିଆ, ଅଧାପିକା ଡ଼ା. ସ୍ୱପ୍ନା ସ୍ୱୟମ୍ ପ୍ରୟା, ଅଧାପକ ଡା. ସୁବ୍ରତ କୁମାର ଓଝାଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରଛାତ୍ରୀ ଅଧକ୍ଷ ଓ ଏହି ଦୁଇଜଣ ଅଧାପକ ଓ ଅଧାପିକାଙ୍କ ବଦଳି କରାଇବା ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେଇଛନ୍ତି। ଉକ୍ତ ଧାରଣାରେ ଏବିଭିପି ପୂର୍ବ ପ୍ରାନ୍ତ ଜିଜ୍ଞାଶା ସହ-ସଂଯୋଜୋକ ବିଶ୍ୱଜିତ ରଣା, ରାହୁଲ୍ କୁମାର୍ ଉପାଧ୍ୟାୟ ଓ ନିତ୍ୟ ସୁନ୍ଦର ଦାସ୍ ନେତୃତ୍ୱ ଗ୍ରହଣ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ରଛାତ୍ରୀଙ୍କ ସମସ୍ୟା ବିଷୟରେ ଆଲୋଚନା କାରିବା ସହିତ ସରକାର ଏବଂ ପ୍ରଶାସନକୁ ସଠିକ କାର୍ଯ୍ୟନୁଷ୍ଠାନ ଦାବି କରିବା ସହିତ ଉକ୍ତ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଏବିଭିପି ଆନ୍ଦୋଳନ ରତ ଛାତ୍ରଛାତ୍ରୀଙ୍କ ମାନଙ୍କ ସହିତ ରହିବ ବୋଲି ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତ ସୋସିଆଲ ମିଡ଼ିଆ ସଂଯୋଜକ ସୁନୀଲ କୁମାର ଦୋରା କହିଛନ୍ତି । ଏଥିରେ ବ୍ରହ୍ମପୁର ନଗର ବିଦ୍ୟାର୍ଥୀ ବିସ୍ତାରକ ଅଧିର ରଞ୍ଜନ ସ୍ୱାଇଁ, ସୋନତ୍ ବେହେରା ଉପସ୍ଥିତ ଥିଲେ।

# ବିଶିଷ୍ଟ କଳାକାର ଅଟଳବିହାରୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର, (ସବ୍ୟୁ) : ଜୁନ ୫ ତାରିଖ ୨୦୨୧ ହେଉଛି ବିଶିଷ୍ଟ କଳାକାର ଅଟଳବିହାରୀ ପଣ୍ଡାଙ୍କ ତିରୋଧାନ ଦିବସ । ତାଙ୍କୁ ଏହି ଶ୍ରାଦ୍ଧ ଦିବସରେ ଓଡ଼ିଶାର ଅଗଣତି କଳାକାର, କଳାପ୍ରେମୀ, ନାଟ୍ୟପ୍ରେମୀ ଅଜସ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଉଛନ୍ତି । ବିଶେଷ କରି ସମ୍ବଲପୁରୀ ଭାଷା ଓ ସଂସ୍କୃତିରେ ଏହି ବିଶାଳ ବଟବୃକ୍ଷକୁ ସମ୍ମାନ ଓ ସ୍ମୃତି ଜଞ୍ଜାଳରେ ଶିରୋନାମା ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଅଟଳବିହାରୀ ପଣ୍ଡା, ଯାହାଙ୍କୁ ଲୋକପ୍ରିୟ ଭାବେ ଶଳା ବୁଢ଼ା ଭାବେ ଚିହ୍ନାଯାଏ । କେବଳ ଅଭିନେତା ନୁହଁ – ସେ ଥିଲେ ଏକ ସାହିତ୍ୟକ, ନାଟ୍ୟକାର, ଓ ଏକ ସଂସ୍କୃତି ରକ୍ଷକ । ସମ୍ବଲପୁରୀ ଭାଷାକୁ ସେ ଯେମିତି ମଞ୍ଚ ଓ ପୁସ୍ତକ ମାଧ୍ୟମରେ ଶାସ୍ୱତ କଲେ, ତାହା ଅନନ୍ୟ । ସେ ଲେଖିଥିଲେ ସମ୍ବଲପୁରୀ ଭାଷାର ପ୍ରଥମ ନାଟକ ଫଟା କପାଲ୍, ଯାହା ଏକ ଇତିହାସିକ କାର୍ଯ୍ୟ ଭାବେ ଗ୍ରହଣ କରାଯାଇଛି । ପରେ ଲେଖିଲେ ଦେବୀ, ଏହା ହେଉଛି ପ୍ରଥମ ସମ୍ବଲପୁରୀ ଉପନ୍ୟାସ । ତାପରେ ଲେଖିଲେ ବନ୍ଧୁ ଉବାଚ, ସମ୍ବଲପୁରୀ ଭାଷାର ପ୍ରଥମ ଆତ୍ମଜୀବନୀ ।



ନାଟକ ଓ ସଂଗୀତରେ ସେ ଦେଖାଇଥିଲେ ନିଜ ପ୍ରତିଭା – ବହୁ ସମ୍ବଲପୁରୀ ଓ ଓଡ଼ିଆ ନାଟକ ଲେଖିଥିଲେ । ଗୀତ ରଚନା କରିଥିଲେ ଏବଂ ଅନେକ ନାଟକରେ ଅଭିନୟ କରିଥିଲେ । ଅଭିନୟ ଜଗତରେ ତାଙ୍କ ଅଦ୍ଭୁତ ଆଗମନ ହେଲା ୮୦ ବର୍ଷ ବୟସରେ, ଯେତେବେଳେ ସେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶଳା ବୁଢ଼ା ଚଳଚ୍ଚିତ୍ରରେ ଅଭିନୟ କଲେ । ତାଙ୍କ ଅଭିନୟରେ ଏତେ ପ୍ରଭାବ ପଡ଼ିଲା ଯେ ସେ ସର୍ବଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇଲେ । ପରେ ସେ ଅଭିନୟ କଲେ ଆଦିମ ବିଚାର ଓ ଶଳା ବୁଢ଼ାର ବଦଳା – ଦୁଇଟି ଅତ୍ୟନ୍ତ ସମ୍ବେଦନଶୀଳ ଓ ଗାଁ ଜିମି ଜୀବନକୁ ମୁହାଁ ଦେଇଥିବା ଚଳଚ୍ଚିତ୍ର, ଯେଉଁଠାରେ ତାଙ୍କ ଅଭିନୟ ଅମର ହୋଇ ରହିଛି ।

କିନ୍ତୁ ଦୁଃଖର କଥା ହେଉଛି – ଏତେ ବଡ଼ ସଂସ୍କୃତି ସେବକ ଥିଲେ ମଧ ଯନ୍ତ୍ରଣା ଯେ, ତାଙ୍କ ନିଜ ଗାଁ ବିନିକା, ସୁବର୍ଣ୍ଣପୁର ଜିଲ୍ଲାରେ ଏପର୍ଯ୍ୟନ୍ତ ତାଙ୍କ ଏକ ପ୍ରତିମୂର୍ତ୍ତି ଅନ୍ତଃସ୍ଥାପିତ ହୋଇନାହିଁ । ନିୟମିତ ଭାବେ ଭାଷଣ ଓ ସଭା ହେଉଥିଲେ ମଧ, ସ୍ଥାୟୀ ସ୍ମୃତି ପାଇଁ ବ୍ୟବସ୍ଥା କରିବାରେ ପ୍ରଶାସନ ଅବସର ଘୋଷଣାରେ ବ୍ୟସ୍ତ ଥିଲେ ବୋଲି ଲାଗେ । ଜଣେ ସଂସ୍କୃତି ସୂର୍ଯ୍ୟଙ୍କୁ ଏମିତି ଅଦୃଶ୍ୟ କରିଦେବା କେତେ ଯୁକ୍ତିସଙ୍ଗତ । ତାଙ୍କ ସଂସ୍କୃତି ଯାତ୍ରା କେବଳ ପ୍ରସିଦ୍ଧି ପାଇଁ ନୁହଁ – ସେ ଏହି ଯାତ୍ରା କଲେ ଭାଷା ପାଇଁ, ଗାଁର ମାନ୍ୟତା ପାଇଁ ଓ ଗରିବ ଲୋକଙ୍କ କଥାକୁ ବହାର କରିବା ପାଇଁ । ସେ ସମ୍ବଲପୁରୀ ସଂସ୍କୃତିକୁ ଓଡ଼ିଶାର ମୁଖ୍ୟ ସାହିତ୍ୟ ଓ ଚଳଚ୍ଚିତ୍ର ରେଖାରେ ଆଣିଥିଲେ ।

ଆସନ୍ତୁ, ଏହି ଦିନରେ ଆମେ କେବଳ ତାଙ୍କୁ ଶ୍ରଦ୍ଧାଞ୍ଜଳି ନ ଦିଅ, ବରଂ ତାଙ୍କ ସାହିତ୍ୟ ପଢ଼ିବା, ତାଙ୍କ ଗୀତ ଗାଇବା, ତାଙ୍କ ନାଟକ ଅଭିନୟ କରିବା ମାଧ୍ୟମରେ ତାଙ୍କ ଆତ୍ମାକୁ ଶାନ୍ତି ଦିଅ । ଶଳା ବୁଢ଼ାର ମୃତ୍ୟୁ ନୁହଁ – ସେ ଆଜି ମଧ ବଞ୍ଚିଛନ୍ତି, ସମ୍ବଲପୁରୀ ଭାଷାର ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ କବିତା, ପ୍ରତ୍ୟେକ ଗୀତରେ । ଆଶା କରିବାକୁ ଇଚ୍ଛା ହୁଏ, ଗୋଟିଏ ଦିନ ସେ ମାନ୍ୟତା ନିଶ୍ଚିତ ମିଳିବ, କୋଟି କଳାପ୍ରେମୀ ଓ ନାଟକକୁ ଭଲପାଉଥିବା ମଣିଷଙ୍କ ମଧ୍ୟରେ । ଆଜି ଚତୁର୍ଥ ଶ୍ରାଦ୍ଧ ଉତ୍ସବରେ ନାତି ସୌମ୍ୟରଞ୍ଜନ ପୂଜାରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅନେକ କିଛି ଆଶା ରଖିଛନ୍ତି ।

# ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଗଣଧାରଣା



ଅନୁଗୁଳ, (ସବ୍ୟୁ) : ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କିଛି ମୁଷ୍ଟିମେୟ ବ୍ୟକ୍ତି ମାନଙ୍କ ଦ୍ୱାରା ହେଉଥିବା ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ଅନୁଗୁଳ ଜଗନ୍ନାଥ ସେନା ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଅଛି । ଦୀର୍ଘବର୍ଷ ଧରି ଅନୁଗୁଳ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ହେଉଥିବା ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହିତ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ନିମନ୍ତେ ଅନୁଗୁଳ ଜଗନ୍ନାଥ ସେନା ଜିଲ୍ଲା ପ୍ରଶାସନ ନିକଟରେ ଦାବୀ ଉପସ୍ଥାପନା କରିଆସୁଅଛି । ତେବେ କେଉଁ ସ୍ୱାର୍ଥରେ ବା କାହା ଚାପରେ ପ୍ରଶାସନ ନୀରବ ରହି ଦୁର୍ନୀତି ଓ ଅନ୍ୟାୟକୁ ସମର୍ଥନ କରିଆସୁଅଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଜଗନ୍ନାଥ ସେନା ଅଭିଯୋଗ କରିଛି । ଯାହାକୁ ନେଇ ବୁଧବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବା ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପର୍ଯ୍ୟନ୍ତ ଦୈନିକ ଏକଘଣ୍ଟା ପୂର୍ବାହ୍ନ ୯ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ନେଇ ଜଗନ୍ନାଥ ସେନା ନିଷ୍ପତ୍ତି ନେଇଅଛି । ସେନାର ଅଭିଯୋଗ ଅନୁଯାୟୀ ମନ୍ଦିର ପରିଚାଳନା ନିମନ୍ତେ ହୋଇଥିବା ବାଇଲର ନିୟମକୁ ଖୁଲମଖୁଲା ଉଲଂଘନ କରାଯାଇ ଗୋଟିଏ ପଦବୀରେ ସମ୍ପାଦକ ହେମନ୍ତ ଦାଶ ଓ ଉପ ସଭାପତି ତଥା ବିଶେଷ ପୂଜା କମିଟି ଅଧକ୍ଷ ଭବାନୀ ପ୍ରସାଦ ମିଶ୍ର କିଛି ସପକ୍ଷବାଦୀଙ୍କ ସହାୟତାରେ ଦୀର୍ଘଦିନ ଧରି ଜବରଦଖଲ କରି ବସି ରହିଛନ୍ତି । ଫଳରେ ମନ୍ଦିରକୁ ବ୍ୟକ୍ତିଗତ ସମ୍ପତ୍ତି ଭାବିବା ସହିତ ଅନ୍ୟାୟ ଅନୀତି କରିଆସୁଛନ୍ତି ।

ଏଣୁ ଉଭୟଙ୍କୁ ତୁରନ୍ତ ଉକ୍ତ ପଦବୀରୁ ବହିଷ୍କାର କରାଯାଇ ନୂତନ ସଦସ୍ୟ ମାନଙ୍କୁ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା କରାଯାଉ ବୋଲି ଜଗନ୍ନାଥ ସେନା ଦାବୀ ରଖିଅଛି । ଏଥିସହିତ ନିୟମାନୁଯାୟୀ ବାର୍ଷିକ ସାଧାରଣସଭା ରଥଯାତ୍ରା ପୂର୍ବରୁ ବା ଅପ୍ରେଲ ମାସ ସୁଧା ହେବାକୁ ଥିଲେ ମଧ ତାହା ନିୟମିତ କରାଯାଉନାହିଁ । ଏଣୁ ରଥଯାତ୍ରା ପୂର୍ବରୁ ସାଧାରଣ ସଭାର ଆୟୋଜନ କରାଯାଉ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନୁଗୁଳ ଶୈଳ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଓଡ଼ିଶାର ଏକ ମୁଖ୍ୟ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନୀ ସ୍ଥଳୀ ଭାବେ ପରିଚୟ ସୃଷ୍ଟି କରିସାରିଥିବାରୁ ଏହାକୁ ଦେବୋତ୍ତର ବିଭାଗ ଅଧୀନକୁ ନିଆଯାଇ ରାଜ୍ୟ ସରକାର ଏହାର ବିକାଶ କରନ୍ତୁ ବୋଲି ମଧ ଜଗନ୍ନାଥ ସେନା ଦାବି କରିଛି ।

ଏଥିସହିତ ୨୦୦୪ ମସିହାଠାରୁ ମନ୍ଦିରର ଆୟବ୍ୟୟର ଅଡିଟ୍ ରିପୋର୍ଟ ସାର୍ବଜନୀନ କରାଯିବା ସହିତ କୌଣସି ନିରପେକ୍ଷ ସଂସ୍ଥା ଦ୍ୱାରା ଅଡିଟ୍ କରାଯାଉ ବୋଲି ମଧ ଜଗନ୍ନାଥ ସେନା ଦାବୀ ରଖିଅଛି । ଯେ ପର୍ଯ୍ୟନ୍ତ ଉପରୋକ୍ତ ସମସ୍ୟାର ସମାଧାନ ନହୋଇଛି ଏ ଗଣଧାରଣା ଜାରି ରହିବ ସହିତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଜଗନ୍ନାଥ ସେନା ପ୍ରକାଶ କରିଅଛି ।

# ରାଣୀପାର୍କ ଜମି ଜବରଦଖଲ ଉଚ୍ଛେଦ ପାଇଁ ୩୦ ଜଣଙ୍କୁ ନୋଟିସ୍



ତାଳଚେର, (ସବ୍ୟୁ) : ତାଳଚେରର ବହୁ ପୁରାତନ ରାଣୀପାର୍କ ଜଙ୍ଗଲଟି ସିଲିଙ୍ଗ ପ୍ଲସ୍‌ରେ ସରକାର ହାତକୁ ଚାଲିଯିବାପରେ ଏହି ଜଙ୍ଗଲଟି ଶ୍ରୀହୀନ ହେବା ସହ ତହସିଲର କେତେକ ଅସାଧୁ କର୍ମଚାରୀଙ୍କୁ ହାତବାରସୀ କରି ଜମି ମାଫିଆମାନେ ନିଜ ଅକ୍ତିଆରରେ ଦୀର୍ଘ ବର୍ଷରୁ ଘରଦ୍ୱାର କରି କବଜା କରିଛନ୍ତି । ବାରମ୍ବାର ଗଣମାଧ୍ୟମରେ ଏବାବଦରେ ଖବର ପ୍ରକାଶ ହେବାପରେ ତାଳଚେର ପୌରପରିଷଦ ପକ୍ଷରୁ ତା ୦୨/୦୫/୨୦୨୫ରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ପ୍ରଦାନ କରିଥିଲେ । ଭୂମି ଅଧିକାର ନିୟମ ୨୦୧୭ ସରକାରୀ ଜମିରେ ଜବରଦଖଲ ଓ ବେଆଇନ ଭାବେ ଗୃହ ନିର୍ମାଣ କରି ନିଜର ସ୍ୱାର୍ଥ ସାଧନ କରିବା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ରାଣୀପାର୍କ ଜମି ସଙ୍କୁଚିତ ହେବାରେ ଲାଗିଛି ।

ବାରମ୍ବାର ଅଭିଯୋଗ ହେବାପରେ ପୌରପରିଷଦ ପକ୍ଷରୁ ଉକ୍ତ ଜବରଦଖଲ ଜମିକୁ ୭ଦିନ ମଧ୍ୟରେ ଖାଲି କରିବାକୁ ନୋଟିସ୍ ଜାରି ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏପର୍ଯ୍ୟନ୍ତ ପୌରପରିଷଦ ପକ୍ଷରୁ ଚୁପ୍ ହୋଇ ବସିଥିବା ଘଟଣା ଏହା ଲୋକଙ୍କୁ ଦ୍ୱନ୍ଦରେ ପକାଇଛି । ତେବେ କାହା ଚାପରେ ପୌରପରିଷଦ ଚୁପ୍ ହୋଇ ବସିପଡ଼ିଲା ନା ଆଉ କେଉଁ ଘଟଣାକୁ କେନ୍ଦ୍ରକରି ଚୁପ ହୋଇ ରହିଛି ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । ତେବେ ରାଣୀପାର୍କ ଜମି ଜବରଦଖଲ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନୋଟିସ୍‌ରୁ ପ୍ରମାଣିତ ହୁଏ ଯେ, ଏକରୁ ଏକାଧିକ ବ୍ୟକ୍ତି ଜମିକୁ ଅକ୍ତିଆର କରି ଦୀର୍ଘ ଦିନରୁ ରହି ଆସିଛନ୍ତି ଓ ଭଡ଼ା ସୂତ୍ରରେ ଦେଇ ବ୍ୟବସାୟ ଚଳାଇଛନ୍ତି ବୋଲି ସ୍ଥାନୀୟ ଲୋକ ଏହା ପ୍ରକାଶ କରୁଛନ୍ତି । ତେଣୁ ସର୍ବସାଧାରଣ ପାଇଁ ରାଣୀପାର୍କ ଜମି ପ୍ରଶାସନ ପକ୍ଷରୁ ଏଡା ସ୍ୱାଗତ ଯୋଗ୍ୟ ପଦକ୍ଷେପ ମାତ୍ର ଏହାର କାର୍ଯ୍ୟକାରୀ ଉପରେ ଉଠିଛି ପଶ୍ନ ।

# ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା ପ୍ରଦାନ

କଣିହାଁ, (ସବ୍ୟୁ) : ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଛାତ୍ର ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦ, କଣିହାଁ ବ୍ଲକ ପକ୍ଷରୁ ମୃତ ଶିକ୍ଷକ ପରିବାରକୁ ଅନୁକମ୍ପା ସହାୟତା ପ୍ରଦାନ କରାଯାଇଛି । କଲ୍ୟାଣ ପରିଷଦ ପକ୍ଷରୁ କର୍ମକର୍ତା ବୁଧବାର ଦିନ ମୃତ କ୍ରୀଡା ଶିକ୍ଷକ ଦୁଷ୍ମନ୍ତ କୁମାର ମିଶ୍ର ଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ନିମିତ୍ତ ତାଙ୍କର କଣିହାଁ ବ୍ଲକ ବୁରୁକୁନା ପଂଚାୟତ ଅନ୍ତର୍ଗତ କୁଲାପାଳ ଗ୍ରାମକୁ ଯାଇ ଅମର ଆତ୍ମାର ସଦଗତି ପ୍ରଦାନ କରିବା ସହ ସହାୟତା ରାଶି ପ୍ରଦାନ କରିଥିଲେ ।

ପରିଷଦ ପକ୍ଷରୁ ମୃତ ଶିକ୍ଷକଙ୍କ ଦୁଇପୁତ୍ରଙ୍କୁ ଛାତ୍ର ଶିକ୍ଷକ ଓ କର୍ମଚାରୀ କଲ୍ୟାଣ ପରିଷଦ ତରଫରୁ ୧୦ ହଜାର ଟଙ୍କା, ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ ୫ ହଜାର ଟଙ୍କା, ଅନୁଗୋଳ ଜିଲ୍ଲାର ସମସ୍ତ ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନଙ୍କ ଠାରୁ ସଂଗୃହିତ ୭୨ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ପରିଷଦର ସଭାପତି କନ୍ତାରୁ ଚରଣ ସାହୁ , ଡାକେଶ୍ୱରି ଉଚ୍ଚ ବିଦ୍ୟାଳୟ, ବଡଗୁଣ୍ଡୁରି ର ପ୍ରଧାନ ଶିକ୍ଷକ ରାଜେଶ କୁମାର ଦାଶ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ କୁମାର ମିଶ୍ର , ଟ୍ରଷ୍ଟ ସମ୍ପାଦକ ମଳୟ ଚରଣ ପରିଡା, ମହର୍ଗା ପ୍ରଧାନ, ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ସାହୁ , ଲୋକନାଥ ମିଶ୍ର , ରୋହିତ କୁମାର ପ୍ରଧାନ, ଜ୍ୟୋସ୍ନାରାଣୀ ସାହୁ ପ୍ରମୁଖ ମୃତ ଶିକ୍ଷକ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ମୃତ ଦୁଷ୍ମନ୍ତ କୁମାର ମିଶ୍ର କଣିହାଁ ବ୍ଲକ ଅନ୍ତର୍ଗତ ବଡଗୁଣ୍ଡୁରି ଡ଼ାକେଶ୍ୱରି ବାଳିକା ଉଚ୍ଚ ବିଦ୍ୟାଳୟ ରେ କ୍ରୀଡା ଶିକ୍ଷକ ରୁପେ କାର୍ଯ୍ୟ କରୁଥିଲେ ।

# ନରେଗା ଶ୍ରମିକ ସାଜିଛନ୍ତି ଏମବିକେ, ଖେଳ ଶିକ୍ଷକ
# କାମ ନକରି ବ୍ୟାଙ୍କ ଖାତାକୁ ଯାଉଛି ହଜାର ହଜାର ଟଙ୍କା

ପାଲଲହଡା, (ସବ୍ୟୁ) : ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗରିବ ଖଟିଖିଆ ଙ୍କୁ ବର୍ଷକୁ ୧୦୦ ଦିନ ନିଶ୍ଚିତ ରୋଜଗାର ଯୋଗାଇଦେବାର ସରକାରୀ ବ୍ୟବସ୍ଥା ଥିବା ବେଳେ ସେଥିପାଇଁ ସରକାର ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ଯୋଗାଇ ଦେଉଛନ୍ତି । ମାତ୍ର ଶ୍ରମିକ ବଦଳ ରେ ମେସିନ ସାହାଯ୍ୟରେ କାମ କରି ମନରେଗା ଯୋଜନାର ଅର୍ଥ ହଡ଼ପ କରିବାରେ ମାହିର ପାଲଟିଛନ୍ତି କିଛି ସରକାରି ବାବୁ ଏବଂ ଗାଁ ର ତଥା କଥିତ ନେତା । କେବଳ ସେତିକି ନୁଁହେ ଠିକା ସରକାରି କର୍ମଚାରୀ ମାନଙ୍କ ନାଁ ରେ ମଧ ଜବକାର୍ଡ ଖୋଲି ଟଙ୍କା ହଡପ କରିବା ଘଟଣା ଦେଖିବାକୁ ମିଳିଛି ।

ଏପରି ଏକ ଘଟଣା ସାମ୍ନାକୁ ଆସିଛି ଅନଗୁଳ ଜିଲ୍ଲା ପାଲଲହଡା ଉପଖଣ୍ଡ ଚଷାଗୁରୁଜାଙ୍ଗ ପଞ୍ଚାୟତରୁ । ଜବକାର୍ଡ ନମ୍ବରରେ କ୍ଲ-୨୧-୦୦୭-୦୦୬-୦୦୧/୨୭୮୭୪ ରେ ଯଶୋଦା ଜେନା ଏବଂ ତାଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ଉଭୟ ପେଷାରେ ସରକାରି ଅନୁଦାନପ୍ରାପ୍ତ ସଂସ୍ଥାର ଠିକା କର୍ମଚାରୀ ବୋଲି ଜଣାପଡିଛି । ଯଶୋଦା ଗତ ୨୦୧୨ ମସିହାରୁ ମିସନ ଶକ୍ତି ବିଭାଗରେ ମାଷ୍ଟର ବୁକ କିପର (ଏମ୍ ବି କେ ) ଭାବେ କାର୍ଯ୍ୟରତ ଥିବା ବେଳେ ପୃଷଦସ୍ କମ୍ପରକେଲା ସରକାରୀ ଆଶ୍ରମ ବିଦ୍ୟାଳୟ ରେ ଠିକା ଶାରୀରିକ ଶୀକ୍ଷକ ଭାବେ କାର୍ଯ୍ୟରତ । ୨୦୨୪-୨୫ ଆର୍ଥିକ ବର୍ଷରେ ଚଷାଗୁରୁଜାଙ୍ଗ ଗାଁ ପଲ୍ଲୀସଭା ବରଗଛ ପିଣ୍ଡି ଠାରୁ ବୁନ୍ଦି ସାହୁ ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ଉଭୟଙ୍କ ନାମରେ ମାର୍ଚ୍ଚ ୧୩ ତାରିଖ ରୁ ୨୬ ତାରିଖ ପର୍ଯ୍ୟନ୍ତ ୧୪ ଦିନ ପାଇଁ ଏବଂ ୨୬ ଦିନ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲ ମାସ ୨୯ ତାରିଖରୁ ମେ ମାସ ୧୨ ତାରିଖ ପର୍ଯ୍ୟନ୍ତ ୨୮ ଦିନ କାର୍ଯ୍ୟ କରିସାରିଥିବା ବେଳେ ଏବେ ମେ ମାସ ୩୧ ତାରିଖ ଠାରୁ ଜୁନ ମାସ ୧୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ଜଣାପଡିଛି ଏବଂ ଏହା ବାବଦକୁ ଯଶୋଦାଙ୍କ ବ୍ୟାଙ୍କ ଖାତାକୁ ୪ଟି ପର୍ଯ୍ୟାୟ ରେ ୬୬୦୪/- ଟଙ୍କା ଏବଂ ସ୍ୱାମୀ ପୃଷଦସ୍ ଜେନାଙ୍କ ବ୍ୟାଙ୍କ ଖାତାକୁ ୪ ଟି ପର୍ଯ୍ୟାୟ ରେ ୭୬୪୪/- ଟଙ୍କା ଯାଇଥିବା ଦସ୍ତାବିଜରୁ ଜଣାପଡିଛି ।

ସରକାରୀ ନିୟମ ମୁତାବକ ସରକାରି ଭତ୍ତା କିମ୍ବା ଦରମା ପାଉଥିବା ବା ମାସକୁ ଦସ ହଜାର ରୁ ଉର୍ଦ୍ଧ ଆୟ କରୁଥିବା ବ୍ୟକ୍ତି ମନରେଗା ଯୋଜନାରେ କର୍ମ ନିଯୁକ୍ତି ପାଇ ପାରିବେ ନାହିଁ ବୋଲି ନିୟମ ଥିବାବେଳେ ପଞ୍ଚାୟତର ସରପଞ୍ଚ, ନିର୍ବାହି ଅଧିକାରୀ କିମ୍ବା ଜୀ ଆର୍ ଏସ୍ କିପରି ଜାଣି ପାରିଲେ ନାହିଁ । ଏ ବିଷୟରେ ଜିଆରଏସ ତାପସ କୁମାର ସାହୁ ଙ୍କ ସହିତ ଯୋଗାଯୋଗ କରିବାରୁ ମୁଁ ଏହି ପଞ୍ଚାୟତରେ ନୂଆ ଭାବେ ଜଏନ କରିଛି, ଏ ସମ୍ପର୍କରେ ମୋ ପାଖରେ କୌଣସି ଖବର ନଥିବା କହିଥିଲେ । ସେହିପରି ଉଭୟ ଜବ କାର୍ଡ ଧାରି ଘଟଣା କୁ ସ୍ୱୀକାର କରିଥିବା ବେଳେ ନିଜ ଭୁଲ କୁ ସ୍ୱୀକାର କରିବା ସହ ଗାଁ ର କିଛି ଯୁବକ ଆମଠାରୁ ଜବ କାର୍ଡ ନେଇ ଏମିତି କରିଛନ୍ତି ବୋଲି ସ୍ୱାମୀ ପୃଷଦସ୍ ଜେନା କହିଛନ୍ତି । ଏ ସମ୍ପର୍କ ରେ ବିଡ଼ିଓ ଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ନିଯୁକ୍ତି ଦାବିରେ ଜେଆଇପିଏଲ କ୍ଷତିଗ୍ରସ୍ତଙ୍କ ଧାରଣା

କଣିହାଁ, (ସବ୍ୟୁ) : ମେଣ୍ଟେନାନ୍ସରେ ନିଯୁକ୍ତି ସହ ୮ଦଫା ଦାବି ନେଇ କଣିହାଁ ଡେରେଙ୍ଗ ସ୍ଥିତ ଜେଆଇପିଏଲ କ୍ଷତିଗ୍ରସ୍ତ ବେକାର ଯୁବ କମିଟିଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଥିଲା । କ୍ଷତିଗ୍ରସ୍ତ ବେକାର ଯୁବକମାନେ ବୁଧବାର ସକାଳ ୯ ଘଟିକା ସମୟରେ ଗଡ଼ନାୟକ ସାହି ପ୍ରକଳ୍ପ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ପରେ ଧାରଣା ସ୍ଥଳରେ କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, କଣିହାଁ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ଜେଆଇପିଏଲ ଅଧିକାରୀ ଓ ଡେରଙ୍ଗ ଗ୍ରାମ ସଭାପତି ପ୍ରଶ୍ନ ନାୟକ, ସମ୍ପାଦକ ସୁଜିତ ସାହୁ ଏବଂ ସମାଜସେବୀ ଏସ ବେହେରାଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ସମାଧାନ କରାଯିବା ପାଇଁ ପ୍ରତିଶୃତି ପାଇବା ପରେ ଧାରଣା ସ୍ଥଗିତ ରହିଛି । ସାଗର ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିଲା ।

# କଣ୍ଟେଇ କୋଳିଆରେ ଚଷା ସମାଜ ବୈଠକ

ଠାକୁରଗଡ଼, (ସବ୍ୟୁ) : କୃଷି ବିନା ଦେଶର ଉନ୍ନତି ଅସମ୍ଭବ । ହେଲେ ସରକାର କୃଷି ର ବିକାଶ କରିବା ରେ ଅବହେଳା କରୁଛନ୍ତି । କିପରି କୃଷି ର ବିକାଶ ହେବ ସେ ନେଇ ଆବଶ୍ୟକ ପରିମାଣର ଜଳ ସେଚନ ପ୍ରକଳ୍ପ ନିର୍ମାଣ କରୁ ନାହାନ୍ତି । ଯାହାକି ବର୍ଷ ତମାମ ଚାଷୀ ଚାଷ କରି ପାରୁ ନାହାନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ମଙ୍ଗଳବାର ଦିନ କିଶୋରନଗର ବ୍ଲକ କଣ୍ଟେଇକୋଳିଆ ଗ୍ରାମରେ ଅନୁଷ୍ଠିତ ନିଖିଳ ଉତ୍କଳ ଚଷା ଷୋଳ ପଦା ପ୍ରଗଣାର ଅନୁଷ୍ଠିତ ବାର୍ଷିକ ଉତ୍ସବ ରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଥିଲେ ।

ଭାଗିରଥି ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହେଶ୍ୱର ଦେହୁରୀ, ଦୀନବନ୍ଧୁ ସାହୁ, ଈଶ୍ୱର କୁମାର ସାହୁ, ବେଣୁଧର ଦେହୁରୀ, ପ୍ରଦୀପ ବିଶ୍ୱାଳ, କୈଳାସ ଚନ୍ଦ୍ର ପ୍ରଧାନ ଙ୍କ ସମେତ ଚଷା ସମାଜର ସଦସ୍ୟ ମାନେ ଯୋଗ ଦେଇଥିଲେ । ଏଥିରେ ପ୍ରଥମେ ପ୍ରଭୁ ଜଗନ୍ନାଥ ଙ୍କୁ ପୂଜା କରାଯିବା ପରେ ବୈଠକ ଆରମ୍ଭ ହୋଇଥିଲା । ୨୧ ଟି ପୁଞ୍ଜର ସଦସ୍ୟମାନେ ଯୋଗ ଦେଇଥିଲେ । ଚଷା ସମାଜ ର ନୀତି ନିୟମ ସମ୍ପର୍କ ରେ ଆଲୋଚନା କରାଯାଇଥିଲା । ଯେଉଁ ମାନେ ସମାଜର ଚଳଣିରେ ଅମାନ୍ୟ କରିଛନ୍ତି ସେମାନଙ୍କ ବିଷୟ ରେ ଆଲୋଚନା କରାଯାଇଥିଲା । ଏଥିସହ ଚଳିତ ବର୍ଷ କିଭଳି ଧାନ ଚାଷ ଭଲରେ ହେବ ସେ ନେଇ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦିଆ ଯାଇଥିଲା ।

## ବିଶ୍ୱ ଦରଜୀ ଦିବସ ପାଳିତ
# ବୃତ୍ତି ଛାଡ଼ି ହେଉନି କି ପେଟ ପୋଷି ହେଉନି

ଭୁବନ, (ସବ୍ୟୁ) : ଭୁବନ ଦରଜୀ ସଂଘ ତରଫରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଥିବା ଯୋଗ ଗୃହ ଠାରେ ବିଶ୍ୱ ଦରଜୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଅଚ୍ୟୁତାନନ୍ଦ ପାତ୍ର ଅଧ୍ୟକ୍ଷତା କରି କହିଥିଲେ । ଆଜିର ରେଡିମେଡ ଯୁଗରେ ଦରଜୀ କାମ କରି ପରିବାର ଚଳାଇବା କଷ୍ଟକର ବିଷୟ । ଦରଜୀ ମାନଙ୍କୁ ସରକାରଙ୍କ ସର୍ବନିମ୍ନ ମଜୁରୀ ମଧ ମିଳୁନାହିଁ । କେବଳ ସିଜିନ ବ୍ୟତୀତ ଅନ୍ୟ ସମୟରେ କାମ ଅଭାବରୁ ଦୁଃଖ ଦୁର୍ଦ୍ଦଶାରେ ଚଳିବାକୁ ପଡୁଛି । ବୃତ୍ତି ଛାଡ଼ି ହେଉନି କି ପେଟ ପୋଷି ହେଉନି । ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଯଦିଓ ଦରଜୀ ମାନଙ୍କୁ ଶ୍ରମିକ ମାନ୍ୟତା ଦେଇଛି କିନ୍ତୁ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ । ଦରଜୀମାନଙ୍କୁ ଅସମୟରେ ମୃତ୍ୟୁ, ଅକର୍ମଣ୍ୟ ସହାୟତା, ପିଲାଙ୍କ ଉଚ୍ଚ ଶିକ୍ଷା, ଝିଅ ବିବାହ ସମୟରେ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଜୟକୃଷ୍ଣ ବେହେରା, ଉପ ସଭାପତି ଅର୍ଜୁନ ପୃଷ୍ଟି, ସହ ସମ୍ପାଦକ ପ୍ରମୋଦ କୁମାର ଦାସ, ରଘୁନାଥ ରଣା ଉପସ୍ଥିତ ରହି ଉଦବୋଧନ ଦେଇଥିଲେ । ଏହି ଅବସରରେ ୮୦ ଜଣ ମହିଳା/ପୁରୁଷ ଦରଜୀଙ୍କୁ ପରିଚୟ ପତ୍ର ଓ ଅଣ ସଂଗଠିତ ଶ୍ରମିକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ତାଳଚେର ପୌରପରିଷଦର ଜଳଛତ୍ର କାହା ସ୍ୱାର୍ଥରେ
# ଖରାରେ ପାଣି ଟୋପାଏ ପାଇଁ ଡହଳବିକଳ ବାଟୋଇ



ତାଳଚେର, (ସବ୍ୟୁ) : ଶିଳ୍ପନଗରୀ ତାଳଚେର ସହରରେ ପ୍ରତିବର୍ଷ ଖରାଦିନ ଆସିଲେ ପୌରପରିଷଦ ପକ୍ଷରୁ ବାଟୋଇ, ଦାଣ୍ଡୋଇମାନଙ୍କ ଶୋଷ ମେଂଟାଇବାକୁ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଜଳଛତ୍ର ଖୋଲି ପାନୀୟ ଜଳ ଯୋଗାଇ ଦିଆଯାଇଥାଏ । ସେହିପରି ଚଳିତ ବର୍ଷ ମଧ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ଛକ ମାନଙ୍କରେ ଜଳଛତ୍ର ଖୋଲା ଯାଇଥିଲେ ମଧ ଏହା କେବଳ ପ୍ରହସନ ବୋଲି ସହରବାସୀ ଏହା ପ୍ରକାଶ କରିଛନ୍ତି ।

ଏଠାରେ ଖୋଲା ଯାଇଥିବା ଜଳଛତ୍ର କେଉଁ ସ୍ଥାନରେ ମାଠିଆ ଗୁଡିକରେ ପାଣି ନଥିବା ବେଳେ ଆଉ କେଉଁଠି ମାଠିଆ ଭାଙ୍ଗିରୁଜି ତଳେ ଗୁଡୁଥିବା ଅଭିଯୋଗ ହେଉଛି । ଫଳରେ ବାଟୋଇ ଦାଣ୍ଡୋଇ ଖରାରେ ପାଣି ଟୋପେ ପାଇଁ ଡ଼ହଳବିକଳ ହେଉଥିବା ଦେଖା ଦେଇଛି । ତେବେ ଏଥିପାଇଁ ପୌରପରିଷଦ ପକ୍ଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଥିଲେ ମଧ୍ୟ ଏହା ଲୋକଙ୍କ ସେବାରେ ନଲାଗି କେବଳ ଝିଣ୍ଟିକା ମାରି ବଣି ପୋଷିବା ସାର ହୋଇଛି ବୋଲି ଚର୍ଚ୍ଚା ପରିସରକୁ ଆସିଛି ।

# ତାଳଚେରରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ତାଳଚେର, (ସବ୍ୟୁ) : ଲୋକସେବା ଭବନର କନଭେନସନ ସେଂଟର ଠାରେ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଲୋକର୍ପଣ ଓ ଶିଳାନ୍ୟାସ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ମଙ୍ଗଳବାର ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରକଳ୍ପରୁ ତାଳଚେର ଠାରେ ସ୍ୱୟଂଚାଳିତ ଯାନ (ଏଡ଼ିଟିଏସ୍) ଲୋକାର୍ପଣ ହୋଇଥିଲା । ଏହା ଦ୍ୱାରା ଡ୍ରାଇଭିଙ୍ଗ ଲାଇଲେନ୍ସ ପ୍ରଦାନକୁ ମଣିଷ ମୂଲ୍ୟାୟନରୁ ମୁକ୍ତ କରି ବୈଷୟିକ ଜ୍ଞାନ କୌଶଳରେ ସହାୟତାରେ ସ୍ୱଚ୍ଛ ଓ ପାରଦର୍ଶୀ କରିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ । ଅନୁଗୋଳ ଠାରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ଶିଳାନ୍ୟାସ କରିଥିଲେ । ଏହି ପଦକ୍ଷେପ ଗାଡ଼ିଚାଳକଙ୍କ ଦକ୍ଷତା ବୃଦ୍ଧି କରିବା ସହ ସଡ଼କ ଦୁର୍ଘଟଣା ରୋକିବା କ୍ଷେତ୍ରରେ ସହାୟକ ହେବ ବୋଲି ସେ ଏହା ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ନିୟମ ପାଳନ ନିମନ୍ତେ ଶପଥ ପାଠ କରାଇଥିଲେ ।

# ରକ୍ତଦାନ ଶିବିର, ୬୬ ୟୁନିଟ ସଂଗ୍ରହ



କଣିହାଁ, (ସବ୍ୟୁ) : କଣିହାଁ ଗ୍ରାମ ପଞ୍ଚାୟତ, ଶିବଶକ୍ତି ଟ୍ରଷ୍ଟ, ଗ୍ରାମ୍ୟ ବିକାଶ ଟ୍ରଷ୍ଟ, ଶ୍ରୀ ଗଣେଷ ଏକାଡେମୀ, ଯୁବ ସମାଜ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ କଣିହାଁ ରାଜୀବ ଭବନ ଠାରେ ଏକ ସଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଣିହାଁ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ କଣିହାଁ ବିଡ଼ିଓ କଣିହାଁ ତ୍ରିବିକ୍ରମ କୁମୁରା , କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ର ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ, ସଚିଦାନନ୍ଦ ପ୍ରଧାନ, ସୁଶାନ୍ତ କୁମାର ସାମଲ, ମନୋଜ ପ୍ରଧାନ, ଶିବ ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ତାଳଚେର ରକ୍ତ ଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ବ୍ଲଡ ବ୍ୟାଙ୍କର କୁମୁଦ ସାହୁ, ଗୋପାଳ ଚନ୍ଦ୍ର ବେହେରା, ତ୍ରିନାଥ ଓତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାୟକ, ବଳରାମ ପତି ପ୍ରମୁଖ ସହଯୋଗ କରିଥିଲେ ।

# ବିଦ୍ୟାଳୟରୁ ୯ ବସ୍ତା ଚାଉଳ ସହ ଓଜନ ମେସିନ ଚୋରି

ଠାକୁରଗଡ଼,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ଉରୁକୁଳା ଗ୍ରାମ ରେ ଥିବା ପବିତ୍ର ମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କେହି ଯୁବକ ମାନେ ତାଲା ଭାଙ୍ଗି ବିଦ୍ୟାଳୟ ରୁ ୯ ବସ୍ତା ଚାଉଳ ସହ ଏକ ଓଜନ ମେସିନ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜିତୁ ସାହୁ ମଙ୍ଗଳବାର ଦିନ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ ନମ୍ବର ୨୦୧/୧୫ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି – ବିଦ୍ୟାଳୟ ଛୁଟି ଥିବା ବେଳେ ବିଦ୍ୟାଳୟ ରେ ପିଲାମାନଙ୍କର ମଧ୍ୟାହ୍ନ ଭୋଜନ ଚାଉଳ ରହିଛି । ଏପରିକି ଉକ୍ତ ବିଦ୍ୟାଳୟରେ କେହି ନଥିବା ସୁଯୋଗ ନେଇ ତାଲା ଭାଙ୍ଗି ଚୋରି ହୋଇ ଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି । ପୋଲିସ ଘଟଣା ସ୍ଥଳ କୁ ଯାଇ ତଦନ୍ତ ଚଳାଇଛି ।


# ବାଇକ୍ ଚୋରି

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଥାନା ବଇଣ୍ଡା ହାଇସ୍କୁଲ ରୋଡ଼ ନିକଟରୁ ଅଶ୍ରୁ ବାହାଳ ଗ୍ରାମର କାଳିଆ ଦେହୁରୀଙ୍କର ବାଇକ (ଓଆର ୧୯ ଏଲ ୯୩୨୯) ଟି ଚୋରି ହୋଇ ଯାଇଥିବା ମଙ୍ଗଳବାର ଦିନ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୨୦୨/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଜେ କାଳିଆ ହାଇସ୍କୁଲ ରୋଡ଼ ରେ ଥିବା ସେଲୁନ ନିକଟରେ ତାଙ୍କ ବାଇକ ରଖି ଦେଇଥିବା ବେଳେ କେହି ତାଙ୍କ ବାଇକକୁ ଚୋରି କରି ନେଇଛନ୍ତି । ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ନ ପାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି ।

# ତାଳଚେର ପୌରାଞ୍ଚଳର ବିଭିନ୍ନ ସମସ୍ୟା ଉପସ୍ଥାପନା କଲେ ସାଂସଦଙ୍କ ପ୍ରତିନିଧି

ତାଳଚେର, (ସବ୍ୟୁ) : ତାଳଚେର ପୌରପରିଷଦ କାଉନସିଲ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଢ଼େଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅନୁପସ୍ଥିତିରେ ସାଂସଦଙ୍କ ପ୍ରତିନଧି ଭାବେ ପ୍ରାକ୍ତନ କାଉନସିଲର ଜିତେନ୍ଦ୍ର ଦାସ ତାଳଚେର ପୌରାଚଂଳ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନା କରିଥିଲେ । ପରିମଳ ବ୍ୟବସ୍ଥା, ରାସ୍ତା, ଡ୍ରେନ, ଆଲୋକୀକରଣ, ବସ୍ତିବାସୀନ୍ଦାଙ୍କ ପାଇଁ ସରକାରଙ୍କ ନିୟମ ଅନୁଯାୟୀ ଜାଗା ସହ ଘରର ବ୍ୟବସ୍ଥା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଏହାର ସମାଧାନ ଉପରେ ବୈଠକରେ ଆଲୋଚନା କରିଛନ୍ତି । ଢ଼େଙ୍କାନାଳ ସାଂସଦ ପୌରପରିଷଦର ସମସ୍ତ ବିକାଶ ମୂଳକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବାନେଇ ପ୍ରତିଶୃତି ଦେଇଛନ୍ତି ବୋଲି ବୈଠକରେ ପ୍ରକାଶ କରିଥିଲେ । ଏହି ବୈଠକରେ ବିଧାୟକ ବ୍ରଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ ଓ ସମସ୍ତ କାଉନସିଲମାନେ ଉପସ୍ଥିତ ଥିଲେ । ତେବେ ଶିଳ୍ପନଗରୀ ତାଳଚେର ଭଳି ଏକ ପୌରପାଳିକା ମଧ୍ୟରେ ବହୁ ସମସ୍ୟା ଲାଗି ରହିଥିଲେ ମଧ ଏଗୁଡ଼ିକ ସମସ୍ୟାର ସମାଧାନ ଦିଗରେ କାହାର ତିଳେମାତ୍ର ଦରଦି ନାହିଁ ବୋଲି ସହରବାସୀ ଏହା ପ୍ରକାଶ କରିଛନ୍ତି ।

# ପ୍ରଜାମଣ୍ଡଳ ଭବନ ସମ୍ମୁଖ ରାସ୍ତାରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ଦାବିପତ୍ର



ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ହାଟତୋଟା ସ୍ଥିତ ପ୍ରଜାମଣ୍ଡଳ ଭବନ ସମ୍ମୁଖ ସର୍ବ ସାଧାରଣ ରାସ୍ତାରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ ପାଇଁ ମ୍ୟୁନିସିପାଲିଟି ମାର୍କେଟର ସ୍ଥାୟୀ ବ୍ୟବସାୟୀବୃନ୍ଦ ତାଳଚେର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ନିମିତ୍ତ ନିବେଦନ କରିଛନ୍ତି । ବ୍ୟବସାୟୀବୃନ୍ଦ ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆଜକୁ ସାତ ମାସ ହେବ ସେମାନଙ୍କ ଦୋକାନ ସମ୍ମୁଖ ସଂକୀର୍ଣ୍ଣ ରାସ୍ତାରେ ଫାଷ୍ଟ ଫୁଡ଼ ଦୋକାନୀ ମାନେ ଆଡ୍ଡା ଜମାଇଛନ୍ତି, ଦୁଇଚକିଆ ବାହନ ରାସ୍ତାରେ ରଖି ଲୋକମାନେ ଫାଷ୍ଟ ଫୁଡ଼ ଖାଉଛନ୍ତି । ଯାହାଫଳରେ ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାୟୀ ଦୋକାନଗୁଡ଼ିକୁ ଆସୁଥିବା ଗ୍ରାହକମାନଙ୍କର ଯାତାୟାତରେ ବାଧା ଉପୁଜିବା ସହିତ ଚାରିଚକିଆ ଓ ତିନିଚକିଆ ଯାନ ଚଳାଚଳ କରିପାରୁ ନାହାନ୍ତି ।

ଦ୍ୱିତୀୟତଃ ଫାଷ୍ଟ ଫୁଡ଼ ଦୋକାନୀମାନେ ନିଜର ଅଳିଆ ରଖିବା ପାଇଁ କୌଣସି ଝୁଡିର ବ୍ୟବହାର କରୁନାହାନ୍ତି ଯାହାଦ୍ୱାରା ପବନରେ ଅପରିଷ୍କାର କାଗଜ ଠୋଲା ଓ ପ୍ଲାଷ୍ଟିକ ଅଳିଆ ସବୁ ସେମାନଙ୍କ ଦୋକାନ ବାରଣ୍ଡା ଓ ଦୋକାନ ଭିତରକୁ ପ୍ରବେଶ କରୁଛି । ଏଠାରେ କୌଣସି ଡ୍ରେନ ନଥିବା ହେତୁ ଉଠା ଦୋକାନୀମାନେ ସେମାନଙ୍କର ବାସନ ଧୂଆପାଣି ରାତି ୧୦ଟା ପରେ ରାସ୍ତା ଉପରେ ଢାଳି ଦେଉଛନ୍ତି । ପରଦିନ ଏକ ଦୁର୍ଗନ୍ଧ ଯୁକ୍ତ ପରିବେଶ ସୃଷ୍ଟି ହେଉଛି । ଫଳସ୍ୱରୂପ ସ୍ଥାୟୀ ଦୋକାନୀମାନେ ନିଶ୍ୱାସରେ ସେହି ଦୁର୍ଗନ୍ଧକୁ ଗ୍ରହଣ କରିବାକୁ ବାଧ ହେଉଛନ୍ତି । ତୃତୀୟତଃ ବହୁ ଦୋକାନୀ ଏଠାରେ ବ୍ୟବସାୟ ନ କରି ନିଜର ଠେଲା ଓ ଅନ୍ୟାନ୍ୟ ଆସବାବପତ୍ର ରଖୁଛନ୍ତି । ଯାହା ସେମାନଙ୍କ ଦୁଇଚକିଆ ଗାଡି ରଖିବାରେ ପ୍ରଭୁତ ବାଧା ସୃଷ୍ଟି କରୁଅଛି । ଏଣୁ ଏହି ଉଠା ଦୋକାନୀଙ୍କ କବଳରୁ ସେମାନଙ୍କୁ ରକ୍ଷା କରନ୍ତୁ, ଅନ୍ୟଥା ସେମାନଙ୍କର ବ୍ୟବସାୟିକ ସଂପୂର୍ଣ୍ଣ କ୍ଷୟକ୍ଷତିର ଭରଣା ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବହନ କରିବାକୁ ସ୍ଥାୟୀ ବ୍ୟବସାୟୀ ବୃନ୍ଦ ନିବେଦନ କରିଛନ୍ତି । ପୂର୍ବରୁ ସେମାନେ ମୌଖିକ ଭାବରେ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ବେଳେ ବର୍ତ୍ତମାନ ଲିଖିତ ଦାବିପତ୍ର ପ୍ରଦାନକୁ ବିଚାରକୁ ନେଇ ଉଠା ଦୋକାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ପକ୍ଷରୁ ନିବେଦନ କରାଯାଇଛି ।

# ଦୋକାନରୁ ବିଷାକ୍ତ ସାପ ଉଦ୍ଧାର

ଠାକୁରଗଡ଼,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା କଦଳୀମୁଣ୍ଡା ଠାରେ ଦୋକାନ ଦେଇଥିବା ବିକାଶ ଗୁପ୍ତା ଙ୍କ ଦୋକାନ ରୁ ବୁଧବାର ଦିନ ଏକ ବିଷାକ୍ତ ଚିତି ସାପକୁ ଉଦ୍ଧାର କରା ଯାଇଛି । ଏକ ଚିତି ସାପ ବାହାର ଅଞ୍ଚଳ ରୁ ବିକାଶ ଙ୍କ ଦୋକାନ ଭିତରକୁ ପଳାଇ ଆସିଥିଲା । ସାପ ଦୋକାନ ଭିତର କୁ ଯାଉଥିବା କିଛି ଗ୍ରାହକ ଦେଖି ସେଠାରୁ ବାହାରକୁ ପଳାଇ ଆସିଲେ । ସାପକୁ ଯେତେ ଘଉଡ଼ାଇ ଥିଲେ ମଧ୍ୟ ସାପ ବାହାରକୁ ଯାଇ ନଥିଲା । ଫଳରେ ସାପକୁ କିପରି ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ହେବ ବିକାଶ ଏ ନେଇ ସାପ ଉଦ୍ଧାର କାରି ମାଧ ପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ଙ୍କୁ ସୂଚନା ଦେଇଥିଲେ । ସିଦ୍ଧେଶ୍ୱର ବିକାଶ ଙ୍କ ଦୋକାନ ରେ ପହଁଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟରେ ଥିବା ଜଙ୍ଗଲ ରେ ଛାଡି ଥିଲେ ।

# ଓୟୁଜେର ଐତିହାସିକ ପଦକ୍ଷେପ : ସୁଦାମା ଯୋଜନା



ବାଲେଶ୍ୱର,(ସବ୍ୟୁ) :ଓଡିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଗାମୀ ଜାତୀୟ ପ୍ରେସ ଦିବସ ଠାରୁ ସୁଦାମା ଯୋଜନା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ସଦସ୍ୟ ଥିବା ୬୫ ବର୍ଷ ବୟସରୁ ଅଧିକ ହୋଇଥିବା ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ସଦସ୍ୟ ମାନଙ୍କୁ ବାର୍ଷିକ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଂଘର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଏହା କରାଯିବ ବୋଲି ସ୍ଥିର କରାଯାଇଛି।ଏହି ଉପଲକ୍ଷେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତା ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନାକୁ ଅଧିକ ଦିନ ଚଳାଇ ରଖିବାକୁ ସମସ୍ତ ସଦସ୍ୟ ମାନଙ୍କର ସହଯୋଗ କାମନା କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୟୁନିଅନର କୋଷାଧକ୍ଷ ସୁରେଶ କୁମାର ଦାସ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ୍ ଆଶ, ଲକ୍ଷ୍ମୀଧର ଗାଣ, ହାଇଦର ଖାନ, ଅଜିମ ବାଲେଶ୍ୱରୀ, ସୋମନାଥ ସାହୁ,ସମରେଶ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଏହି ଆର୍ଥିକ ସହାୟତା ଯୋଜନା ପ୍ରସ୍ତାବ କାର୍ଯ୍ୟକାରିତାକୁ ସଂଘର ବହୁ ବରିଷ୍ଠ ସଦସ୍ୟମାନେ ସ୍ୱାଗତ କରିଛନ୍ତି। ନଭେମ୍ବର ୧୬ ତାରିଖ ରେ ଜାତୀୟ ପ୍ରେସ ଦିବସ ପାଳନ କରାଯିବା ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। ଜାତୀୟ ପ୍ରେସ ଦିବସରେ ଏକ ରଙ୍ଗୀନ ନିୟୁଜ ବୁଲେଟିନ ପ୍ରକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସୁଦାମା ଯୋଜନା ର ହିତାଧିକାରୀ ସଦସ୍ୟ ଙ୍କୁ ବାର୍ଷିକ ଆର୍ଥିକ ସହାୟତା ରାଶି ନିମନ୍ତ୍ରିତ ଅତିଥି ଙ୍କ ଉପସ୍ଥିତିରେ ପ୍ରଦାନ କରିବାକୁ ସ୍ଥିର କରାଯାଇଛି।

## ତାଳସାରୀ ବେଳାଭୂମିରେ ସେକ୍ସ ରାକେଟ ଠାବ

# ୧୦ ରୂପଜୀବୀ ସହିତ ୭ ଗିରଫ, ହୋଟେଲ ସିଲ୍

ଭୋଗରାଇ, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ସେକ୍ସ ର୍ୟାକେଟ ଠାବ ହୋଇଛି। ଏଠାରେ ଥିବା ମିନତି ନାମକ ହୋଟେଲରୁ ମଙ୍ଗଳବାର ବିଳମ୍ବିତ ରାତି ୧ ଟାରେ ୧୦ ରୂପଜୀବୀ ସହିତ ଜଣେ ହୋଟେଲ ମେନେଜର, ୩ କର୍ମଚାରୀ ଓ ୩ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି।କେଶ ନଂ ୪୯ / ୨୫ ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିବା ସହିତ ବୁଧବାର ଦିନ ସମସ୍ତଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରିଥିବାର ଭୋଗରାଇ ଅଞ୍ଚଳରେ ଚର୍ଚ୍ଚାର ଖବର ହୋଇଛି । ଅଭିଯୁକ୍ତଙ୍କ କୋର୍ଟ ରେ ଜାମିନ ନମିଳିବାରୁ ୭ ଜଣଙ୍କୁ ବିଚାରବିଭାଗ ହାଜତକୁ ଓ ୧୦ ଜଣ ରୂପଜୀବୀଙ୍କୁ ବାଲେଶ୍ୱର ସୁଧାର ଗୃହକୁ ପଠାଇଦିଆ ଯାଇଥିବାର ସୂଚନା ମିଳିଛି । ସୂଚନା ଅନୁଯାୟୀ, ଦୀର୍ଘ ଦିନଧରି ତାଳସାରୀ, ଉଦୟପୁର ବେଳାଭୂମି ଓ ସାହାବାଜିପୁର ଗାଁ ରେ ସେକ୍ସ ରେକେଟ ଚାଲି ଆସୁଥିବାର ଅଭିଯୋଗ ହୋଇ ଆସୁଥିଲା ।ଏଭଳି ସ୍ଥିତିରେ ଜିଲା ଆରୋକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ୩ ଜଣ ଉଚ୍ଚ ପୋଲିସ ଅଫିସର ସହିତ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ପୋଲିସ ବାହିନୀ ତାଳସାରୀ ବେଳାଭୂମିରେ ଥିବା ଉକ୍ତ ହୋଟେଲରେ ରାତି ଅଧିଆ ଚଢ଼ାଉକରି ଅସଂଯୋତ ଅବସ୍ଥାରେ ୩ ଗ୍ରାହକକୁ କାବୁ କରିବା ସହିତ ହୋଟେଲରେ ଥିବା ୪ କର୍ମଚାରୀଙ୍କୁ ଗିରଫ କରିଥିଲେ । ଗିରଫ ହୋଇଥିବା ଗ୍ରାହକ ମାନେ ହେଲେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କର୍ମର୍ଦା ଥାନା ଅଧୀନ ଆରୁହାବୃତ୍ତି ଗ୍ରାମର ମଳୟ କୁମାର ମାନିକ( ୨୩ ), ମାନସ ମାନିକ( ୨୧ ) ଓ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲା ଏଗ୍ରା ଥାନା ବଡତୋଳା ଗ୍ରାମର ଗୌରହରି ସାହୁ( ୨୪ ) ଅନ୍ୟ ୪ ଜଣ ହୋଟେଲ କର୍ମଚାରୀଙ୍କ ଘର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲାର ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ବାଲେଶ୍ୱର ସାଏଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି କେତେକ ବ୍ୟବହୃତ ଓ ଅବବ୍ୟବହୃତ କଣ୍ଡୋମ ସଂଗ୍ରହ କରିଛି। ପୋଲିସ ଉକ୍ତ ହୋଟେଲର ରେଜିଷ୍ଟର, ସିଜାରଲିଷ୍ଟ ଜବତ କରି ପ୍ରାଥମିକ ତଦନ୍ତ ଜାରି ରଖିଥିବାବେଳେ ହୋଟେଲକୁ ସିଲ କରାଯାଇଛି ।




## ୪ଟି ଥାନାର ଅଧିକାରୀଙ୍କ ମିଳିତ ଚଢ଼ାଉ

# ୪ଶହ ଗୋରୁ ଉଦ୍ଧାର

ବେତନଟି,(ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ବେତନଟି ଏସଡିପିଓଙ୍କ ନେତୃତ୍ୱରେ ୪ଟି ଥାନାର ଅଧିକାରୀ ଅଧୀନ ଗୋବିନ୍ଦାୟୁର ଓ ତାଳଦାରେ ମିଳିତ ଚଢ଼ାଉ । ଅଜ୍ଞାତ ଟେକ୍ଟରୁ ୪ଶହ ଗାଈଗୋରୁ ଉଦ୍ଧାର ହୋଇଛି । ସୂଚନା ମୁତାବକ, ଝୋଉାନ ଗୋ ଚାଲାଣ ବାବଦରେ ବିଶ୍ୱସ୍ତସୂତ୍ରରୁ ଖବରପାଇ ବେତନଟି ଏସଡିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବଡ଼ସାହି,ବେଶିଆ, ମୋରଡା ଏବଂ ରାସଗୋବିନ୍ଦପୁର ଥାନା ଅଧିକାରୀ ମିଳିତ ଭାବରେ ସଶସ୍ତ୍ର ପୁଲିସଫୋର୍ସ ଅତର୍କିତ ଚଢ଼ାଉ କରିଥିଲେ । ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ବେତନଟିର ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ଭଞ୍ଜ ସମେତ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଅଧିକାରୀମାନେ ନିଜର ଟିମ ନେଇ ଉପସ୍ଥିତ ରହିଥିଲେ । ଚଢ଼ାଉ ସମୟରେ ଅଜ୍ଞାତ ଟେକ୍ଟ ଗୁଡିକରେ ଚାଲାଣ ନିମନ୍ତେ ରଖାଯାଇଥିବା ପାଖାପାଖି ୪ଶହ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇଛି । ଅଜ୍ଞାତ ଟେକ୍ଟରୁ ଉଦ୍ଧାର ଗୋରୁଗାଈଗୁଡିକୁ ଥାନାକୁ ଅଣାଯାଇ ତଦନ୍ତପରେ ଆଖପାଖରେ ଥିବା ଗୋଶାଳାଗୁଡ଼ିକୁ ହସ୍ତାନ୍ତର କରାଯିବ ବୋଲି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ସୂଚନା ଦେଇଛନ୍ତି । ତେବେ ଆଖପାଖରୁ ବିଭିନ୍ନ ଗାଁ ମାନଙ୍କରୁ ଚୋରି ହୋଇଥିବା ବଳଦ ଏବଂ ଗାଈଗୋରୁ ମଧ ସେଠାରେ ଥିବାନେଇ ପଶୁପାଳକମାନେ ଚିହ୍ନଟ କରିଛନ୍ତି । ତେବେ ବେତନଟୀ ଏସଡିପିଓଙ୍କ ନେତୃତ୍ୱରେ ୪ଟି ଥାନାର ଅଧିକାରୀ ଓ ସଶସ୍ତ୍ର ପୁଲିସଫୋର୍ସ ମିଳିତ ଚଢ଼ାଉରେ ଏକକାଳୀନ ୪ଶହ ପାଖାପାଖି ଗୋରୁଗାଈଙ୍କୁ ଉଦ୍ଧାର କରିବା ଘଟଣା ଏକ ବଡ ସଫଳତା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଚାହା ଖଟିରେ ମନ୍ତ୍ରୀ ସୂରଜ



ଅସୁରାଳି,(ସବ୍ୟୁ):ବୁଧବାର ଦିନ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଏକ ନୂଆ ଅନ୍ଦାଜରେ ଦେଖିବାକୁ ମିଳିଛି । ଫେରିବା ବାଟରେ ହଠାତ ଅଟକି ଯାଇ ଦୋକାନରେ ଚାହା ପିଇବା ସହ ସାଧାରଣ ଲୋକଙ୍କ ଭଳି ମନ୍ତ୍ରୀଙ୍କ ପଦାରୀ ବୁଦ୍ଧିଜୀବୀ ଘଟଣାରେ ଚର୍ଚ୍ଚାର ବିଷୟ ପାଲଟିଛି । ବୁଧବାର ମୁଖ୍ୟ ସଞ୍ଚରେ ମନ୍ତ୍ରୀ ଶ୍ରୀସୂରଜ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଫେରିବା ବେଳେ ହଠାତ ଅସୁରାଳି ବଜାରରେ ଅଟକି ଯାଇଥିଲେ । ସ୍ଥାନୀୟ ଏକ ଛୋଟିଆ ଚାହା ଦୋକାନରେ ବସି ଚାହା ପିଇଥିଲେ । ସଙ୍ଗେ ସଙ୍ଗେ ଉପସ୍ଥିତ ଲୋକଙ୍କ ସହ ମିଶି ଚାହା ପିଇଥିଲେ । ଅକସ୍ମାତ ମନ୍ତ୍ରୀଙ୍କ ଆଗମନ ଓ ଉପସ୍ଥିତି ସେହି ସମୟ ମଧ୍ୟରେ ଏଠାରେ ଅନେକ ଲୋକଙ୍କୁ ଟାଣି ଆଣିଥିଲା । କେତେକ ସାଧାରଣ ଲୋକ ମନ୍ତ୍ରୀଙ୍କ ପାଖରେ ପାଇ ସେମାନଙ୍କ ଅଭାବ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ । ଏଥି ସହିତ ମନ୍ତ୍ରୀ ସ୍ଥାନୀୟ କେତେକ ଶିକ୍ଷାବିତ ବୁଦ୍ଧିଜୀବୀ ଏବଂ ଯୁବକଙ୍କ ସହ ଆଂଚଳିକ ବିକାଶ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କ୍ୱଚିତ କେବେ କେବେ ଚାହା ପିଉଥିବା ମନ୍ତ୍ରୀଙ୍କ ଅଚାନକ ଚାହା ଖଟିରେ ଚର୍ଚ୍ଚା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ସୃଷ୍ଟି କରିଛି । ମନ୍ତ୍ରୀ ଶ୍ରୀସୂରଜଙ୍କ ସହ ବିଜେପି ନେତା ପ୍ରଜୟ କୁମାର ବଳ,ବୁଦ୍ଧଦେବ ଜେନା,ରାଜେନ୍ଦ୍ର କୁମାର ସାହୁ,ଶ୍ରୀକାନ୍ତ କୁମାର ନାୟକ,ପ୍ରଶାନ୍ତ କୁମାର ନାୟକ,କ୍ଷୀରୋଦ ସ୍ୱାଇଁ,ସୂରଜ କୁମାର ସାହୁ,ରଜତ କୁମାର ଲେଙ୍କା,ଦୀନବନ୍ଧୁ ଦାସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ଗୋଦାମରୁ ୨୦ହଜାର ଚୋରି

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟରେ ଥିବା ବହୁ ପୁରାତନ ଧାନ ଗୋଦାମରୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି।ସୂଚନା ଅନୁଯାୟୀ ମଙ୍ଗଳବାର ରାତ୍ରିରେ ଅରବିନ୍ଦ ଦାଶଙ୍କ ଧାନ ଗୋଦାମ ଗୃହର ଆଜବେଟ ଭାଙ୍ଗି ଘର ଭିତରେ ପଶି ୨୦ ହଜାର ଟଙ୍କା ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ପରେ ପାଟଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ କୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି।

# ନଦୀରେ ବୁଡ଼ି ଚାଲିଗଲା ଜୀବନ

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଓରାସହି ପଞ୍ଚାୟତ ନେଢୁଆଳି ଲକ୍ଷ୍ମୀପ୍ରସାଦଡିଆଁ ଠାରେ ବୈତରଣୀ ନଦୀ କୂଳରେ ଅଛି ମା ମାଟିଆ ମଙ୍ଗଳାଙ୍କ ପୀଠ। ନେଢୁଆଳି ଗ୍ରାମରୁ ମା ମାଟିଆ ମଙ୍ଗଳାଙ୍କ ପୀଠକୁ ସଂଯୋଗ କରୁଛି ନଦୀ ଉପରେ ଏକ ବାଉଁଶ ପୋଲ। ଏହି ବାଉଁଶ ପୋଲ ଦେଇ ନିତିଦିନ ଲୋକମାନଙ୍କ ମାଙ୍କ ପୀଠକୁ ଯାଇଥାନ୍ତି। ସବୁଦିନ ପରି ୮/୯ ବର୍ଷର ଦୁଇ ତିନିଜଣ ପିଲା ଦେବୀଙ୍କ ଦର୍ଶନ ତଥା ଭୋଗ କରିବା ପାଇଁ ଯାଉଥିବା ସମୟରେ ଜଣେ ପିଲାର ଗୋଡ଼ ଖସିଯିବାରୁ ପିଲାଟି ନଦୀରେ ଖସି ପଡ଼ିଥିଲା ।ଅନ୍ୟ ପିଲାମାନେ ଆସି ଖବର ଦେବାରୁ ପାରିବାର ଏବଂ ସ୍ଥାନୀୟ ଲୋକମାନେ ଯାଇ ଖୋଜାଖୋଜି ଆରମ୍ଭ କରିଦେଲେ। ପ୍ରାୟ ୪୫ମିନିଟ୍ ପରେ ଉଦ୍ଧାର କରିଲେ ପିଲାଟିକୁ। ଉଦ୍ଧାର କରାଯାଇ ତୁରନ୍ତ ପିଲାଟିକୁ ଚାନ୍ଦବାଲି ଡ଼ାକ୍ତରଖାନାକୁ ଅଣାଯାଇଥିଲା ଏଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ତେବେ ମୃତ୍ୟୁବରଣ କରିଥିବା ପିଲାଟି ନେଢୁଆଳି ଗ୍ରାମର ମଦନ ରାଉତଙ୍କ ବଡପୁଅ ୮ବର୍ଷିୟ ସୋମ୍ୟରଞ୍ଜନ ରାଉତ ବୋଲି ଜଣା ପଡିଛି।

# ଇଦ୍‌ଜୁହା ଲାଗି ଜଳେଶ୍ୱର ଥାନାର ଶାନ୍ତି ବୈଠକ

ଜଳେଶ୍ୱର ,(ସବ୍ୟୁ) : ଚଳିତ ମାସ ୭ ତାରିଖରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ଇଦ୍‌ଜୁହା ପର୍ବ ପାଳନ ହେବାକୁ ଥିବାରୁ ଜଳେଶ୍ୱର ଥାନା ପକ୍ଷରୁ ଶାନ୍ତିବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ଆଇଆଇସି ରଂଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଗୌରାଙ୍କ ଚରଣ ଘୋଷ, ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡି, ଭଗବାନ ବେହେରା, ମ୍ୟୁନିସିପାଲଟି ସହକାରୀ ଯନ୍ତ୍ରୀ ସୁଶିଲ ମୁର୍ମୁ ପ୍ରମୁଖ ଯୋଗ ଦେଇ ଭାଇଚାରାର ସହରରେ ସବୁ ଧର୍ମକୁ ସମ୍ମାନ ଜଣାଇ କାର୍ଯ୍ୟକ୍ରମ ମାନ ସରକାରୀ ନିତୀ ନିୟମରେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜିବୀ ଫରିଦ୍ ଅହମ୍ମଦ, ସତ୍ୟସୁନ୍ଦର ଦାସ, କାଉନ୍‌ସିଲର ଆବାସ ଅଲ୍ଲି, ବାପି ମହାପାତ୍ର, ଚନ୍ଦନ ଦାସ, ଗୋବିନ୍ଦ ସାହୁ, ବାର ସଭାପତି କୁଂଜବିହାରୀ ଦାସ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଫାଲଗୁନୀ ପାଣିଗ୍ରାହୀ, ରାଜୀବ ପରିଡା, ଜୟନାଲ ସାହା, ଏସ୍‌କେ ମୋତିଲାଲ, ହାସିରୁଦ୍ଦିନ ବକ୍ସ, କମଳ ଚକ୍ରବର୍ତ୍ତୀ, ମମି ପଣ୍ଡା ପ୍ରମୁଖ ଯୋଗଦେଇ ସବୁଧର୍ମର ପର୍ବପର୍ବାଣୀ ପାଳନ ସମୟରେ ସହରରେ ଶାନ୍ତି ବଜାଇ ରଖିବାକୁ ନିବେଦନ କରିଥିଲେ ।

## ମହଙ୍ଗା ପଡ଼ିଲା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

# ଅଯୋଗ୍ୟ ଘୋଷିତ ହେଲେ ପଲାଣଘାଟି ପଞ୍ଚାୟତର ୩ ୱାର୍ଡ ସଦସ୍ୟ

କେନ୍ଦୁଝର, (ସ୍ୱପ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣଘାଟି ପଞ୍ଚାୟତର ୩ ଜଣ ୱାର୍ଡ ସଦସ୍ୟା ଓ ସଦସ୍ୟଙ୍କୁ ଏକାଧିକ ସନ୍ତାନ ଓ ସନ୍ତତି ଥିବା ଅଭିଯୋଗରେ କେନ୍ଦୁଝର ଜିଲାପାଳ ବିଶାଳ ସିଂ ଅଯୋଗ୍ୟ ଘୋଷଣା କରିଛନ୍ତି। ଅଯୋଗ୍ୟ ଘୋଷିତ ହୋଇଥିବା ୱାର୍ଡ ସଦସ୍ୟ ହେଉଛନ୍ତି ୪ ସନ୍ତାନ ଥିବା ୬ ନଂ ୱାର୍ଡ ସଦସ୍ୟ ଶିବ ଲିଆଙ୍ଗି, ୩ ସନ୍ତାନ ଥିବା ୮ନଂ ୱାର୍ଡ ସଦସ୍ୟା ସୁମିତ୍ରା ମୁଣ୍ଡା ଓ ୨ ସ୍ତ୍ରୀ ଓ ୬ ସନ୍ତାନ ଥିବା ୨ନଂ ୱାର୍ଡ ସଦସ୍ୟ ଗୋପାଳ ମୁଣ୍ଡା।ସୂଚନାଯୋଗ୍ୟ, ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ନାଏବ ସରପଞ୍ଚ ସୋନାଲି ମୁଣ୍ଡାଙ୍କ ସହ ଏହି ୱାର୍ଡ ସଦସ୍ୟମାନେ ଅନାସ୍ଥା ନେଇ କେନ୍ଦୁଝର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ରାଉତ ମୁଣ୍ଡା ୩ ୱାର୍ଡ ସଦସ୍ୟଙ୍କ ବିରୋଧରେ ହାଇକୋର୍ଟ ରେଅଯୋଗ୍ୟ ଘୋଷଣା ପାଇଁ ଦ୍ୱାରସ୍ଥ ହୋଇଥିଲେ।ହାଇକୋର୍ଟ ୧୩ ଫେବୃୟାରୀ ଅର୍ଡର ନମ୍ବର-୧ ଡବ୍ଲୁ ପି (ସି) ୩୬୦୫ରେ ଏହି ୩ୱାର୍ଡ ସଦସ ଙ୍କୁ ଅଯୋଗ୍ୟ ଘୋଷଣା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୭୧/ଜି ପିତା ୨୯-୫-୨୦୨୫ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପାଟଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ଅଂଶ ଗ୍ରହଣ ନ କରିବାର ନିୟମ ଥିବାବେଳେ ଏହି ଅଯୋଗ୍ୟ ଘୋଷିତ ୩ ୱାର୍ଡ ସଦସ୍ୟା ସଦସ୍ୟଙ୍କର ୨ରୁ ଅଧିକ ସନ୍ତାନ ଥିଲେ ହେଁ ତଥ୍ୟ ଲୁଚାଇ ନିର୍ବାଚିତ ବୈତରଣୀପାର ହୋଇଥିଲେ।ସରପଞ୍ଚ ରାଉତ ମୁଣ୍ଡା ତାଙ୍କ ବିରୋଧରେ ଆଗତ ଅନାସ୍ଥାପ୍ରସ୍ତାବ ଟାଳିବା ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେବା ଫଳରେ ଏହି ସଦସ୍ୟଙ୍କୁ ସରପଞ୍ଚଙ୍କ ସହ ପଙ୍ଗା ନେବା ମହାଙ୍ଗା ପଡ଼ିଛି।

# ଭିନ୍ନ ଭିନ୍ନ ସ୍ଥାନରେ ଶିବ-ପାର୍ବତୀ ବିବାହ

ବାହାନଗା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ଖନ୍ତାପଡ଼ା ଓ ଅଞ୍ଜି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଶୀତଳ ଷଷ୍ଠୀ ଅବସରରେ ଶିବ ପାର୍ବତୀଙ୍କର ବିବାହ ଉତ୍ସବ ପାଳିତ ହୋଇଛି। ଖନ୍ତାପଡ଼ାର ବିଶେଶ୍ୱର ମହାଦେବଙ୍କର ବିବାହ ଉତ୍ସବ ପାଇଁ ଆବାହକ ଚନ୍ଦନେଶ୍ୱର ବେହେରାଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବର ପିତା ଧ୍ରୁବ ଚରଣ ପଣ୍ଡା ବରଯାତ୍ରୀଙ୍କ ସହ ବାହାରି ଆଖଣ୍ଡଳମଣି ପୀଠ, ରାମନଗରରେ ପହଞ୍ଚି କନ୍ୟା ପିତାହରପ୍ରସାଦ ବିଦ୍ୟାଧର ମହାପାତ୍ରଙ୍କ ସହଯୋଗରେ ଶିବ ପାର୍ବତୀ ବିବାହ ଉତ୍ସବ ସମାପନ କରିଥିଲେ। ସେହିପରି ଖନ୍ତାପଡ଼ା ଚିତାପଦା ଅଞ୍ଚଳର ବାବା ଚିତ୍ରେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ଆବାହକ ଦିଲ୍ଲୀପ ଦାସଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି । ଅଞ୍ଜି ପଞ୍ଚାୟତରେ ହରିହରେଶ୍ୱର ମହାଦେବ ବିମାନରେ ଆରୂଢ ହୋଇ ଶଙ୍ଖ, ଘଣ୍ଟା, ବାଣ ରୋଷଣି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବରଯାତ୍ରୀଙ୍କୁ ନେଇ କନ୍ୟା ମାତା ପାର୍ବତୀଙ୍କ ଘରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମୁଖ୍ୟ ଆୟୋଜକ ପଣ୍ଡିତ ଗୟାଧର ଶତପଥୀଙ୍କ ତତ୍ତ୍ୱାବଧାନରେ ବରପିତା ଜଗଦୀଶ ଓଝାଙ୍କ ଘରୁ ବରଯାତ୍ରୀ ବାହାରି ଅଞ୍ଜି ପଞ୍ଚାୟତର ନରହରି ନାୟକଙ୍କ ଘର ଆଗରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରରେ ପହଞ୍ଚିଥିଲେ । ବହୁ ଶ୍ରଦ୍ଧାଳୁ ବରଯାତ୍ରୀ ଭାବରେ ଯିବା ସହ ମହାଦେବଙ୍କ ବିବାହ ଉତ୍ସବରେ ଦିବ୍ୟ ପୁଲକ ଅନୁଭବ ପାଇଥିଲେ ।

# ଦୁଇ ଟ୍ରକ୍ ମୁହାଁମୁହିଁ ଜଣେ ମୃତ, ଜଣେ ଗୁରୁତର

ବାସୁଦେବପୁର,(ସବ୍ୟୁ):ଧାମରା-ବାସୁଦେବପୁର ରାସ୍ତାର ପାରାପୋଖରୀ ଛକରେ ଦୁଇ ଟ୍ରକ ମୁହାମୁହିଁ ଧକ୍କା ହେବାରୁ ଜଣେ ଚାଳକ ମୃତ ଓ ଅନ୍ୟ ଜଣେ ଚାଳକ ଗୁରୁତର। ଗୁରୁତର ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରାଯାଇଛି। ବାସୁଦେବପୁର-ଧାମରା ରାସ୍ତା ବାସୁଦେବପୁର ବାସୀଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ପ୍ରତି ମାସର ଦୁଇ ଚାରି ଜଣ ମୃତ୍ୟୁବରଣ କରୁଛନ୍ତି। ବୁଧବାର ଅପରାହ୍ନରେ ଧାମରାରୁ ବାସୁଦେବପୁର ଅଭିମୁଖେ ଆସୁଥିବା ଏକ ଟ୍ରକ ବିପରୀତ ଦିଗରେ ବାସୁଦେବପୁରରୁ ଧାମରା ଅଭିମୁଖେ ଯାଉଥିବା ଟ୍ରକ ପାରାପୋଖରୀ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳର ଜଣେ ଚାଳକ ମୃତ୍ୟୁବରଣ କରିଥିଲା। ଅନ୍ୟ ଜଣେ ଚାଳକ ଚାପି ହୋଇ ଯାଇଥିଲା। ଦମକଳ କର୍ମଚାରୀ ପହଂଚି ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାର ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରାଯାଇଛି। ମୃତ ଚାଳକ ଘର ବିହାର ଅଂଚଳର ସଞ୍ଜୟ କୁମାର ଯାଦବ। ଗୁରୁତର ଆହତ ଚାଳକର ଘର କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକର ବଡପାଳକଡିରା ଗ୍ରାମର ବିଜୟ ସାମନ୍ତରାୟ ବୋଲି ଜଣାଯାଇଛି।

# ବିଷ୍ଣୁଙ୍କ ସ୍ମୃତିରେ ହେବ ବୃକ୍ଷରୋପଣ

ଅସୁରାଳି,(ସବ୍ୟୁ):ଧାମନଗର ବିଜେପିର ନେତୃତ୍ୱସ୍ତରୀୟ ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ ସଂଯୋଜନା କରିଥିଲେ। ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ଦଳର ସାଂଗଠନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରି ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ରାଜ୍ୟ ବିଜେପି ସରକାରଙ୍କ ଲୋକ କଲ୍ୟାଣ ଯୋଜନାର ଉପଲବ୍ଧି ଉପରେ ମତ ଦେଇଥିଲେ। ପ୍ରଥମକରି ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସଭାରେ ଧାମନଗର ତଥା ସମଗ୍ର ଜିଲ୍ଲାରୁ ଯେଉଁଭଳି ହଜାର ହଜାର ପୁରୁଷ ମହିଳା ସାମିଲ ହେଲେ ସେଥିପାଇଁ ମନ୍ତ୍ରୀ ଶ୍ରୀସୂରଜ ଜିଲ୍ଲାବାସୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଧାମନଗରର ପ୍ରାକ୍ତନ ବିଧାୟକ ତଥା ବିରୋଧୀ ଦଳର ଉପନେତା ଦିବଙ୍ଗତ ବିଷ୍ଣୁ ସେଠୀଙ୍କ ଜନ୍ମଦିବସ ଜୁନ ୫ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଧାମନଗର ବିଧାନସଭାର ସମସ୍ତ ଅଂଚଳରେ ବୃକ୍ଷରୋପଣ କରିବା ପାଇଁ ଉପସ୍ଥିତ ନେତୃମଣ୍ଡଳୀ ନିଷ୍ପତ୍ତି ନେଇଥିଲେ। ବରିଷ୍ଠ ନେତା ଅଶୋକ କୁମାର ପୁହାଣ,ହେମନ୍ତ ପାଢ଼ୀ,ନାରାୟଣ ସାହୁ,ରଘୁନାଥ ଲେଙ୍କା,ବିଦ୍ୟାଧର ରାଉତ,ହରେକୃଷ୍ଣ ପାଢ଼ୀ,ଚତୃଭୁଜ ନାୟକ,ରଞ୍ଜିତା ସ୍ୱାଇଁ,କୈଳାସ ମହାପାତ୍ର,ରାମଚନ୍ଦ୍ର ମିଶ୍ର,ବୁଦ୍ଧଦେବ ଜେନା,ଅଜୟ ବଳ,ବୈକୁଣ୍ଠ ସାହୁ,ଦୀପ୍ତିରଞ୍ଜନ ଜେନା,ଶ୍ରୀକାନ୍ତ ନାୟକ,ବିଜୟ ରାମ,ରାଜେନ୍ଦ୍ର ସାହୁ,ରଂଜନ ମହାନ୍ତି,ପ୍ରମୋଦ ସୂତାର,ବିରେନ୍ଦ୍ର ଜେନା,କ୍ଷେତ୍ରବାସୀ ବାରିକ,ଗୟାଧର ନାୟକ,ସୂରଜ ସାହୁ,ପ୍ରଶାନ୍ତ ସାହୁ,ଅନ୍ତର୍ଯ୍ୟାମୀ ପତି,ତୁଷାର ମିଶ୍ର,ରୁଦ୍ର କିଶୋର ନାୟକ ପ୍ରମୂଖ ବୈଠକରେ ଯୋଗ ଦେଇଥିଲେ।

# ପାରିବାରିକ ସମସ୍ୟା : ଜୀବନ ହାରିଲେ ଯୁବକ

ଢ଼େଙ୍କିକୋଟ ,(ସବ୍ୟୁ) : ପାରିବାରିକ ସମସ୍ୟାକୁ ନଇ କେନ୍ଦୁଝର ଜିଲ୍ଲା ଢ଼େଙ୍କିକୋଟ ଫାଣ୍ଡି ତଥା ଏହି ପଞ୍ଚାୟତ ଅନ୍ତର୍ଗତ ଟିକିରଝ ଗ୍ରାମର ବିବାହିତ ଯୁବକ ବିଜୟ କୁମାର ନାଏକ ( ୪୫) ବୁଧବାର ଦିନ ଟିକିରା ଓ ଢ଼େଙ୍କିକୋଟ ରାସ୍ତା କଡରେ ଥିବା ଜଂଗଲର ଏକ ଆମ୍ବ ଗଛରେ ଗାମୁଛା ଦ୍ୱାରା ଝୁଲି ଜୀବନ ହାରିଛନ୍ତି। ତାଙ୍କର ମୃତ୍ୟୁ ସଂପର୍କରେ ତାଙ୍କ ସ୍ତ୍ରୀ ବାସନ୍ତି ନାଏକ ଲିଖିତ ଆକାରରେ ଫାଣ୍ଡି ଅଧିକାରି ତ୍ରିନାଥ ନାଏକଙ୍କୁ ଜଣାଇଛନ୍ତି । ଫାଣ୍ଡି ଅଧିକାରୀ ମହିଳା ଏଏସଆଇ ଖିରଦେଇ ନିଆଲଙ୍କୁ କେଶ ବୁଝିବାକୁ କହିବା ପରେ ସେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜବତକରି ସ୍ୱାମପାଟଣା ଠାରେ ବ୍ୟବଚ୍ଛେଦ କରାଇଛନ୍ତି। ଅଳ୍ପ ରୋଜଗାର ଯୋଗୁଁ ପରିବାର ପ୍ରତିପୋଷଣ କଷ୍ଟକର ଥିଲା। ତେଣୁ ସେ ଅନେକ ଆର୍ଥିକ ଓ ମାନସିକ ସମସ୍ୟା ଭିତରେ ଥିଲେ । ତାଙ୍କର ଏହି ଅକାଳ ମୃତ୍ୟୁରେ ଗ୍ରୋମରେ ଶୋକରଛାୟା ଖେଳିଯାଇଛି ।

# ମହତାବ ସ୍ମାରକୀ : ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଆଗରପଡ଼ା,(ସବ୍ୟୁ):ପ୍ରାକ୍ତନ ମୁଖ୍ୟମନ୍ତ୍ରୀ,ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଉତ୍କଳକେଶରୀ ଡଃ.ହରେକୃଷ୍ଣ ମହତାବଙ୍କ ସ୍ମାରକୀ ତାଙ୍କ ଜନ୍ମସ୍ଥାନ ଆଗରପଡ଼ାରେ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆଭାସି ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ସ୍ମାରକୀ ପାଇଁ ୪୦କୋଟି ଟଙ୍କା ବ୍ୟୟ ମଂଜୁର ହୋଇଛି। ଆଗରପଡ଼ାର ଡାଏଟ ନିକଟରେ ଥିବା ଜମିରେ ଏହା ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିରୂପଣ କରାଯାଇଛି। ଏହି ସ୍ମାରକୀ ପାଇଁ ଡଃ.ମହତାବଙ୍କ ୪୦ଫୁଟ ଉଚ୍ଚତାର ପୂର୍ଣ୍ଣାୟବ ପ୍ରତିମୂର୍ତ୍ତୀ,ସଂଗ୍ରହାଳୟ ଓ ପାର୍କ ନିର୍ମାଣ ପାଇଁ ଯୋଜନା ରହିଛି। ଏଥିପାଇଁ ହାଇକୋର୍ଟ ଆଡ଼ଭୋକେଟ ମନୋଜ ରାୟ,ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ,ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ,ଡାକ୍ତର ପଦ୍ମଲୋଚନ ଶତପଥୀ,ସାମ୍ବାଦିକ ଅକ୍ଷୟ ସିଂହ,କଳିଙ୍ଗ କଂପ୍ୟୁଟର୍ସ ନିର୍ଦ୍ଦେଶକ,ସାମ୍ବାଦିକ ବିନୋଦ ଧଳସାମନ୍ତ,ବିଜେପି ଡଃ.ମହତାବ ମଣ୍ଡଳ ସଭାପତିଅମୂଲ୍ୟରତ୍ନ ନନ୍ଦ,ଗୋପାଳକୃଷ୍ଣ ଦାଶ,ରାଜୀବ ଲୋଚନ ରାୟ ପ୍ରମୁଖ ଖୁସିବ୍ୟକ୍ତ କରିବା ସହିତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନୁଆସାହିରେ ହାତୀ ଉପଦ୍ରବ

ସୋର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆସାହିରେ ଗତକାଲି ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଗ୍ରାମର ନିରାକାର କବି ଘରେ ଏକା ଥିବା ବେଳେ ତାଙ୍କ ବାଡ଼ିରେ ଏକ ଦନ୍ତାହାତୀ ପଶିବା ସହିତ ବାଡ଼ିରେ ଥିବା ବିଭିନ୍ନ ଗଛ ଭାଙ୍ଗିଥିଲା। ହାତୀର ଶବ୍ଦ ଶୁଣି ନିରାକାର ଭୟଭୀତ ଥିବା ବେଳେ ସମାନ ଅବସ୍ଥାକୁ ସାମ୍ନା କରିଥିଲେ ଗ୍ରାମର ଯୁଧିଷ୍ଠିର ବେହେରା। ତାଙ୍କ ବାଡ଼ିରେ ମଧ ହାତୀ ପଶିବା ସହିତ ଗଛପତ୍ର ଭାଙ୍ଗିଥିବା ଜଣାପଡିଛି। ବାରମ୍ବାର ଏହି ଅଂଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଥିବାରୁ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଶ୍ରେଷ୍ଠ ପୁରସ୍କୃତ ବଡ଼ପାଟଣା ପଞ୍ଚାୟତକୁ ପରିଦର୍ଶନ କଲେ ଜିଲ୍ଲା ଅଧିକାରୀ

ପାଟଣା,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ ପାଟଣା ଗ୍ରାମପଞ୍ଚାୟତକୁ ଜିଲ୍ଲା ସ୍ତରୀୟରେ ଶ୍ରେଷ୍ଠ ପୁରସ୍କାର ବିଜେତା କରାଗଲା ପରେ ବଡପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ମଙ୍ଗଳବାର ଦିନ ଜିଲ୍ଲା ସହକାରୀ ଅଧିକାରୀ ପରିଦର୍ଶନ କରିଛନ୍ତି। ଜିଲ୍ଲା ସହକାରୀ ଅଧିକାରୀ ଶ୍ରୀନିବାସ ସାହୁ ବଡପାଟଣା ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତ ବ୍ୟବସ୍ଥା ରେ ବଡପାଟଣା ସରପଞ୍ଚ ବିନତି ବାନାରାଙ୍କୁ ବହୁ ପ୍ରଂଶସା କରିଥିଲେ। ଏହା ବ୍ୟତିତ ପଞ୍ଚାୟତକୁ ଆସୁଥିବା ଲୋକମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା ଠିକ ଭାବରେ ପାଳନ କରାଯାଉଛି। ସରକାର ଙ୍କ ଯୋଜନା ଭିତ୍ତିକ କାର୍ଯ୍ୟ ବଡପାଟଣା ପଞ୍ଚାୟତରେ ଯାଉଥିବା ଗ୍ରାମଗୁଡ଼ିକରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ହୋଇଛ। ଏହାପରେ ଜିଲ୍ଲା ଅଧିକାରୀ ପଞ୍ଚାୟତର ରେଜିଷ୍ଟର ଗୁଡ଼ିକ ପଞ୍ଚାୟତ ଅଧିକାରୀ ତପନ କୁମାର ମହାନ୍ତ ଓ କୋଷାଧକ୍ଷ ନିହାର ରଞ୍ଜନ ପରିଡ଼ା ଯାଞ୍ଚ କରିଥିଲେ।ପଞ୍ଚାୟତ ମଧ୍ୟରେ ଲୋକ ମାନଙ୍କ ପାଇଁ ପିଇବା ପାଣି,ଶୌଚ ବିଶ୍ରାମ କକ୍ଷ ରହିଛି କି ନାହି ତାହା ଉପରେ ଜିଲ୍ଲା ଅଧିକାରୀ ବୁଝିବା ସହିତ ପରୋକ୍ଷୀ ଦେଖିବା ସହ ବଡପାଟଣା ସରପଞ୍ଚ ବିନତୀ ବାନରାଙ୍କ ସହିତ ଜିଲ୍ଲା ସହକାରୀ ଅଧିକାରୀ ସାକ୍ଷାତ କରି ତାଙ୍କ ପଞ୍ଚାୟତ ବାସୀଙ୍କ ପ୍ରତି ଉତ୍ତମ କାର୍ଯ୍ୟ କରିବା ସହ ସୁ-ଶାସନରେ ଯୋଗୁ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ଗ୍ରାମପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିବା ବେଳେ ପଞ୍ଚାୟତ ବାସୀ ପାଟଣା ସରପଞ୍ଚଙ୍କୁ ପ୍ରଂଶସା କରିଥିଲେ।ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ପାଟଣା ବ୍ଲକ ସହକାରୀ ନିର୍ବାହ ଯନ୍ତ୍ରୀ ସିଦ୍ଧ ମାଝି, ପଞ୍ଚାୟତ ଅଧିକାରୀ ଭବାନୀ ଶଙ୍କର ନନ୍ଦ,ଓ ଏଏସଜି ମହିଳା ମାନେ ମଧ ଉପସ୍ଥିତ ରହିବା ସହ ଚତୁର୍ଥ ଶ୍ରେଣୀ କର୍ମଚରୀ ରବୀନ୍ଦ୍ର କାରୁଆ ମଧ ଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

ତିହିଡି,(ସବ୍ୟୁ):ତିହିଡି ବ୍ଲକ ପରିସରରେ ମଙ୍ଗଳବାର ସୁଭଦ୍ରା ଶକ୍ତି ବ୍ଲକ ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ବିଡିଓ ନିରଞ୍ଜନ ବାରିକ ଉଦ୍ଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ୨୫ଟି ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟରୁ ୨୩ଟି ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ । ସେମାନେ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ପ୍ରତିଯୋଗିତାରେ ବିଚାରକ ଭାବେ ବିଏନଏମଏ କଲେଜର ଗୃହବିଜ୍ଞାନ ଅଧ୍ୟାପିକା ହୀରକଲତା ଦାସ, ତିହିଡି ସିଡିପିଓ ସବିତା ବେହେରା ଓ ଏବିଡିଓ ମାନସ କୁମାର ଯେନା ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଫତେପୁର ରଘୁନାଥ ସ୍ୱୟଂସହାୟକ ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ସିନ୍ଦୋଳ ମା'ଜଞ୍ଜାଳି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱିତୀୟ ହୋଇଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ଗୋଷ୍ଠୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ବିପିଏମ ରଶ୍ମିତା ବେହେରା ଓ ତାଙ୍କ ସହଯୋଗୀ ମାନେ ପରିଚାଳନା କରିଥିଲେ।

# ଖୋଲିଲା ଏମ୍‌ଏସ୍‌ପି ପ୍ଲାଣ୍ଟ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ଶିଳ୍ପନୁଷ୍ଠାନ ଏମଏସପି ପ୍ଲାଣ୍ଟ କିଛି ଦିନ ହେବ କିଛି ସ୍ଥାନୀୟ କୁଚକ୍ରୀ ଗୋଷ୍ଠୀ ଏବଂ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ପାଇଁ ପ୍ଲାଣ୍ଟଟି ପାଇଁ ବନ୍ଦ ହୋଇଯାଇଥିଲା। ପ୍ଲାଣ୍ଟର ମୁଖ୍ୟଅଧିକାରୀ ଶିବାନନ୍ଦ ପଟ୍ଟନାୟକ ସାଧାରଣ ପରିଚାଳକ ତଥା ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ସାହୁ ବରିଷ୍ଟ ପଦାଧିକାରୀଙ୍କ ଉଦ୍ୟମକ୍ରମେ ଏବଂ ରାଜ୍ୟମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଫଳରେ ପ୍ଲାଣ୍ଟଟି ଖୋଲିବା ସମ୍ଭବପର ହୋଇପାରିଛି ।ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମାନେ ନିଜର ଭୁଲ ବୁଝିପାରି ପ୍ଲାଣ୍ଟ କାର୍ଯ୍ୟର ଉତ୍ପାଦନରେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।ଦୀର୍ଘ ବର୍ଷ ହେବ ଏମଏସପି ପ୍ଲାଣ୍ଟ ବହୁ ସାମାଜିକ ଏବଂ ସଂସ୍କୃତିକ ଅନୁଷ୍ଠାନ ଏବଂ ଗରିବ ଓ ଅଭାବି ଲୋକମାନଙ୍କୁ ସାହାଯ୍ୟର ହାତ କରିଆସିଛି। ପ୍ଲାଣ୍ଟଟି ଖୋଲିଥିବାରୁ ଜିଲ୍ଲାବାଶୀଙ୍କ ମନରେ ଆନନ୍ଦ ଏବଂ ଖୁସି ଖେଳିଯାଇଛି ।

# ଶିଶୁ ପରିଚାର୍ଯ୍ୟାର ନୂତନ ଗୃହ ପ୍ରବେଶ ଉତ୍ସବ



ଆନନ୍ଦପୁର ,(ସବ୍ୟୁ) : ଘଷିପୁରାରେ ଥିବା କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ତାଳ ଗାଁରେ ଥିବା ଶିଶୁ ପରିଚାର୍ଯ୍ୟା ଅନୁଷ୍ଠାନର ନୂତନ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ସଭାପତି ନମିତା ରାଣୀ ବଳଙ୍କ ସଂଯୋଜନାରେ ଉଦଘାଟନ ଉତ୍ସବ ପାଳନ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ସାହୁ, ଅଶୋକ ପୁହାଣ, ସରୋଜ କୁମାର ସାହୁ, ଡ଼ ଶମ୍ଭୁନାଥ ରାଉତ, ସୋନାଲି ଦାସ, କୃଷ୍ଣ ବାରିକ, ନିରୋଧ ମହାନ୍ତି, ଅଧ୍ୟାପକ ସୁଦର୍ଶନ ସାହୁ, ଜଗତଜିତା ଦାସ, ଅନ୍ନଦା ପ୍ରସାଦ ମହାନ୍ତି, ପରମେଶ୍ୱର ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ।

# ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ଆଣିଲେ ଗ୍ରାମବାସୀ



ସିମୁଳିଆ,(ସବ୍ୟୁ) :ସରକାର ଉନ୍ନତ ମାନର ରାସ୍ତା ପାଇଁ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଅର୍ଥ ବ୍ୟୟ ବରାଦ କରୁଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା କାର୍ଯ୍ୟ ନିମ୍ନମାନର ହେବା ସହ ଅର୍ଥ ହରିଲୁଟ ହେଉଥିବା ନେଇ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ସବଙ୍ଗ ପଂଚାୟତ କୁଣ୍ଡି ଠାରୁ ସାରଡାଙ୍ଗ ଛକ ଯାଏ ହେଉଥିବା ନୂତନ ରାସ୍ତା କାର୍ଯ୍ୟ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ହେଉଥିବା ରାସ୍ତା କାର୍ଯ୍ୟର ଅଟକଳ ମୂଲ୍ୟ ୨,୬୪,୮୮,୦୫୪ଟଙ୍କା ହୋଇ ଥିବା ବେଳେ କାର୍ଯ୍ୟ ୦୬/୧୨/୨୦୨୩ ଆରମ୍ଭ ହୋଇ ୦୫.୦୬.୨୦୨୪ରେ ଶେଷ ହେବାର କଥା। କିନ୍ତୁ ଭଦ୍ରକ ଅଞ୍ଚଳର ଠିକାଦାର ଦେବେନ୍ଦ୍ର ପ୍ରସାଦ ତ୍ରିପାଠୀ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ମାର୍କୋଣା ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍ ଡି ଓ ସଞ୍ଜୟ କୁମାର ସାହୁ ଏବଂ ଜେଇ ଅନୁପସ୍ଥିତରେ କାର୍ଯ୍ୟ ହେଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଠିକାଦାର ଚିପ୍ସରେ ମାଟି ଥିବା ବେଳେ ତାକୁ ସଫା ନକରିବା, ବାଲି, ସିମେଣ୍ଟ ସଠିକ ଭାବରେ ଦେଉନଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଲେ ଠିକାଦାର ଦୁର୍ବ୍ୟବହାର କରିବା ସହ ନିଜ ଟଙ୍କାରେ ରାସ୍ତା କାର୍ଯ୍ୟ କରିବା ଧମକ ଦେଉଛନ୍ତି। ଖାଲି ଏହି କାର୍ଯ୍ୟ ଯେ ନିମ୍ନମାନର ହେଉଛି ତାହା ନୁହେଁ ସିମୁଳିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯେଉଁ ସବୁ ରାସ୍ତା କାର୍ଯ୍ୟ ହେଉଛି ସବୁଆଡେ ତାହା ନିମ୍ନମାନର ନେଇ ଅଭିଯୋଗ ଆସୁଛି । ଏ ସଂକ୍ରାନ୍ତରେ ଏସଡିଓ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ ତଦାରଖ କରିବା ନେଇ ପ୍ରକାଶ କରିଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୬/୦୮)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ଅପରସ୍ପରସମ୍ଭୂତଂ କିମନ୍ୟତ୍ କାମହୈତୁକମ୍ ।।୮।।**

ହେ ଆସୁର ପ୍ରକୃତି ଲୋକମାନେ କହନ୍ତି-ଜଗତ୍ ଅସତ୍ୟ (ବେଦପୁରାଣାଦି ପ୍ରମାଣଶୂନ୍ୟ), ଅପ୍ରତିଷ୍ଠ (ଧର୍ମାଧର୍ମରୂପପ୍ରତିଷ୍ଠାହୀନ), ଈଶ୍ୱରବିହୀନ (ବ୍ୟବସ୍ଥାପକଶୂନ୍ୟ), ସ୍ତ୍ରୀପୁରୁଷର ମୈଥୁନସମ୍ଭୂତ ଏହି ଜଗତର ଅନ୍ୟ କିଛି କାରଣ ନାହିଁ, କେବଳ ସ୍ତ୍ରୀପୁରୁଷର ଧାରାବାହିକ କାମପ୍ରବାହ ହିଁ ଏହାର ଉତ୍ପତ୍ତିର ଏକମାତ୍ର କାରଣ ।।।୮।।

# ରାସ୍ତା ଦୁର୍ଘଟଣାର ଭୟାବହତା

**ସମ୍ପାଦକୀୟ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଜଣାପଡ଼ିଛି ଯେ ସମଗ୍ର ବିଶ୍ୱରେ ବାର୍ଷିକ ପ୍ରାୟ ୧.୧୯ ନିୟୁତ ବ୍ୟକ୍ତି ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତି । ଏହି ଦୁର୍ଘଟଣାରେ ପାଞ୍ଚ ବର୍ଷରୁ ୨୯ ବର୍ଷ ବୟସର ପିଲାମାନେ ପ୍ରଥମେ ଆହତ ହୋଇ ପରେ ପ୍ରାଣ ହରାଇଥାନ୍ତି ବୋଲି ସୂଚନା ମିଳୁଛି ।

ଓଡ଼ିଶା ସରକାରଙ୍କ ବିବରଣୀ ଅନୁଯାୟୀ ଗତ ୨୦୨୪ରେ ମାରାତ୍ମକ ରାସ୍ତା ଦୁର୍ଘଟଣାରେ ୪୯ ଦଶମିକ ୫ ଜଣ ପ୍ରାଣ ହରାଇଥିଲେ, ଯେତେବେଳେ ସମଗ୍ର ଦେଶରେ ଏହି ହାର ୩୭ ପ୍ରତିଶତ । ଅନୁଧ୍ୟାନରୁ ଜଣାଯାଇଛି, ଆମ ରାଜ୍ୟରେ ବର୍ଷକୁ ୬, ୧୪୨ ଜଣ ପ୍ରାଣ ହରାଇଥିବାବେଳେ ଗତ ବର୍ଷ ୨୦୨୪ରେ ଏ କ୍ଷେତ୍ରରେ ସାତ ପ୍ରତିଶତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଥିଲା । ଏଇ ପାଞ୍ଚ ବର୍ଷ ଭିତରେ ରାସ୍ତା ଦୁର୍ଘଟଣାଜନିତ ଗ୍ରାଫ ଚିତ୍ରରେ ବୃଦ୍ଧି ପରିଲକ୍ଷିତ ହୋଇ ୨୯ ଦଶମିକ ୬ ପ୍ରତିଶତରେ ଉପନୀତ ହୋଇଥିଲା । ରାଜ୍ୟ ସରକାର ଏହି ଭୟାବହ ରାସ୍ତା ଦୁର୍ଘଟଣା ଯୋଗୁଁ ଉଦ୍‌ବେଗ ପ୍ରକାଶ କରିଥିଲେ ବୋଲି ଜଣାଯାଇଛି । ବିଗତ ଏଗାର ବର୍ଷ ତଳେ, ୨୦୧୪ରେ ଦେଶର ସର୍ବୋଚ୍ଚ ଅଦାଲତ ବଢ଼ି ଚାଲିଥିବା ଏହି ରାସ୍ତା ଦୁର୍ଘଟଣାର ମାରାତ୍ମକ ଦିଗ ପ୍ରତି ଦୃଷ୍ଟି ଦେଇ ଏକ କମିଟି ଜରିଆରେ ସତର୍କ କରାଇ ଦେଇଥିଲେ ଯେ ରାଜ୍ୟ ସରକାର ଅନ୍ତତଃ ପାଞ୍ଚବର୍ଷ ଭିତରେ ( ୨୦୧୪କୁ ମୌଳିକ ବର୍ଷ ଭାବେ ଆକଳନ କଲେ ୨୦୨୦ ସୁଦ୍ଧା) ଅନ୍ତତଃ ୫୦ ପ୍ରତିଶତ ରାସ୍ତା ଦୁର୍ଘଟଣା ହ୍ରାସ କରାନ୍ତୁ । ମାତ୍ର ଦୁଃଖର କଥା, ଅନୁଧ୍ୟାନରୁ ଜଣାଯାଇଛି ଯେ ସେବେଠାରୁ ଅର୍ଥାତ୍ ୨୦୨୦ ମସିହାରୁ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇ ୯୮୧୭ରେ ପହଞ୍ଚି ଥିବାବେଳେ ୨୦୨୧ରେ ତାହା ୧୦,୯୮୪, ୨୦୨୨ରେ ୧୧,୬୬୩କୁ, ୨୦୨୩ରେ ୧୧,୯୯୨କୁ ଏବଂ ୨୦୨୪ରେ ତାହା ୧୨, ୩୭୫କୁ ବୃଦ୍ଧି ପାଇଛି ।

ରାଜ୍ୟ ପରିବହନ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଗତ ପାଞ୍ଚବର୍ଷ ଭିତରେ ୫୬, ୮୩୧ଟି ରାସ୍ତା ଦୁର୍ଘଟଣାରେ ୨୭, ୧୬୭ ଜଣ ପ୍ରାଣ ହରାଇଥିବାବେଳେ ୫୦, ୦୪୧ ଜଣ ଆହତ ହୋଇଛନ୍ତି । ଏହି ସବୁ ରାସ୍ତା ଦୁର୍ଘଟଣାର କାରଣ ଅନୁସନ୍ଧାନ କଲେ ଜଣାଯାଇଥାଏ ଯେ ଏହି ସବୁ ଦୁର୍ଘଟଣାରେ, ୮୫ ପ୍ରତିଶତ ଗାଡ଼ିର ଡ୍ରାଇଭର ଓ ଅନ୍ୟାନ୍ୟ ଆନୁସଙ୍ଗିକ ତ୍ରୁଟି ଯୋଗୁଁ ଘଟିଥାଏ । ଅବଶିଷ୍ଟ ୧୫ ପ୍ରତିଶତ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ହୋଇଥାଏ । ଡ୍ରାଇଭର ମଦ ପିଇ ବେପରୁଆ ଗାଡ଼ି ଚାଳନା କରିବାରୁ ଏପରି ରାସ୍ତା ଦୁର୍ଘଟଣାର ଶରବ୍ୟ ଆମେମାନେ ହେଉଛୁଁ ବୋଲି ପରିବହନ ବିଭାଗୀୟ ସୂତ୍ରରୁ ଜଣାଯାଇଛି ।

'ସମୟ'ର କଟକ ଜିଲ୍ଲା ପ୍ରତିନିଧିଙ୍କ ଏକ ଚାଞ୍ଚଲ୍ୟକର ଖବର ଏବେ ପ୍ରକାଶିତ ହୋଇଛି । ଅଭିଯୋଗ ହୋଇଛି ଯେ ସ୍ୱତନ୍ତ୍ର ଅଡିଟ୍ ନାଁରେ ଦୋଷୀଙ୍କୁ ଘଣ୍ଟ ଘୋଡାଉଛି ରାଜ୍ୟ ପରିବହନ ବିଭାଗ । ଗାଡ଼ିମାନଙ୍କରେ ଭେଇକଲ ଲୋକେସନ୍ ଟ୍ରାକିଙ୍ଗ ଡିଭାଇସ୍ ( ଗାଡି କେଉଁଠି ଅଛି ସେ ସଂକ୍ରାନ୍ତୀୟ ସୂଚନା ମିଳିବାର ଯନ୍ତ୍ରାଂଶ) ପାଇଁ ନିୟମ କରାଯାଇଥିଲେ ମଧ୍ୟ ତାକୁ କେହି ମାନୁ ନାହାନ୍ତି । ଏ କଥା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ମଧ୍ୟ ସ୍ୱୀକାର କରୁଛନ୍ତି । ମାତ୍ର ଏପରି ଆଇନ ନ ମାନୁଥିବା ବଡ଼ ବଡ଼ ଗାଡ଼ିଗୁଡ଼ିକ ବିରୋଧରେ ପରିବହନ ବିଭାଗର ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିନାହାନ୍ତି । ବିଚିତ୍ର କଥା ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିନାହାନ୍ତି ରାଜ୍ୟ ସରକାର ।

ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଉଭୟ ଟ୍ରକ-ବସ୍ ମାଲିକ ମହାସଂଘ ପକ୍ଷରୁ ଯଥାକ୍ରମେ ଦେବେନ୍ଦ୍ର ସାହୁ ଓ ରବି ଶତପଥୀ ମିଳିତ ଭାବେ ସ୍ମାରକପତ୍ର ନେଇଛନ୍ତି ଯେ ପୋଲିସର ଗାଡ଼ି ଚେକିଙ୍ଗ କ୍ଷମତା ପ୍ରତ୍ୟାହାର କରାଯାଉ । କାରଣ ଗାଡ଼ି ଚେକିଙ୍ଗ କ୍ଷମତା ପୋଲିସର କାମ ନୁହେଁ, ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ଭାଳିବା ହେଉଛି ପୋଲିସର କାମ ।

ରାଜ୍ୟରେ ଆଇ.ଆଇ.ଟି ମାଡ୍ରାସ ସହାୟତାରେ ରାଜ୍ୟ ସରକାର ୩ ଜୁନ୍ (୨୦୨୫) ରେ ଭୁବନେଶ୍ୱରରେ ଅନୁଷ୍ଠିତ ଶୂନ୍ୟ ଦୁର୍ଘଟଣା ଦିବସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ରାଜ୍ୟବାସୀଙ୍କୁ କହିଛନ୍ତି, 'ସଡ଼କ ନିୟମ ପାଳନ୍ତୁ ଓ ଘରକୁ ଫେରିବା ନିଶ୍ଚିନ୍ତ କରନ୍ତୁ' । ପ୍ରକୃତରେ ଏପରି ଆହ୍ୱାନ ଖୁବ୍ ସ୍ୱାଗତଯୋଗ୍ୟ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ,**
**ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,**
**ପ୍ରତି ରକ୍ତବିନ୍ଦୁ ।**
**(ଗୋପବନ୍ଧୁ ଦାସ)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଲୁପ୍ତ ହେଉଛନ୍ତି ବିରଳ ପ୍ରଜାତିର ପକ୍ଷୀ



**ସତ୍ୟ ସୁନ୍ଦର ଭଞ୍ଜ**

ଆଜି ବିଶ୍ୱ ପରିବେଶ ଦିବସ । ଏହି ଦିବସ ଅବସରରେ ଧରାପୃଷ୍ଠରୁ ବିଲୋପ ପାଉଥିବା ଅନେକ ବିରଳ ପ୍ରଜାତିର ପକ୍ଷୀ ଓ ପୃଥିବୀ ପାଇଁ ସେମାନଙ୍କ ଆବଶ୍ୟକତା ଉପରେ ଚିନ୍ତନ କରିବା ସମୟ ଉପନୀତ । ବିଶ୍ୱରେ ମଣିଷ ସମାଜ ସୁଖ ଓ ସ୍ୱାଚ୍ଛନ୍ଦ୍ୟରେ ବସବାସ କରିବା ସହ ସମଗ୍ର ଜୀବ ଜଗତର ସହାବସ୍ଥାନର ଆବଶ୍ୟକତା ରହିଛି । କିନ୍ତୁ ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁଁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବା ସହ ମଣିଷ ସମେତ ପ୍ରାଣୀ ଓ ପକ୍ଷୀଙ୍କ ଜୀବନ ଧାରଣ ଦୁର୍ବିସହ ହୋଇଯାଉଛି ।

ଏକଦା ଯେପରି ଧରାପୃଷ୍ଠର ବିରାଟ ଜୀବ ଡ଼ାଇନୋସର ପରିବେଶ ସହ ଖାପ ଖୁଆଇନପାରି ଧରାପୃଷ୍ଠରୁ ଲୋପ ପାଇଗଲା, ଠିକ୍ ସେହିପରି ଏବେ ଅନେକ ବନ୍ୟପ୍ରାଣୀ ଓ ପକ୍ଷୀ ବିଲୁପ୍ତ ହେବାରେ ଲାଗିଛନ୍ତି । ଏକଦା ଶାଗୁଣାର ଉପସ୍ଥିତି ଯୋଗୁଁ ଅନେକ ପରିବେଶ ସନ୍ତୁଳନ କାର୍ଯ୍ୟ ସାଧିତ ହେଉଥିଲା । ଶାଗୁଣାମାନେ ବହୁ ସଂଖ୍ୟାରେ ଏକାଠି ବସବାସ କରୁଥିଲେ । ମୁଖ୍ୟତଃ ଶାଗୁଣା ମୃତ ପଶୁ, ଗୋରୁ ଗାଈ, ପକ୍ଷୀଙ୍କ ମଢ଼ ଖାଇ ଯାଉଥିବାରୁ ଏହା ପରିବେଶ ପାଇଁ ବେଶ ସହାୟକ ହେଉଥିଲା । ଶାଗୁଣା ବଂଶ ପରିବେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ । ସେମାନଙ୍କର ବଂଶ ହ୍ରାସ ବିଭିନ୍ନ ପରିଣାମ ଆଣିଛି ବୋଲି ବିଶେଷଜ୍ଞଙ୍କ ମତ । ମଣିଷ ସମାଜ ଭଲରେ ସ୍ୱଚ୍ଛତା ସହ ବସବାସ କରିବା ପାଇଁ ଝାଡୁଦାର ( ସ୍କେଭେଞ୍ଜର) ମାନେ ସକାଳୁ ସହରକୁ ଯେପରି ପରିଷ୍କାର ପରିଚ୍ଛନ୍ନ କରନ୍ତି, ଠିକ୍ ସେହିପରି ବିଭିନ୍ନ ପ୍ରଜାତିର ପକ୍ଷୀମାନେ ପଚା ଶଢ଼ା ମୃତ ଦେହକୁ ଭକ୍ଷଣ କରି ଜୈବ ସନ୍ତୁଳନରେ ବିରାଟ ଭୂମିକା ନିଭାଇ ଆସୁଥିଲେ ।

ଭାରତରେ ଶାଗୁଣା ପରିବେଶ ଓ ସ୍ୱାସ୍ଥ୍ୟରକ୍ଷାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି । ମୃତ ପଶୁମାନଙ୍କ ଶରୀର/ମଢ଼ ଖାଇ ସଫା କରନ୍ତି, ଯାହା ଦ୍ୱାରା ଅନ୍ଥ୍ରାକ୍ସ ଓ ରେବିଜ୍ ପରି ଘାତକ ରୋଗଗୁଡ଼ିକ ଚାରିପାଖରେ ପ୍ରସାରିତ ହୋଇପାରି ନଥାଏ । ଅନାବଶ୍ୟକ ମୃତଦେହ ସଫା କରି ପରିବେଶକୁ ସୁସ୍ଥ ଓ ପରିଚ୍ଛନ୍ନ ରଖନ୍ତି ଶାଗୁଣା । ଏହା ସହିତ ପ୍ରାକୃତିକ ସନ୍ତୁଳନ ଓ ବିବିଧତାକୁ ଅତୁଟ ରଖିଥାନ୍ତି । କହିବାକୁ ଗଲେ ଶାଗୁଣା ପ୍ରାକୃତିକ ପରିବେଶକୁ ସୁସ୍ଥ ଓ ସନ୍ତୁଳିତ ରଖି ଜୈବ ବିବିଧତା ଅବସ୍ଥାକୁ ରକ୍ଷା କରନ୍ତି ।

ଶାଗୁଣା ସଂଖ୍ୟାର ଭିନ୍ନତା ଦ୍ୱାରା ପରିବେଶର ସ୍ୱାସ୍ଥ୍ୟ ବିଷୟରେ ଅନୁମାନ ଲଗାଯାଇପାରେ । ତେଣୁ ସେମାନେ ପରିବେଶୀୟ ସ୍ୱାସ୍ଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାନ୍ତି । କିନ୍ତୁ, ଶାଗୁଣାଙ୍କ ସଂଖ୍ୟା ଭାରତରେ ଦ୍ରୁତ ହାରରେ କମିବାରେ ଲାଗିଛି । ମୁଖ୍ୟ କାରଣଗୁଡ଼ିକ ହେଉଛି ପଶୁ ଚିକିତ୍ସାରେ ବ୍ୟବହୃତ ଔଷଧ । ବିଷ ଦିଆଯାଇଥିବା ଚାରା ଖାଉଥିବା ଫଳରେ ସେମାନଙ୍କ ମୃତ୍ୟୁ ହେଉଛି । ସେହିପରି ଡାଇକ୍ଲୋଫେନାକରର ଅନେକ ପ୍ରଭାବ ରହିଛି ।

ଡାଇକ୍ଲୋଫେନାକ, ଏକ ନନ-ଷ୍ଟେରଏଡ଼ ଆଣ୍ଟି-ଇନଫ୍ଲାମେଟୋରୀ ଡ୍ରଗ୍ସ । ଏହା ଶାଗୁଣା ପାଇଁ ବିନାଶକାରୀ ଥିଲା । ଏହି ଔଷଧ ବ୍ୟବହୃତ ପଶୁମାନଙ୍କ ଶରୀର ଖାଇବା ସମୟରେ, ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ବିଶେଷକରି ବୃକକ୍‌ରେ ଏହା ଆସି ଜମିଯାଏ, ଯାହା ତାଙ୍କର ବୃକକ୍ ବିଫଳତା ଓ ମୃତ୍ୟୁ ଘଟାଏ । ଏହାର ଫଳସ୍ୱରୂପ ଶାଗୁଣା ସଂଖ୍ୟାର ଭୟଙ୍କର ହ୍ରାସ ଅନେକ ପ୍ରଜାତି ବିଲୁପ୍ତି ହେବାର ସଙ୍କଟ ପରିବେଶର ସନ୍ତୁଳନ ବିପର୍ଯ୍ୟସ୍ତ ଉପାୟ ହିସାବରେ ଡାକ୍ଲୋଫେନାକ ଉପରେ ପଶୁ ଚିକିତ୍ସାରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ଶାଗୁଣା ବଂଶ ଲୋପ ପାଇବାର ଅନ୍ୟ ଏକ କାରଣ ମନୁଷ୍ୟକୃତ ମଧ୍ୟ ହୋଇପାରେ । ଏହି ବିରଳ ପକ୍ଷୀ ପ୍ରଜାତିରେ ଅନେକ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଚିଲ, ବାଦୁଡ଼ି, ଚେମେଣିଆ ଅର୍ନ୍ତଭୁକ୍ତ । **ସେହିପରି ମୟୂରଭଞ୍ଜର ଶିମିଳିପାଳରେ ପୂର୍ବେ ଦେଖାଯାଉଥିବା କୋଚିଲା ଖାଇ ପକ୍ଷୀ ଆଉ ପ୍ରାୟ ଦେଖାଯାଉ ନାହାଁନ୍ତି । କୋଚିଲାଖାଇକୁ ସ୍ୱାଭିମାନୀ ପକ୍ଷୀ ଭାବେ ବିବେଚନା କରାଯାଇପାରେ । ଏହି ପକ୍ଷୀ ଅଣ୍ଡା ଅଞ୍ଚଳରେ ବସବାସ କରୁଥିବାବେଳେ ପରିବେଶ ସହ ଖାପଖୁଆଇ ପାରିଲା ନାହିଁ। ଏହା ସହିତ ପକ୍ଷୀ ଶିକାରୀଙ୍କ କବଳରେ ପଡ଼ି ଏହି ପ୍ରଜାତିର ପକ୍ଷୀ ଲୋପ ପାଇଛନ୍ତି । କୁହାଯାଏ କୋଚିଲାଖାଇ ପକ୍ଷୀଙ୍କ ଠାରୁ ପ୍ରସ୍ତୁତ ହେଉଥିବା ତେଲରେ ଅନେକ ରୋଗର ଉପଶମ ହୋଇଥାଏ ।** ଫଳରେ ବିଦେଶକୁ ବହୁ ପରିମାଣରେ ତାହା ଚାଲାଣ ହୋଇଥାଏ । ଏହି ପକ୍ଷୀର ଅନ୍ୟ ଏକ ଚରିତ୍ର ହେଉଛି ଦାମ୍ପତ୍ୟ ଜୀବନ ଅତି ସୁରୁଖୁରୁରେ କାଟନ୍ତି । ଏହି ପକ୍ଷୀ କେବଳ ଋତୁ ଅନୁସାରେ ସହବାସ କରିଥାଏ । ପକ୍ଷୀଙ୍କର ଯୌନକ୍ଷୁଧା ଋତୁକୈନ୍ଦ୍ରିକ ହୋଇଥିବାବେଳେ ମଣିଷର ମନକୈନ୍ଦ୍ରିକ ତଥା ଅବିଚାରିତ ।



ଅନ୍ୟ ଏକ ପ୍ରଜାତିର ପକ୍ଷୀ ହେଉଛନ୍ତି ଘରଚଟିଆ । ବ୍ୟାପକ ସହରୀକରଣ ଯୋଗୁଁ ଆଜି ଘର ଚଟିଆ ବଂଶ ବୃଦ୍ଧିରେ ରୋକ ଲାଗିଛି । ଗ୍ରାମାଞ୍ଚଳରେ ପାଳ, ଚାଳ ଘରେ ପ୍ରାୟତଃ ଏମାନେ ବସା ବାନ୍ଧିଥାନ୍ତି । କିନ୍ତୁ ଗାଁ ମାନଙ୍କରେ ଏବେ ଆଉ ପାଳ/ନଡ଼ା ଘର ନାହିଁ । ଛପର ଓ ଛାତ ଘର ହୋଇଗଲାଣି । କାଁ ଭାଁ ଚାଷୀର ପାଳଗଦା ଓ ଧାନ ରଖିବା ସ୍ଥାନରେ ଘର ଚଟିଆ ବସବାସ କରୁଛନ୍ତି । ଖାଦ୍ୟ ଓ ବାସସ୍ଥାନ ଏମାନଙ୍କ ବଂଶ ବିସ୍ତାରରେ ବାଧକ ସାଜିଛି । **ଘର ଚଟିଆକୁ ହିନ୍ଦୁ ସମ୍ପ୍ରଦାୟରେ ସଂସ୍କୃତିର ପ୍ରତୀକ ବୋଲି କୁହାଯାଉଥିବାବେଳେ କୌଣସି ଶୁଭ କାର୍ଯ୍ୟରେ ଘରୁ ବାହାରିବାବେଳେ ଯଦି ଚଟିଆ ଉଡ଼ିଲା ତା ହେଲେ ଭାଗ୍ୟୋଦୟ ଓ ଶୁଭ ସଙ୍କେତ ବୋଲି କୁହାଯାଉଥିଲା । କିନ୍ତୁ ବସ୍ତୁବାଦୀ ଦୁନିଆରେ ମଣିଷ ସେମାନଙ୍କ ବଂଶରକ୍ଷା ଓ ସୁରକ୍ଷା ଦିଗରେ ଚିନ୍ତା କଲା ନାହିଁ । ଫଳରେ ଆଜି ଦିନରେ ସରକାର ପକ୍ଷୀମାନଙ୍କୁ ବଞ୍ଚାଇବାକୁ ସରକାରୀ ସ୍ତରରେ ପଦକ୍ଷେପ ନେଉଛନ୍ତି । ଘରଚଟିଆମାନଙ୍କୁ ବଞ୍ଚାଇବା ପାଇଁ ବିଶ୍ୱ ଘରଚଟିଆ ଦିବସ ପାଳନ କରୁଛି ।** ଅଧିକ ପକ୍ଷୀ ବସବାସ କରୁଥିବା ବିଭିନ୍ନ ଗ୍ରାମଗୁଡ଼ିକୁ ପକ୍ଷୀ ଗ୍ରାମର ମାନ୍ୟତା ଦେଉଛି । ଓଡ଼ିଶାର ଚିଲିକା, ହୀରାକୁଦ, ପଶ୍ଚିମ ଓଡ଼ିଶାର ବୋବିନ୍ଦପୁର, ବୈଜଳସାଗର ସମେତ ଅନେକ ଗ୍ରାମ ରହିଛି ଯେଉଁଠାକୁ ବିଦେଶାଗତ ପକ୍ଷୀ ନିର୍ଦ୍ଦିଷ୍ଟ ସମୟରେ ହଜାର ହଜାର ସଂଖ୍ୟାରେ ଆସନ୍ତି । କିନ୍ତୁ ମିଳିଥିବା ତଥ୍ୟ ଅନୁସାରେ ସେହି ବିଦେଶାଗତ ପକ୍ଷୀମାନେ ଏବେ ପକ୍ଷୀ ଶିକାରୀଙ୍କ ନକରାତ୍ମକ ଦୃଷ୍ଟିରେ ପଡ଼ିଲେଣି । ଏହି ବିରଳ ପକ୍ଷୀମାନଙ୍କ ବଂଶ ରକ୍ଷା କରିବା ପାଇଁ ସରକାର ପକ୍ଷୀ ଶିକାରୀଙ୍କ ପ୍ରତି ଅତି କଠୋର ମନୋଭାବ ଆପଣେଇବାର ସମୟ ଉପନୀତ ବୋଲି ପକ୍ଷୀପ୍ରେମୀଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି ।

**ସହ-ସମ୍ପାଦକ, ସମୟ**
**ମୋ-୯୪୩୭୧୫୦୬୩୨**

# ମନୋରଞ୍ଜନର ଏ ପାଖ ସେ ପାଖ



**ସୁଧାଂଶୁ ଶେଖର ଧଡା**

କର୍ମକ୍ଳାନ୍ତ ମନୁଷ୍ୟ ପାଇଁ ଅବସର ବିନୋଦନ, ଚିତ୍ତବିନୋଦନ ଏବଂ ମନୋରଞ୍ଜନ ନାମରେ ମାନସିକ କ୍ଳାନ୍ତି ମେଣ୍ଟାଇବା ଆବଶ୍ୟକ ପଡେ । କର୍ମକ୍ଳାନ୍ତ ଶରୀରପାଇଁ ବିଶ୍ରାମ ଭଳି ମନପାଇଁ ମନୋରଞ୍ଜନ ଏକ ବିଶ୍ରାମ । ଏହା ପୁନର୍ବାର କାର୍ଯ୍ୟପାଇଁ ପ୍ରେରଣା ଏବଂ ଉତ୍ସାହ ପ୍ରଦାନକାରୀ ଆବଶ୍ୟକତା । ଆମ ଦେଶର ଶ୍ରମ ଆଇନ ଅନୁଯାୟୀ ମଧ୍ୟ ଶ୍ରମିକ କିମ୍ବା କର୍ମଚାରୀମାନଙ୍କର ଦିନ ଭିତରେ ସର୍ବାଧିକ ଶ୍ରମ ସମୟ ହେଉଛି ପ୍ରତି ୪ ଘଣ୍ଟା ପରେ ଅଧଘଣ୍ଟାଏ ବିଶ୍ରାମ ସହିତ ୮ ଘଣ୍ଟା ଏବଂ ସପ୍ତାହ ମଧ୍ୟରେ ସର୍ବାଧିକ ୪୫ ଘଣ୍ଟାର ଶ୍ରମ । ୮ଘଣ୍ଟାର କାର୍ଯ୍ୟ ବା ଶ୍ରମପରେ ଅଧାଘଣ୍ଟାର ବିଶ୍ରାମ ପୁନର୍ବାର କାର୍ଯ୍ୟକରିବା ନିମିତ୍ତ ଶାରୀରିକ ଓ ମାନସିକ ଭାବରେ ପ୍ରେରଣାଦାୟୀ । କାର୍ଯ୍ୟ ବା କର୍ତ୍ତବ୍ୟ ସମୟ ଭିତରେ ସରକାରୀ କିମ୍ବା ବେସରକାରୀ କର୍ତ୍ତୃପକ୍ଷ କେବେହେଲେ ମନୋରଞ୍ଜନକୁ ପ୍ରଶ୍ରୟ ଦିଅନ୍ତି ନାହିଁ । କର୍ତ୍ତବ୍ୟ ସମୟରେ ମନୋରଞ୍ଜନ ବ୍ୟବସ୍ଥା ରହିଲେ, କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇପାରିବ ନାହିଁ । ମନୋରଞ୍ଜନ ବର୍ତ୍ତମାନ ସମୟରେ ଶିଳ୍ପର ମାନ୍ୟତା ପାଇଛି । ମନୋରଞ୍ଜନ ସହ ସମ୍ବନ୍ଧିତ ବ୍ୟକ୍ତିମାନେ ମନୋରଞ୍ଜନ ଜଗତକୁ 'ଇଣ୍ଡଷ୍ଟ୍ରି' ବୋଲି କହିଲେଣି । ଏ ଦୃଷ୍ଟିରୁ ଇଣ୍ଡଷ୍ଟ୍ରି ବା ଶିଳ୍ପ ସହିତ ମନୋରଞ୍ଜନର ସମ୍ପର୍କ ବିଶ୍ଳେଷଣ ଆବଶ୍ୟକ କରେ ।

ଯନ୍ତ୍ର ସଭ୍ୟତା ପୂର୍ବରୁ ମନୁଷ୍ୟ କୃଷି କ୍ଷେତ୍ରରେ ପଶୁ ଶକ୍ତିର ବ୍ୟବହାର କରୁଥିଲା ଏବଂ ହାତଗଢା ପଦାର୍ଥଦ୍ୱାରା ଦୈନନ୍ଦିନ ଜୀବନର ଆବଶ୍ୟକତା ପୂରଣ କରୁଥିଲା । ଅଷ୍ଟାଦଶ ଶତାବ୍ଦୀରେ ୟୁରୋପରେ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରର ଉଦ୍ଭାବନ ହେଲା । ଏହାଫଳରେ ହାତରେ ଗଢାଯାଉଥିବା କିଛି ପଦାର୍ଥ ଯନ୍ତ୍ର ସାହାଯ୍ୟରେ ଅଳ୍ପ ସମୟରେ ଅଧିକ ପରିମାଣରେ ଉତ୍ପାଦିତ ହେଲା । ବୈଷୟିକ କୌଶଳର ବ୍ୟବହାର ବିଭିନ୍ନ କ୍ଷେତ୍ରରେ କରାଗଲା । ଏସବୁକୁ ଦୃଷ୍ଟିରେ ରଖି ଯନ୍ତ୍ର ବା ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନକୁ ଲକ୍ଷ୍ୟକରି 'ଶିଳ୍ପ ବିପ୍ଳବ' ନାମରେ ଶବ୍ଦଟିଏର ସୃଷ୍ଟି ହେଲା । ସାଧାରଣତଃ ୧୭୬୦ ଖ୍ରୀଷ୍ଟାବ୍ଦରୁ ୟୁରୋପରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇ ବିଶ୍ୱର ବିଭିନ୍ନ ଦେଶକୁ ବ୍ୟାପିଥିଲା । ୧୭୭୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡରେ ଜେମ୍ସ ୱାଟ ଉନ୍ନତ ମାନର ରେଳ ଇଞ୍ଜିନ ଉଦ୍ଭାବନ କରିଲେ । ଏହାର ଶହେ କୋଡିଏ ବର୍ଷ ପରେ ରୁଡୋଲଫ ଡିଜେଲ ୧୮୯୭ ମସିହାରେ ଡିଜେଲ ଇଞ୍ଜିନ ଉଦ୍‌ଭାବନ କରିଲେ । ଏହାପରେ ୟୁରୋପରେ ବିଜ୍ଞାନ ବୈଷୟିକ ପ୍ରଗତିର ଯୁଗ ଆରମ୍ଭ ହୋଇଗଲା । ବିଭିନ୍ନ ପ୍ରକାରର ବୈଜ୍ଞାନିକ ଉପକରଣ ଓ ଯନ୍ତ୍ରର ଉଦ୍ଭାବନ ସହିତ ଖଣିରୁ କୋଇଲା ଉତ୍ତୋଳନରୁ ଆରମ୍ଭକରି ଲୁଗାକଳ ପର୍ଯ୍ୟନ୍ତ ଶ୍ରମିକ ଓ କର୍ମଚାରୀ ନିଯୁକ୍ତ ହେଲେ । ଶ୍ରମିକ ନିଯୁକ୍ତି ସହିତ ଶ୍ରମର ସମୟ, ବିଶ୍ରାମ, ମନୋରଞ୍ଜନ ଆଦି ନୂଆ ନୂଆ ଅବଧାରଣା ୟୁରୋପରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱକୁ ବ୍ୟାପିଗଲା । ଇଂରେଜ ସରକାର ଭାରତରେ ଏଠାକାର ଲୋକଙ୍କୁ ଇଂରାଜୀ ଶିକ୍ଷା ଦେଇ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଭାବରେ ନିଯୁକ୍ତି ଦେଲେ । ସରକାରୀ କାର୍ଯ୍ୟର ସମୟ ନିର୍ଦ୍ଧାରଣ କରାଗଲା । କାର୍ଯ୍ୟାଳୟରୁ ଘରକୁ ଫେରିବାପରେ ପ୍ରଶାସକ ଇଂରେଜମାନେ ମନୋରଞ୍ଜନ ନିମନ୍ତେ କ୍ଲବ ସଂସ୍କୃତି ଏ ଦେଶରେ ଆରମ୍ଭ କଲେ । ଏହି କ୍ଲବ ସଂସ୍କୃତି ହିଁ ଭାରତରେ ଆଧୁନିକ ମନୋରଞ୍ଜନର ଜନ୍ମସ୍ଥଳୀ । ଏହାର ବହୁ ଶତାବ୍ଦୀ ପୂର୍ବରୁ ଧାର୍ମିକ ନାଟକ, ଲୋକନୃତ୍ୟ ଆଦି ମନୋରଞ୍ଜନ ଭାବରେ ପରିଗଣିତ ହେଉଥିଲା । କ୍ରମେ 'ଆଧୁନିକ' ଶବ୍ଦଟି 'ଉଗ୍ର ଆଧୁନିକତାରେ' ପରିଣତ ହେଲା । ମନୋରଞ୍ଜନର କ୍ଷେତ୍ର ଓ ପରିସର ବିସ୍ତାରିତ ହୋଇ କିଛିବର୍ଷ ତଳେ 'ଶିଳ୍ପ' ହୋଇଯାଇଛି ।

୧୯୮୨ ମସିହାରେ ଦିଲ୍ଲୀଠାରେ ନବମ ଏସୀୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ ସହିତ ଟେଲିଭିଜନ କାର୍ଯ୍ୟକ୍ରମର ରାଷ୍ଟ୍ରୀୟ ସ୍ତରରେ ପ୍ରସାରଣ ଆରମ୍ଭ ହେଲା । ସମଗ୍ର ଦେଶର ଦର୍ଶକମାନଙ୍କ ପାଇଁ ଉପଗ୍ରହ ଇନସାଟ୍ ଏ-୧ର ସହାୟତା ନିଆଗଲା । ସମସ୍ତଙ୍କ ନିକଟରେ ଟେଲିଭିଜନ ସେବା ପହଞ୍ଚାଇବା ପାଇଁ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, କ୍ଲବ, କର୍ମସ୍ଥଳୀ ଆଦିରେ ଟେଲିଭିଜନ ସେଟ୍ ପହଞ୍ଚାଇ ଦିଆଗଲା । ୧୯୮୩ ମସିହାରେ ଟେଲିଭିଜନ କାର୍ଯ୍ୟକ୍ରମର ସମୟ ବଢାଇ ନୂଆ କାର୍ଯ୍ୟକ୍ରମ ସବୁ ପ୍ରସାରଣ କରାଗଲା । ୧୯୯୨ ମସିହାରେ ଘରୋଇ ଟେଲିଭିଜନ ଚାନେଲଗୁଡିକ ପ୍ରସାରଣ ଆରମ୍ଭ କରିଲେ । ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣରେ ଜି.ଟିଭି ହେଉଛି ଦେଶର ପ୍ରଥମ ଘରୋଇ ଟେଲିଭିଜନ ଚାନେଲ । କ୍ରମେ ଘରୋଇ ଟେଲିଭିଜନ ଚାନେଲ ସଂଖ୍ୟା ବୃଦ୍ଧିପାଇ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୯୦୫ରେ ପହଞ୍ଚିଲା । ଏଥିମଧ୍ୟରୁ ଅଳ୍ପ କେତୋଟିକୁ ଛାଡିଦେଲେ ବାକିସବୁ ମନୋରଞ୍ଜନଭିତ୍ତିକ ଚାନେଲ । ବର୍ତ୍ତମାନ ସବୁ ଘରୋଇ ଚାନେଲ ୨୪ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାରଣ କରୁଛନ୍ତି ।

ଏବେ ପ୍ରଶ୍ନ ଉଠୁଛି ଯେ ମନୋରଞ୍ଜନ କାହାପାଇଁ ଏବଂ କେତେବେଳେ ଆବଶ୍ୟକରୁ, ଶିଳ୍ପ ବିପ୍ଳବରୁ ଶ୍ରମିକ ନିଯୁକ୍ତି, ଶ୍ରମର ସମୟ ନିର୍ଦ୍ଧାରଣ, ଶ୍ରମିକ ଆଇନ ପ୍ରଣୟନ, ଅବସର ସମୟରେ ମନୋରଞ୍ଜନ ଆଦି ସ୍ତର ଡେଇଁ ଏବେ ୨୪ଘଣ୍ଟିଆ ମନୋରଞ୍ଜନ ନିକଟରେ ଆମେ ପହଞ୍ଚିଲେଣି । ଦେଶରେ ଦିନକୁ ଦିନ ବେରୋଜଗାରୀ ବଢି ବଢି ଚାଲିଥିବା ସମୟରେ ୨୪ ଘଣ୍ଟିଆ ମନୋରଞ୍ଜନ ଦେଶର ମୋଟ ଘରୋଇ ଉତ୍ପାଦନ କ୍ଷେତ୍ରକୁ କିଭଳି ସହଯୋଗ କରୁଛି - ତାର ବିଶ୍ଳେଷଣ ଆବଶ୍ୟକ । ଆଉ ଏକ ପ୍ରଶ୍ନ ହେଲା - ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବିଭିନ୍ନ କର୍ମସ୍ଥଳୀ ଆଦିରେ ସ୍ଥାପନ କରାଯାଇଥିବା ଟେଲିଭିଜନସେଟ୍‌ଗୁଡିକର ଉପଯୋଗିତା କଣ ? ଛାତ୍ରଛାତ୍ରୀ, କର୍ମଚାରୀ, ଶ୍ରମିକ ଆଦି ଟେଲିଭିଜନ କାର୍ଯ୍ୟକ୍ରମକୁ ଦେଖିବେ କେତେବେଳେ ଏବଂ ପାଠ ପଢିବା କିମ୍ବା କାମ କରିବା ସମୟ କେତେବେଳେ ? ଏସବୁ ପ୍ରସଙ୍ଗରେ ପ୍ରଶ୍ନତ ଅନେକ ଅଛି । ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ରରେ ସବୁଠାରୁ ବଡ ସମସ୍ୟା ହେଉଛି - ଅନୁତ୍ପାଦକ ଭାବରେ ସମୟ କଟାଉଥିବା ବିଶାଳ ମାନବ ସମ୍ବଳ । ଏଇ ବିନିଯୋଗ ହୋଇପାରୁନଥିବା ମାନବ ସମ୍ବଳକୁ ହିଁ ୨୪ ଘଣ୍ଟିଆ ମନୋରଞ୍ଜନ ପରିବେଷଣ କରୁଥିବା ଚାନେଲଗୁଡିକ ଖାଉଟି ବଜାରରେ ଗ୍ରାହକ ସଜେଇ ଦେଇଛନ୍ତି । ରୋଜଗାର ନଥାଇ ଖର୍ଚ୍ଚର ଓ ଉପଭୋଗର ସ୍ୱପ୍ନ ଦେଖାଇଛନ୍ତି । ରୋଜଗାର ନଥାଇ ଉପଭୋଗର ସ୍ୱପ୍ନ ଦେଖୁଥିବା ଲୋକଟି ଅର୍ଥପାଇଁ ଅପରାଧ କରିବା ବ୍ୟତୀତ ଆଉ ଅନ୍ୟ ବାଟ ନାହିଁ । କିଛି କାମ ନାହିଁ ବୋଲି ତ ଜଣେ ଘରେ ବସି ବସି ଟେଲିଭିଜନ ପରଦାରୁ ବଡ ବଡ ସ୍ୱପ୍ନ ଦେଖିବା ଶିଖୁଛି । ବର୍ତ୍ତମାନ ମନୋରଞ୍ଜନ ଚାନେଲଗୁଡିକର ଅନେକ ବୈଭବ ରହିଛି । ବିଷୟବସ୍ତୁକୁ ଅନ୍ୟ ଭାଷାରୁ ଅଣାଯାଇ ନୂଆ ଭାଷାରେ ଡବିଂ କରାଯାଉଛି । ଗୋଟାଏ ବିଷୟକୁ ୨୪ ଘଣ୍ଟା ଭିତରେ ଏକାଧିକଥର ଟେଲିକାଷ୍ଟ କରାଯାଉଛି । ବିଷୟବସ୍ତୁ ଅତ୍ୟନ୍ତ ଉଦ୍ଭଟ, ଅବାସ୍ତବ, ଅଲୌକିକ ଶକ୍ତିକୁ ଆଧୁନିକ ବିଜ୍ଞାନ ସହ ଅବାନ୍ତର ଭାବରେ ମିଶ୍ରଣ କରାଯିବା , ଦେବ ଚରିତ୍ରଗୁଡିକୁ ମନୁଷ୍ୟର ଆଜ୍ଞାକାରୀ ଭାବରେ ପ୍ରଦର୍ଶନ କରିବା, ଚରିତ୍ରଗୁଡିକ ମଧ୍ୟରେ କିଏ କାହାର କଣ ସହଜରେ ଜଣା ନପଡିବା , ପୁରୁଷମାନଙ୍କର ଏକାଧିକ ନାରୀଙ୍କ ସହ ସମ୍ପର୍କ ଓ ନାରୀମାନଙ୍କର ଏକାଧିକ ପୁରୁଷଙ୍କ ସହ ସମ୍ପର୍କ ରହିବା , ବିଷୟବସ୍ତୁରେ ବନ୍ଧୁକ-ଗୁଳି- ଛୁରୀଖଣ୍ଡା ଆଦି ମାରଣାସ୍ତ୍ର ବ୍ୟବହାର- ନିଶା ସେବନ- ଶିଶୁ ଓ ମହିଳାଙ୍କ ଉପରେ ବଳ ପ୍ରୟୋଗ ଓ ନୃଶଂସତା , ପୁଲିସ ବିଭାଗକୁ ଲାଞ୍ଚୁଆ ମିଛୁଆ ଗୁଣ୍ଡା ଭାବରେ ଚିତ୍ରଣ, ବିଚାର ବିଭାଗରୁ ନ୍ୟାୟ ମିଳୁନଥିବା ବ୍ୟବସ୍ଥା ଭଳି ଚିତ୍ରଣ, ପାରିବାରିକ ଜୀବନରେ ଶାନ୍ତି ନଥିବା ପ୍ରଦର୍ଶନ କରିବା ଭଳି କାହାଣୀ ପ୍ରଦର୍ଶନ କରାଯାଉଛି । ସକାରାତ୍ମକ ଦୃଶ୍ୟ ଅପେକ୍ଷା ନକରାତ୍ମକ ଭାବନାରେ ପରିବାରକୁ ସବୁବେଳେ ସୁଖଶାନ୍ତି ପରିବର୍ତ୍ତେ ମାନସିକ ଚାପରେ ରଖାଯାଉଥିବା ଦେଖାଯାଉଛି । ଏସବୁର ପ୍ରଦର୍ଶନ କରାଯାଉଛି, ଲୋକପ୍ରିୟ ପାରିବାରିକ ଧାରାବାହିକ ବ୍ରାଣ୍ଡ ନାଁ ରେ । ଏ ପ୍ରକାର ଅବାସ୍ତବ ଉଦ୍ଭଟ ଧାରାବାହିକଗୁଡିକର କିଛି ଏପିସୋଡ କ୍ରମାଗତ ଭାବରେ ଦେଖିଲେ ଏସବୁକୁ ଦେଖିବା ଏକ ନିଶାରେ ପରିଣତ ହୋଇଯାଉଛି । ଅନେକ ମହିଳା ଏଭଳି ଧାରାବାହିକ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖି 'ସିଜୋଫ୍ରିନିଆ' ନାମକ ମାନସିକ ସମସ୍ୟା ଭୋଗିଲେଣି । ସେମାନେ କରୁଥିବା କାମ ଓ ମନରେ କରୁଥିବା ଚିନ୍ତା ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଲାଣି । କିଛି ମହିଳା ଛୋଟ ପରଦାରେ ଦେଖୁଥିବା ହିଂସା ଦୃଶ୍ୟକୁ ରାତିଲେ ସ୍ୱପ୍ନରେ ନିଜଠାରେ ଘଟୁଥିବା ଦେଖୁଛନ୍ତି । ଏସବୁ ଆଗକୁ ଭୟଙ୍କର ମାନସିକ ସମସ୍ୟାର କାରଣ ପାଲଟିବା ସମ୍ଭାବନା ଅଛି ।

୧୯୫୦ ମସିହାରେ ବିଶ୍ୱରେ ନାଟକ କ୍ଷେତ୍ରରେ ଏକ ନୂଆ ଯୁଗ ଆସିଥିଲା । ତାହା ହେଉଛି ନାଟକର କାହାଣୀରେ ଉଦ୍ଭଟତାର ପ୍ରବେଶ । ୟୁଗିନି ଆୟୋନେସ୍କୋଙ୍କର ନାଟକ 'ଦି ବାଲ୍ଡ ସୋପ୍ରାନୋ , ସାମୁଏଲ ବେକେଟ୍‌ଙ୍କର 'ୱେଟିଂ ଫର ଗୋଦୋ' ଏବଂ ଜିନ୍ ଜେନେଟଙ୍କ 'ଦି ବାଲକୋନୀ' ନାଟକ ଏ କ୍ଷେତ୍ରରେ ଦେଶ୍ ଚର୍ଚ୍ଚିତ ଥିଲା । ତେବେ ଏସବୁ ନାଟକ ଦର୍ଶକଙ୍କୁ ଘଟଣାକୁ ଭିନ୍ନ ଢଙ୍ଗରେ ଚିନ୍ତା କରିବା ଶିଖାଇଥିଲେ ମଧ୍ୟ ଏଗୁଡିକର ସମାଜରେ କୁପ୍ରଭାବ ନଥିଲା । ବର୍ତ୍ତମାନର ଲୋକପ୍ରିୟ ପାରିବାରିକ ଧାରାବାହିକ ନାମରେ ପ୍ରଦର୍ଶିତ ହେଉଥିବା ଛୋଟପରଦାର ମନୋରଞ୍ଜନ ପାଇଁ ଏକ ସେନସର ବୋର୍ଡ ଆବଶ୍ୟକ ପଡିଲାଣି । ଆମ ଦେଶର ବିଶାଳ ଅନୁତ୍ପାଦକ ମାନବ ସମ୍ବଳର ସଦ୍ ବିନିଯୋଗ କରା ନଯାଇ 'ସିଜୋଫ୍ରିନିଆ' ଭଳି ମାନସିକ ସମସ୍ୟାରେ ପକାଇ ଦିଆଯିବା ଆଦୌ ଉଚିତ ନୁହେଁ । ଏ କ୍ଷେତ୍ରରେ ବିତର୍କ ଆବଶ୍ୟକ ।

**୧୯୫୦ ମସିହାରେ ବିଶ୍ୱରେ ନାଟକ କ୍ଷେତ୍ରରେ ଏକ ନୂଆ ଯୁଗ ଆସିଥିଲା । ତାହା ହେଉଛି ନାଟକର କାହାଣୀରେ ଉଦ୍ଭଟତାର ପ୍ରବେଶ । ୟୁଗିନି ଆୟୋନେସ୍କୋଙ୍କର ନାଟକ 'ଦି ବାଲ୍ଡ ସୋପ୍ରାନୋ , ସାମୁଏଲ ବେକେଟ୍‌ଙ୍କର 'ୱେଟିଂ ଫର ଗୋଦୋ' ଏବଂ ଜିନ୍ ଜେନେଟଙ୍କ 'ଦି ବାଲକୋନୀ' ନାଟକ ଏ କ୍ଷେତ୍ରରେ ଦେଶ୍ ଚର୍ଚ୍ଚିତ ଥିଲା । ତେବେ ଏସବୁ ନାଟକ ଦର୍ଶକଙ୍କୁ ଘଟଣାକୁ ଭିନ୍ନ ଢଙ୍ଗରେ ଚିନ୍ତା କରିବା ଶିଖାଇଥିଲେ ମଧ୍ୟ ଏଗୁଡିକର ସମାଜରେ କୁପ୍ରଭାବ ନଥିଲା । ବର୍ତ୍ତମାନର ଲୋକପ୍ରିୟ ପାରିବାରିକ ଧାରାବାହିକ ନାମରେ ପ୍ରଦର୍ଶିତ ହେଉଥିବା ଛୋଟପରଦାର ମନୋରଞ୍ଜନ ପାଇଁ ଏକ ସେନସର ବୋର୍ଡ ଆବଶ୍ୟକ ପଡିଲାଣି । ଆମ ଦେଶର ବିଶାଳ ଅନୁତ୍ପାଦକ ମାନବ ସମ୍ବଳର ସଦ୍ ବିନିଯୋଗ କରା ନଯାଇ 'ସିଜୋଫ୍ରିନିଆ' ଭଳି ମାନସିକ ସମସ୍ୟାରେ ପକାଇ ଦିଆଯିବା ଆଦୌ ଉଚିତ ନୁହେଁ । ଏ କ୍ଷେତ୍ରରେ ବିତର୍କ ଆବଶ୍ୟକ ।**

**ପୂର୍ବତନ ଉପ-ନିର୍ଦ୍ଦେଶକ, ଆକାଶବାଣୀ ସମାଚାର ବିଭାଗ, ଜାଗମରା , ଖଣ୍ଡଗିରି , ଭୁବନେଶ୍ୱର-୩୦**
**ମୋ- ୯୩୩୭୦୧୫୮୮୨ .**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦଳାଚକଟା...

ତେବେ ଲୋକଙ୍କୁ ସୁରକ୍ଷାକର୍ମୀ ନିୟନ୍ତ୍ରଣ କରୁଥିବା ବେଳେ ବର୍ଷା ସ୍ଥିତିକୁ ଆହୁରି ସଂଗୀନ କରିଛି। ଆରସିବି ଟିମ୍‌କୁ ପ୍ରଥମେ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ହଜାର ହଜାର କ୍ରିକେଟପ୍ରେମୀ ଲାଲ ପତାକା ଧରି ଧାଡିରେ ଠିଆ ହୋଇଥିବା ବେଳେ ଷ୍ଟାଡିୟମ୍‌ର ଫାଟକ ନିକଟରେ ଅସମ୍ଭବ ଭିଡ଼ ହୋଇଥିଲା। ଖେଳାଳିମାନେ ଏକ ବସ୍‌ରେ ଆସିଥିଲେ ତେବେ ବେଳେ ପଡ଼ିଲା ପରିସ୍ଥିତି ସଂଗୀନ ହୋଇଉଠିଲା। ପୋଲିସ୍ ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ହସ୍ପିଟାଲ ନେଇଥିଲା। ଚିନ୍ନାସ୍ୱାମୀ ମେଟ୍ରୋ ଷ୍ଟେସନ୍‌କୁ ବନ୍ଦ କରିଥିବା ବେଳେ ଷ୍ଟାଡିୟମ୍‌କୁ ସଂଯୋଗ କରୁଥିବା ସବୁ ରାସ୍ତାକୁ ବନ୍ଦ କରିଦିଆଯାଇଛି। ଷ୍ଟାଡିୟମ୍ ବାହାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଥିବା ବେଳେ ଆରସିବି ଓ କର୍ଣ୍ଣାଟକ ପାଇଁ ଆମେ ଗର୍ବିତ। ୧୮ ବର୍ଷର ଅପେକ୍ଷା ପରେ ଆମକୁ ସଫଳତା ମିଳିଛି। ଅସମ୍ଭବ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଚେଷ୍ଟା କରିଥିଲା। ଯେଉଁ ସଂଖ୍ୟାରେ ଜନଗହଳି ହୋଇଥିଲା ତାହା ନିୟନ୍ତ୍ରଣ କରିହୋଇନଥିଲା। ଏଥିଲାଗି ବେଙ୍ଗାଲୁରୁ ଓ କର୍ଣ୍ଣାଟକବାସୀଙ୍କୁ କ୍ଷମା ମାଗୁଛି। ଆମେ ଶୋଭାଯାତ୍ରା କରିବାକୁ ଚାହୁଁଥିଲୁ। ମାତ୍ର ଭିଡ଼ ନିୟନ୍ତ୍ରଣ ବାହାରରେ ଥିଲା। ଅଧିକାଂଶ ଯୁବକ ଭିଡ଼ରେ ସାମିଲ ହୋଇଥିବାରୁ ଆମେ ଲାଠିଚାର୍ଜ କରିପାରିନଥିଲୁ। କର୍ଣ୍ଣାଟକ ବିଜେପି ପକ୍ଷରୁ ଏହି ଘଟଣା ପାଇଁ ରାଜ୍ୟର କଂଗ୍ରେସ ସରକାରଙ୍କୁ ଦାୟୀ କରାଯାଇଛି। ସୋସିଆଲ ମିଡ଼ିଆରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଏହି ଦଳାଚକଟା ଘଟଣାରେ ଅଧିକାଂଶ ଲୋକ ଜୀବନ ହରାଇଛନ୍ତି। ସରକାରଙ୍କ ଦାୟିତ୍ୱହୀନତା ଯୋଗୁଁ ଜୀବନ ସହ ସଂଗ୍ରାମ କରୁଥିବା କୌଣସି ବ୍ୟବସ୍ଥା ହୋଇନଥିଲା ଫଳରେ ନିରିହ ଲୋକମାନେ ମୃତ୍ୟୁବରଣ କରିଥିଲେ। ସିଦ୍ଧ ରାମୟା ଓ ଡିକେ ଶିବ କୁମାର ଖେଳାଳିମାନଙ୍କ ସହ ରିଲ୍ସ କରିବାରେ ବ୍ୟସ୍ତ ଥିଲେ। କଂଗ୍ରେସ ସରକାରଙ୍କ ଏହି ଫଟୋ ସେସନ କରିବା ଅତ୍ୟନ୍ତ ଲଜ୍ଜାଜନକ। ଏହା ଅପରାଧ ଅବହେଳା। ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ।

ଶିବ କୁମାର କହିଛନ୍ତି ଯେ ଘଟଣା ପରେ ମାତ୍ର ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟକ୍ରମକୁ ବନ୍ଦ କରିଦିଆଯାଇଥିଲା। ପୋଲିସ୍ କମିଶନର ଓ ଅନ୍ୟ ଅଧିକାରୀମାନଙ୍କ ସହ କଥା ହୋଇଛି। ପରେ ହସ୍ପିଟାଲ ଯିବି, ଡାକ୍ତରମାନଙ୍କୁ ଚିକିତ୍ସାରେ ବାଧା ସୃଷ୍ଟି କରିବାକୁ ଚାହୁଁ ନାହିଁ। ଲୋକମାନଙ୍କୁ ଶାନ୍ତ ରଖିବାକୁ ଅନୁରୋଧ କରୁଛି। ତେବେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି ଯେ ଆଶା ଠାରୁ ଅଧିକ ରହିଥିଲା ଲୋକଙ୍କ ମଧ୍ୟରେ ଉତ୍ସାହ। ଏହା ଉଚିତ ରହିଥିଲା। ଏହା ଦୁର୍ଭାଗ୍ୟଜନକ ଘଟଣା। ଆରସିବି ଟିମ୍ ଅହମ୍ମଦାବାଦ ଛାଡିଲା ପରେ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ସମ୍ବର୍ଦ୍ଧିତ କରିବାର ଥିଲା। ତେବେ କେହି କେବେ ଆଶା କରିନଥିଲେ ଯେ ଏଭଳି ଘଟିବ। କାର୍ଯ୍ୟକ୍ରମ ଷ୍ଟାଡିୟମ୍ ଭିତରେ ଥିଲା। ତେବେ ଷ୍ଟାଡିୟମ୍ ଭରପୂର ହୋଇଥିଲା। କେତେ ସଂଖ୍ୟକ ଲୋକ ଆସିବେ ବିଶ୍ୱାସ ନଥିବ ବେଳେ ସେ କହିଥିଲେ।

## ଭୁଲ୍..

ଆଇସିୟୁର ଗୁରୁତର ଚିକିତ୍ସିତ ରୋଗୀଙ୍କ ଭିତରୁ ଶତ୍ରୁଘ୍ନ ମାଝୀ, ରୁକ୍ମିଣୀ ପେଣ୍ଡିଆ ଓ ଫୁଲମତି ମାଝୀ ତିନି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସାଧାରଣ ସର୍ଜରୀ ୱାର୍ଡର ବେଡ୍‌ରେ ଥିବା ଭଗବାନ ପରିଜା ଓ ବଡ଼ି ଖରା ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା।

ତୁରନ୍ତ ରୋଗୀ ସମ୍ପର୍କୀୟଙ୍କ ଉତ୍ତେଜନା ଦେଖି ଟାଉନ୍ ଥାନା ପୁଲିସ ପକ୍ଷରୁ ପୋଲିସ ମୃତ୍ୟୁନ କରାଯାଇଥିଲା। ଅନ୍ୟପଟେ ରୋଗୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଆଇସିୟୁରେ ଅପରେସନ ପରେ ରୋଗୀ ଠିକ୍ ଥିଲେ। ରାତ୍ରୀକାଳୀନ ଦାୟିତ୍ୱ ରେ ଥିବା କର୍ମଚାରୀ ଇଞ୍ଜେକ୍ସନ ଦେବାର ୧୫ ମିନିଟ ଭିତରେ ଆଇସିୟୁରେ ତିନି ରୋଗୀଙ୍କ ମୃତ୍ୟୁ ହୋଇଥିଲା। ରୋଗୀ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଭୁଲ ଇଞ୍ଜେକ୍ସନ ଦେଇ ଦେବାରୁ ଏପରି ହୋଇଛି। କିନ୍ତୁ ବେଡରେ ଥିବା ରୋଗୀଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟତା ମିଳି ପାରିନାହିଁ। ତେବେ ଅଳ୍ପ ସମୟ ଭିତରେ ରାତି ରାଉଣ୍ଡର ଶେଷ ବୁନ୍ଦାରେ ଆଇସିୟୁରେ ତିନି ଏବଂ ବେଡ଼ରେ ଦୁଇ ରୋଗୀଙ୍କ ମୃତ୍ୟୁ ନେଇ ପରିବାର ପ୍ରଶ୍ନ ଉଠାଉଥିବାରୁ ଶବ ଜବତ୍ କରିଛି ଟାଉନ୍ ଥାନା ପୁଲିସ। ଏତେ ବଡ଼ ଘଟଣା ଘଟିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି।

ସେପଟେ ରାଜ୍ୟ ସରକାର ଶ୍ୱେତପତ୍ର ଦେବାକୁ ଦାବି କରିଛି ବିଜେଡି। ବଦନାମ ମୁଣ୍ଡାଇବା ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଡିଏମଇଟି। ଯାଞ୍ଚ ପାଇଁ ଗଠନ ହୋଇଛି ୫ ଜଣିଆ ଟିମ୍। ରୋଗୀ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ ପରେ ଗୁରୁବାର ସୁଦ୍ଧା ରିପୋର୍ଟ ଆସିବ।

## ରାଜ୍ୟରେ...

୮.୧ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬ ହଜାର ୨୧୦ଟି ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରର ପ୍ରତିନିଧି ଭାବରେ ଗାଁ ଓ ଗ୍ରାମବାସୀଙ୍କୁ ସମୟରେ ଓ ନ୍ୟାୟସଙ୍ଗତ ସେବା ଦେବା ପାଇଁ ତତ୍ପର ହେବା ଆବଶ୍ୟକ ଅଛି। ସମାଜର ଶେଷ ଧାଡିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ବହୁତ ମୂଲ୍ୟବାନ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଆପଣ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ଅନେକ ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ। ଜମିଜମା ସଂକ୍ରାନ୍ତିୟ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କରିବେ। କାରଣ, ଯେତେବେଳେ ଆପଣ ଏହି ଭୂମିକା ତୁଲାନ୍ତି, ସେତେବେଳେ ଆପଣ ନ୍ୟାୟ ଦଣ୍ଡରେ ବିରାଜମାନ କରିଥାନ୍ତି। ଏହି କଥାକୁ ସବୁବେଳେ ମନେ ରଖିବେ।

ସେ କହିଥିଲେ ଯେ, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣା ବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ, ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତାଦ ଅଛି। କିଛି ଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ। କିଛି କିଛି ଅଞ୍ଚଳରେ ଆରମ୍ଭ ହୋଇଗଲାଣି। ତେଣୁ, ସମସ୍ତେ ପାଣିପାଗ ବିଭାଗଦ୍ୱାରା ଜାରି ପାଣିପାଗ ସୂଚନାକୁ ନିୟମିତ ଭାବେ ଅନୁସରଣ କରୁଥିବେ ଏବଂ ତଦନୁସାରେ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଏସ୍‌ଓପି ନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଚଳିତ ମାସ ଠାରୁ ଆରମ୍ଭ କରି ନଭେମ୍ବର ପର୍ଯ୍ୟନ୍ତ ମୌସୁମୀ ବର୍ଷା ଏବଂ ବାତ୍ୟା ଲାଗି ରହିବ। ତେଣୁ, ଏଥିପାଇଁ ନିଜ ନିଜ ଅଞ୍ଚଳର ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରା ପ୍ରଶାସନକୁ ପ୍ରସ୍ତୁତ କରିବେ।

ସେ ପୁଣି କହିଥିଲେଯେ, ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହିତ କରିବାକୁ ହେବ। ସରକାର ବର୍ତ୍ତମାନ ଧାନ କିଣିବା ପାଇଁ ଅଧିକ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। କିନ୍ତୁ, କେଉଁ ଚାଷୀ କେତେ ଜମିରେ ପ୍ରକୃତ ଚାଷ କରିଛନ୍ତି ତାହାର ଜମିୱାରୀ ଭେରୀଫିକେଶନ ହେବା ଆବଶ୍ୟକ ଯାହା ରାଜସ୍ୱ, ସମବାୟ, କୃଷି ଏବଂ ଜଳସେଚନ ବିଭାଗ ଦ୍ୱାରା ମିଳିତ ଭାବେ ହୁଏ। ତେଣୁ, ସଠିକ ତଥ୍ୟ ଆସିବା ଦରକାର, ଯାହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରକୃତ ଚାଷ କରିଥିବା ଫସଲ ପାଇଁ ସୁବିଧା ପାଇବେ।

କର୍ତ୍ତବ୍ୟପରାୟଣ ଓ ସଚ୍ଚୋଟ ହୁଅନ୍ତୁ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଏ ସରକାର ବରଦାସ୍ତ କରିବେ ନାହିଁ। ଭଲ କାମ କରୁଥିବା ଅଧିକାରୀଙ୍କୁ ନିଶ୍ଚୟ ପୁରସ୍କୃତ କରାଯିବ। ପ୍ରତିଷ୍ଠା ନୁହେଁ, ସମର୍ପଣ ହେଉ ଆପଣମାନଙ୍କ ମାନଦଣ୍ଡ।

ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ରାଜସ୍ୱ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡିବ ଆପଣ ମାନେ ନିଜର ମାନସିକତା ବଦଳାନ୍ତୁ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି।

ବର୍ତ୍ତମାନ ଲୋକଙ୍କ ସରକାରରେ ଜନସାଧାରଣ ହେଉଛନ୍ତି ଶ୍ରେଷ୍ଠ ବିଚାରକ ଆମକୁ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପଡିବ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବା ପାଇଁ ଯତ୍ନବାନ ହୁଅନ୍ତୁ ବୋଲି ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଦେଓରଞ୍ଜନ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର, ଅନୁ ଗର୍ଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

## କାଳବୈଶାଖୀ...

ବେଳେ ବାଲେଶ୍ୱରରେ ୩୫.୮ ମିମି, ସୋନପୁରରେ ୩୪ ମିମି, ଟିଟିଲାଗଡ଼ରେ ୨୦ ମିମି, ଖୋର୍ଦ୍ଧାରେ ୧୩ ମିମି ଓ ବାରିପଦାରେ ୪.୬ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଝଡ଼ତୋଫାନ ପ୍ରଭାବରେ ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସେରଭ ପେଟ୍ରୋଲ ପମ୍ପ ନିକଟରେ ୫ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇ ରାସ୍ତା ଉପରେ ବିଦ୍ୟୁତ ତାର ପଡ଼ିରହିଛି। ଭୁବନେଶ୍ୱରସ୍ଥିତ କେଶୁରାରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ସେହିପରି ସହରର ପ୍ରମୁଖ ଅଞ୍ଚଳରେ ବର୍ଷା ଯୋଗୁ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଥିଲା। ଫଳରେ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ୪ ଚକିଆ ଯାନ ମଧ୍ୟ ପାଣିରେ ବୁଡ଼ି ଫଶିରହିଥିଲା। କେବଳ ସେତିକି ନୁହେଁ ପ୍ରବଳ ପବନ ଯୋଗୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଳ ଓ ଆଜ୍‌ବେଷ୍ଟସ୍ ଉଡ଼ିଯାଇଥିବା ଖବର ମିଳିଥିଲା।

ଆସନ୍ତା ଦୁଇଦିନ ଲାଗି ଗରମ ଓ ଗୁଳୁଗୁଳି ସହ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି(ଗୁରୁବାର) ବାଲେଶ୍ୱର ଓ ପୁରୀ ଜିଲ୍ଲାକୁ ଗ୍ରୀଷ୍ମ ଲହରି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ ଗରମ ସହ ଗୁଳୁଗୁଳି ଅନୁଭୂତ ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାର ସ୍ଥାନେ ସ୍ଥାନେ କାଳବୈଶାଖୀ ବର୍ଷା ସହ ପବନ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ। ୬ ଓ ୭ ତାରିଖରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ୫ ଟନ୍‌ରୁ...

ତଦନ୍ତ ପରିସର ଭିତରକୁ ନେଇନାହିଁ। ନିକିତା ଅଗ୍ରୱାଲଙ୍କୁ ଏଯାଏ କାହିଁକି ଜେରା କରାଯାଇନି। ଯଦି ଶ୍ରବଣ ଅଗ୍ରୱାଲ ଓ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ବେଳେ ନିକିତାଙ୍କୁ କେବେ ପଚରାଉଚରା କରାଯିବ।

ମଙ୍ଗଳବାର ହାଇଦ୍ରାବାଦରୁ ଆସିଥିଲା ୧୫ ହଜାର କେଜି ବାରୁଦ ସହ ବାରୁଦରେ ବ୍ୟବହାର ହେଉଥିବା ୩ ଲକ୍ଷ ମିଟର ତାର। ତେବେ ୧୬୦ଟି ପ୍ୟାକେଟରୁ ୪ ହଜାର କେଜି ବାରୁଦ ଆସିଛି ନିକିତା ଏଣ୍ଟରପ୍ରାଇଜେସର ନିକିତା ଅଗ୍ରଓ୍ୱାଲଙ୍କ ନାଁରେ। ମେ' ୨୭ ତାରିଖରେ ସରଣ୍ଡା ଜଙ୍ଗଲରୁ ମାଓବାଦୀ ବିସ୍ଫୋରକ ଲୁଟି ନେବା ପରେ, ଜାରି ରହିଛି ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ସହ ସିଆରପିଏଫର କମ୍ବିଂ ଅପରେସନ୍। ବୁଧବାରପୁଲିସ ଡିଜି ଓ୍ୱାଇ ବି ଖୁରାନିଆ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଯେ, ଏଯାଏ ଲୁଟ୍ ୫ ଟନ୍ ବିସ୍ଫୋରକରୁ ୩.୮ ଟନ୍ ଜବତ ହୋଇଛି।

ରାଉରକେଲାରେ ପେଟ୍ରୋଲ୍ ପମ୍ପରୁ ଯେଉଁ ବିସ୍ଫୋରକ ଭର୍ତ୍ତି ଗାଡ଼ି ମିଳିଥିଲା, ତାହା ବାଙ୍କୋ ଖଣିରୁ ଯାଇଥିଲା ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି। ଉଭୟ ଗାଡ଼ି ଡ୍ରାଇଭର ଓ ଖଣି ମାଲିକଙ୍କୁ ଗିରଫ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମାଗାଜିନରେ ଚଢ଼ଉ ଚାଲିଛି। ରେକର୍ଡରେ ଥିବା ବିସ୍ଫୋରକ ଗୋଦାମରେ ମହଜୁଦ ଅଛି ନା ନାହିଁ, ଯାଞ୍ଚ ହେଉଛି। ତେବେ ବିସ୍ଫୋରକ ନେବାବେଳେ ଏସଓପି ପାଳନ ହୋଇନଥିବା କହିଛନ୍ତି ପୁଲିସ ଡିଜି। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଇତମାରୁ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ୍ ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ରାଜ୍ୟ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି ପୂରା ଘଟଣା।

## କୁଳପତି...

ମାସିକ ଧାର୍ଯ୍ୟ ହୋଇଥିବାବେଳେ ସ୍ୱତନ୍ତ୍ର ଭତ୍ତା ଭାବେ ୧୧ ହଜାର ୨୫୦ ଟଙ୍କା ପାଇବେ। କୁଳପତିଙ୍କ କାର୍ଯ୍ୟକାଳ କାର୍ଯ୍ୟରେ ଯୋଗଦେବା ପରେ ୪ ବର୍ଷ ବା ସର୍ବୋଚ୍ଚ ବୟସ ସୀମା ୭୦ ରହିବ। ଏନେଇ ସ୍ୱତନ୍ତ୍ର ଫର୍ମାଟ୍ ହିମ୍ବ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି। ତଦନୁଯାୟୀ ସେମାନେ ଆବେଦନ କରିବେ। ଜୁଲାଇ ୫ ତାରିକ ଆବେଦନର ଶେଷ ତାରିଖ ରହିଛି। ଯଦି କୌଣସି ଧାର୍ଯ୍ୟ ମାନଦଣ୍ଡକୁ ପୂରଣ କରିନଥିବେ ତାଙ୍କ ଦରଖାସ୍ତକୁ ଖାରଜ କରାଯାଇପାରେ। ଏହାଛଡା ଏପ୍ରିଲ ୧୦ ସୁଦ୍ଧା ଆଡ୍ କପି ମଧ୍ୟ ପ୍ରଦାନ କରିବେ।

# ଗାଁ ମଝିରେ ବାଇକ୍ ବିକଟାଳ ଶବ୍ଦକୁ ନେଇ ତୁମୁଳକାଣ୍ଡ



ବାଲେଶ୍ୱର,(ସବ୍ୟୁ) : ଘଟଣା ଘଟିଛି ବାଲେଶ୍ୱର ରେମୁଣା ଅଞ୍ଚଳ ପୁରସ୍ତମପୁର ଓ ଗନିପୁର ମଧ୍ୟରେ। ବୁଧବାର ଅପରାହ୍ନ ୪ଟା ସମୟ ରେ ଗନିପୁରର କିଛି ଯୁବକ ପୁରସ୍ତମପୁରର ଖୁସାଲିଗଞ୍ଜ ରାସ୍ତା ଦେଇ ୩ଟି ବୋଇକ ବିକଟାଳ ଶବ୍ଦ ଦେଇ ଦୃତ ଗତିରେ ଯିବା ଆସିବାକୁ ଖୁସାଲିଗଞ୍ଜ ଗ୍ରାମର ଲୋକ ବିରୋଧ କରିଥିଲେ। ଛୁଆ ପିଲା ଖେଳୁଛନ୍ତି ବୋଲି ସେମାନଙ୍କୁ ତାଗିଦ୍ କରିଥିଲେ। ଅନ୍ୟ ପକ୍ଷରେ ବାଇକ ଚଳାଉଥିବା ବ୍ୟକ୍ତିମାନେ ଯୁକ୍ତିତର୍କ କରିଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ବଢିଥିଲା ଓ ପରେ ହାତା ହାତି ହୋଇ ଆହତ ହେଇଥିଲେ। ଘଟଣାକୁ କେନ୍ଦ୍ର କରି ଖୁସାଲିଗଞ୍ଜ ଗ୍ରାମର ଲୋକମାନେ ମୋଟର ସାଇକେଲ ଚଳାଉଥିବା ବ୍ୟକ୍ତି ଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବିକରି ସ୍ଥାନୀୟ ରେମୁଣା ବଜାର ତାରିଣୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଯାତାୟତ ଠପ୍ ହେଇଯାଇଥିଲା। ପରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ରାସ୍ତା ଚଳାଚଳ ସ୍ୱାଭାବିକ କରିଥିଲେ। ପୋଲିସ ଉଭୟ ଗ୍ରାମର ଲୋକଙ୍କୁ ଥାନାକୁ ଡାକି ଘଟଣାର ପୁଙ୍ଖନା ପୁଙ୍ଖ ତଦନ୍ତ ଚଳାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନାହାନ୍ତି।

# ଦିଅର ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି,(ସବ୍ୟୁ) : ସୁଦଶାବ୍ରତ ପାଇଁ ଫୁଲ,ବେଲପତ୍ର ଆଣିବାକୁ ଯାଇଥିବା ବେଳେ ଜଣେ ମହିଳା ସମେତ ଦିଅରଙ୍କୁ ପାଖପଡୋଶୀ ଯୁବକଜଣକ ଆକ୍ରୋଶ ମୂଳକଭାବେ ଆକ୍ରମଣ କରିଥିବା ବେଳେ ଉଭୟ ଦିଅର ଭାଉଜ ଗୁରୁତର ଆହତହୋଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ୨ନଂ ଓ୍ୱାର୍ଡ ଘାଟଘରସାହି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ପନୀ ବିଷ୍ଣୁପ୍ରିୟା ବାଗ(୫୩) ସୁଦଶାବ୍ରତ ଉପଲକ୍ଷେ ନିଜ ଝିଅାରୀ ମନିଷାଙ୍କ ସହିତ ଫୁଲ, ଦୁବ, ବେଲପତ୍ର ସଂଗ୍ରହକରି ଘରକୁ ଫେରୁଥିବା ସମୟରେ ପାଖ ପଡୋଶୀ ତଥା ସମ୍ପର୍କୀୟ ଦିଅର ସୁବ୍ରତ ବାଗ ଓରଫ ପାପା ହଠାତ୍ ବିଷ୍ଣୁପ୍ରିୟାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ପାପା ଓରଫ ସୁବ୍ରତ ନିଜଘରୁ ଏକ ଧାରୁଆ କଟୁରୀ ଆଣି ମହିଳାଙ୍କ ବେକକୁ ଲକ୍ଷ୍ୟକରି ହାଣିବା ସମୟରେ ମହିଳା ଜଣକ ବୁଲିପଡ଼ିବାରୁ ମୁଣ୍ଡରେ ବାଜିଥିଲା। ଏଥିସହ ସେହି କଟୁରିରେ ମହିଳାଙ୍କ ଗୋଡ଼ ଓ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ମହିଳା ଓ ଝିଅାରୀ ଭୟଭୀତ ହୋଇ ପାଟି କରିବାରୁ ମହିଳାଙ୍କ ଦିଅର ରମେଶ ବାଗ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସୁବ୍ରତ ରମେଶକୁ ଉକ୍ତ କଟୁରୀରେ ପାଲଟା ଆକ୍ରମଣ କରିଥିଲେ। ଫଳରେ ରମେଶଙ୍କର ବାମ ହାତରେ ଗଭୀରଆଘାତ ହୋଇଥିଲା। ପାଟିତୁଣ୍ଡ ଶୁଣି ସ୍ଥାନୀୟବାସିନ୍ଦା ପହଞ୍ଚିଯିବା ଫଳରେ ସୁବ୍ରତ ଘରକୁ ଫେରିଯାଇଥିବା ସମୟରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଉଭୟ ଦିଅର ଓ ଭାଉଜଙ୍କୁ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଯାଉଥିବା ସୂଚନା ରହିଥିବା ବେଳେ ମହିଳା ଜଣକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ବିଜେଡି ନେତା ବଂଶୀଧର ପଣ୍ଡାଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,(ସବ୍ୟୁ) :ବୁଧବାର ସନ୍ଧ୍ୟାରେ ମଲ୍ଲୀକାଶପୁର ସ୍ଥିତ ଅରୁଣ ଦେ ସ୍ମୃତି ପରିଷଦ କାର୍ଯ୍ୟାଳୟ ରେ ବିରୁହାଁ ପଞ୍ଚାୟତର ବିଜେଡି ନେତା ତଥା ସ୍ୱର୍ଗତ ନେତା ଅରୁଣ ଦେ ଙ୍କ ସହକର୍ମୀ ବଂଶୀଧର ପଣ୍ଡା ଙ୍କ ବିୟୋଗ ରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶୋକ ସଭାରେ ରଞ୍ଜନ ବାଗ ଅଧ୍ୟକ୍ଷତା କରି ସ୍ୱର୍ଗତ ପଣ୍ଡାଙ୍କର ଅରୁଣ ଦେ ଙ୍କ ସହ ଥିବା ଦୀର୍ଘ ଦିନର ରାଜନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ର ପୂର୍ବତନ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ଯୋଗ ଦେଇ ସ୍ୱର୍ଗତ ପଣ୍ଡା ଅସହାୟ ଲୋକଙ୍କ ମୁହଁ ରେ ହସ ଫୁଟାଇବା ପାଇଁ ଜୀବନ ତମାମ କାର୍ଯ୍ୟ କରିଥିବା କହିଥିଲେ. ସେଥି ପାଇଁ ସେ ଦଳମତ ନିର୍ବିଶେଷ ରେ ସମସ୍ତଙ୍କ ଆସ୍ଥା ଭାଜନ ହୋଇପାରିଥିଲେ ବୋଲି ଶ୍ରୀ ଦାଶ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମାଧ୍ୟମରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ଅନୁସୂୟା ନାୟକ,ପ୍ରଫେସର ଅଶୋକ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅଜୟ ମହାପାତ୍ର, ଜିଲ୍ଲା ଆୟୁର୍ବେଦ ବିଭାଗର ଅବସରପ୍ରାପ୍ତ ଅଧିକାରୀ ହିମାଂଶୁ ଦାସ ପରିଷଦର ଆଇନ ପରାମର୍ଶଦାତା ଏ ଶ୍ୱର୍ଯ୍ୟ ସେନାପତି, ଛାତ୍ର ନେତା ବିଭୁଦତ୍ତ ପରିଡା, ବିକାଶ ବେହେରା, ହୃଷିକେଶ ବେହେରା,ସୌଭାଗ୍ୟ ଖୁଣ୍ଟିଆ,ବିନୋଦ ଜୀ, ଅଭିଜିତ ଦାସ, ସାମ୍ବାଦିକ ସପନ ବିଶ୍ୱାଳ, ଗୋବିନ୍ଦ ରାଠି, ଭୋଳାନାଥ ବେହେରା, ଆଇନଜୀବୀ ଦୀପକ ଦାସ,ଦେବେନ୍ଦ୍ର ଦାସ, ଜୟନ୍ତ କୁମାର ମହାପାତ୍ର ଏବଂ ବୀରେନ୍ଦ୍ର ଦାସ ପ୍ରମୁଖ ଶୋକ ସଭାରେ ଯୋଗ ଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ତେଜସ ଏକ୍ସପ୍ରେସ୍‌ରେ ନିଆଁ : ଦେଢ଼ ଘଣ୍ଟା ବିଳମ୍ବରେ ଛାଡ଼ିଲା ଟ୍ରେନ୍

ବାଲେଶ୍ୱର, (ସବ୍ୟୁ): ରେଳ ବିଭାଗରେ ପଡ଼ିଛି ଶନିଦଶା। ଭୁଲ ସିଗ୍ନାଲରୁ ବାହାନଗା ଭଳି ଟ୍ରେନ୍ ଦୁର୍ଘଟଣା ପରେ ଏକ ବର୍ଷ ଭିତରେ ବାରମ୍ବାର କୋଇଲା ବୋଝେଇ ଟ୍ରେନରେ ନିଆଁ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା, ରୂପସା ଓ ଅମର୍ଦ୍ଦାରୋଡ ଷ୍ଟେସନରେ ଘଟିଥିବା ଦେଖିବାକୁ ମିଳିଛି। ବୁଧବାର ଦିନ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯାଉଥିବା ଟ୍ରେନ୍ ନମ୍ବର ୨୨୮୧୧ "ତେଜସ୍ ଏକ୍ସପ୍ରେସ୍' ନିଆଁ ଲାଗିବା ଭଳି ଘଟଣା ଦେଖିବାକୁ ମିଳିଛି। ଯେଉଁଥି ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ରେଳ ଷ୍ଟେସନରେ ଏହି ଟ୍ରେନ ଦୀର୍ଘ ଦେଢ଼ ଘଣ୍ଟା ଅଟକି ଥିବା ଦେଖିବାକୁ ମିଳିଛି। ଟ୍ରେନଟି ଦୁଇଟା ଚାରି ମିନିଟ ବେଳେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଫଳରେ ଟ୍ରେନ ଲାଇନ ପାଖରେ ଥିବା କୌଣସି ବ୍ୟକ୍ତିଙ୍କ ନଡ଼ିଆ ଗଛରୁ ନଡ଼ିଆ ବାହୁଙ୍ଗା ଖସି ଟ୍ରେନ ଇଞ୍ଜିନ ଉପରେ ପଡ଼ିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତି ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗି ଥିଲା। ସୂଚନା ଅନୁସାରେ ବୁଧବାର ଦିନ ଭୁବନେଶ୍ୱରରୁ ଏହି ଟ୍ରେନ୍ ସକାଳ ୧୦ ଟା୩୬ ମିନିଟରେ ଛାଡ଼ି ନୂଆଦିଲ୍ଲୀ ଅଭିମୁଖେ ବାହାରିଥିବା ବେଳେ ବାଲେଶ୍ୱର ଷ୍ଟେସନରେ ମଧ୍ୟାହ୍ନ ୧ଟା ୩୬ ପହଞ୍ଚି ୧ଟା ୩୭ ସମୟରେ ଆଗକୁ ବଢ଼ିଥିଲା। ଟ୍ରେନଟି ୨ଟା ୪ ମିନିଟ ବେଳେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଫଳରେ ଟ୍ରେନ ଲାଇନ ପାଖରେ ଥିବା କୌଣସି ବ୍ୟକ୍ତିଙ୍କ ନଡ଼ିଆ ଗଛରୁ ନଡିଆ ବାହୁଙ୍ଗା ଖସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗି ଥିଲା। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଟ୍ରେନ ଲୋକ ପାଇଲଟ ବସ୍ତା ଷ୍ଟେସନରେ ୨ଟା ୪ମିନିଟ ବେଳେ ଅଟକାଇ ଥିଲେ। ଏଣେ ଟ୍ରେନରେ ନିଆଁ ଲାଗିଥିବା ଖବର ଜାଣିବାକୁ ପାଇଁ ଯାତ୍ରୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବା ବେଳେ ରେଳ ବିଭାଗ ପକ୍ଷରୁ ଏମିତି ବଡ଼ ଘଟଣା ହୋଇ ନଥିବା ଓ ସାମାନ୍ୟ ଯାଞ୍ଚ ପରେ ଟ୍ରେନ ପୁଣି ଛାଡ଼ିବ ଘୋଷଣା କରାଯାଇଥିଲା। ନିଆଁରେ ଜଳିଯାଇଥିବା ନଡ଼ିଆ ବାହୁଙ୍ଗା ସଫା କରିବା ପାଇଁ ରୂପସା ଷ୍ଟେସନ ଟାଓ୍ୱାର ଗାଡ଼ି ଡକାଇ ଟ୍ରେନ ଇଞ୍ଜିନରେ ଥିବା ନଡ଼ିଆ ବାହୁଙ୍ଗାକୁ ସଫା ସହିତ ଟ୍ରେନ ସମସ୍ତ ସୁରକ୍ଷାଯାଞ୍ଚ କରାଯାଇଥିଲା। ପରେ ଟ୍ରେନଟି ୧ଘଣ୍ଟା ୩୬ମିନିଟ ଡ଼େରିରେ ଯଥା ୩ ଘଣ୍ଟା ୪୦ ମିନିଟରେ ପୁଣି ବସ୍ତା ଷ୍ଟେସନ୍ ଛାଡିଥିବା ଦେଖିବାକୁ ମିଳିଥିଲା।

# ନିଶା ନିବାରଣ ସଚେତନତା ରଥର ଜିଲ୍ଲା ପରିକ୍ରମା

କେନ୍ଦୁଝର,(ସବ୍ୟୁ) : ମଙ୍ଗଳବାର କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଏକ ନିଶା ନିବାରଣ ସଚେତନତା ରଥକୁ ଜିଲ୍ଲା ପରିକ୍ରମା ପୂର୍ବକ ଜନସାଧାରଣଙ୍କୁ ସଚେତନତା କରିବା ଲକ୍ଷ୍ୟରେ ଶୁଭାରମ୍ଭ କରାଯାଇଛି। ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ନିତ୍ୟାନନ୍ଦ ଗଣ୍ଡ ସଚେତନତା ରଥକୁ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥଲେ। ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଜିଲ୍ଲା ଅବକାରୀ ଅଧିକ୍ଷକ ଦିବ୍ୟରଞ୍ଜନ ଦୀପ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ନିଶାର କୁପରିଣାମ ଉପରେ ସଚେତନତା କରାଇବ।

**PARADIP PORT AUTHORITY**
**E-TENDER CALL NOTICE**
**No. EM/MCHP/Tender-01/25/192**
**Date: 30.05.2025**
Name of the work "Design, Fabrication, Supply, Erection and Commissioning of one no. of Stacker of 4000 TPH Capacity". Estimated cost: **Rs.55,10,00,000/-**. Last date & time of submission of bid: **Dt.07.07.2025 up-to 17:15 Hrs.** Refer our website for details https://eprocure.gov.in/eprocure/app.
**Sd/- Executive Engineer (M), MCHP, Paradip Port Authority**
PPA/PR/13/2025-2026 dtd.02.06.2025

**OFFICE OF THE PANCHAYAT SAMITI, JEYPORE**
**DISTRICT-KORAPUT**
i-138
Letter No. 1662/2025 Dated. 31.06.2025
**E-TENDER CALL NOTICE**
Seal tenders are invited from Registered Contractor from State PWD/M.I/ Irrigation/Rural works for execution of Building etc.The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http://www.koraput.inc.in
The date and time of apply & receive of Tender paper is from date. 04.06.2025 to 18.06.2025 up to 17.30 Hrs through in the **www.tendersorissa.gov.in** website only.
Tender will be opened on 19.06.2025 at 11.00 Hrs onwards in the Office of the Panchayat Samiti, Jeypore, Dist-Koraput
**Sd/- Block Development Officer, Jeypore**

**ପୂର୍ବ ତଟ ରେଳପଥ**
ଟେଣ୍ଡର ନଂ.MCSW-Scrap-Dis-25-26-06
କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଗୃହିତ ସ୍କ୍ରାପ୍ ମୂଲ୍ୟ/ଉନ୍ନତ କମ୍ ଅପରିଶ୍ରିତ ନିଷ୍କାସନ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): **21,95,826/-**, EMD (ଟଙ୍କାରେ): **43,900/-**, ଶେଷ ହେବା ଅବଧି: **06 ମାସ**।
ବିଡ୍ ଆରମ୍ଭ ହେବା ତାରିଖ: ତା.**14.06.2025**ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.**28.06.2025**ରିଖ **1200** ଘଣ୍ଟାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଗୁଡ଼ିକ ପ୍ରାପ୍ତ ହେଲେ କୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ତଥ୍ୟରୁ **www.ireps.gov.in** ରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II)/ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-196/Q/25-26

**FACULTY RECRUITMENT**
**BALASORE COLLEGE OF ENGINEERING AND TECHNOLOGY**
[Approved by AICTE, New Delhi and Affiliated to BPUT, Odisha.]
SERGARH, BALASORE - 756060, ODISHA.
**FACULTY POSITION :** Professor(s) and Associate Professor(s) Assistant Professor (s) are required for Computer Science & Engineering, Civil Engineering, Mechanical Engineering, Electrical Engineering, Electronics & Communication Engineering,MBA & MCA.
**Qualifications & Experience as per AICTE Norms (for all faculty positions):** Ph.D with excellent Academic and Research record throughout from a premier University/ Institute. Retired Professors are highly preferred.
**Salary :** As per the AICTE Norms or negotiable.
**Call us +91 9437533328 , Share your resume/ Bio-data on :** https://bcetodisha.ac.in/career.html Email :principal@bcetodisha.ac.in
**Sd/- Principal**

**AFFIDAVIT**
I, Nilakanth Nanda, S/o- Late Anant Nanda, resident of At- Deogan, Po- Kapilash, Ps- Gondia, Dist- Dhenkanal-759016, Odisha, declare by this affidavit No. 6142, Dated- 02.06.2025, that now onwards I shall be known as **NILAKANTHA NANDA** for all future purposes.

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
**OFFICE OF THE DIVISIONAL FOREST OFFICER CUM WILDLIFE WARDEN**
**ROURKELA FOREST DIVISION, ROURKELA, SUNDARGARH, ODISHA**
MM-70
Phone no. 0661-2664637, Fax .No. 0661-2664639, e mail- dro.rourkela@odisha.gov.in
No. 124 / Dated. 31.05.2025
Rourkela Forest Division is inviting for procurement of planting inputs for taking up plantation work in Rourkela Forest Division during 2025-26 financial year. The tenders having eligibility criteria are required to apply.
For details & Tender documents, please visit the following website : **www.odishaforest.in / www.dforourkela.in.**

| Sl. No. | Activity Description | Date and Time |
|---|---|---|
| 1 | Supply of Tender document start from | 02.06.2025 07:30 A.M. onwards to 10.06.2025 02:00 PM |
| 2 | Last Date for Submission of Bids | 11.06.2025 till 10.00 AM |
| 3 | The date for Opening of Technical Bids | 11.06.2025 at 11.00 AM |
| 4 | The date for Opening of Financial Bids | 11.06.2025 at 03:00 PM. |

**Sd/- Divisional Forest Officer**
**Rourkela Forest Division**

**DISTRICT PLANNING & MONITORING UNIT, NUAPADA**
**(STATISTICS WING)**
05-X
**Advertisement for the temporary engagement of Local Youth**
The Deputy Director (P&S), DPMU (Statistics Wing) Nuapada invites applications for the temporary engagement of Enumerators to conduct the Minor Irrigation Census and Census of Water Bodies in Nuapada district.
**Eligibility** : 10+2 or equivalent, Basic knowledge of English & Odia.
**Age** : 18 - 45 Years
**Responsibilities** : Field data collection, verification and reporting.
**Remuneration** : As per the Government norms.
**No. of Enumerators required** : Approximately 13 nos (may vary)
Application : The Application in prescribed format attached with photo copies of self attested certificate and photo should be dropped in the box by 13th June 2025 time 1 PM placed in District Planning & Monitoring Unit (Statistics Wing) Nuapada or sent via Regd. Post/Speed post to Deputy Director (P&S). District Planning and Monitoring Unit (Statistics Wing) Nuapada, Pin-766105.
Details advertisement & application form can be downloaded from **https://nuapada.odisha.gov.in**
**Sd/- Deputy Director (P&S), DPMU Nuapada**

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188
Mail id : aulembankment@gmail.com
A-249
**'e' Procurement Notice No. AED-04 OF 2025-26**
1. No of the work : 14 no. Flood Control & Road works.
2. Tender Cost : Varies from Rs.46,41,339.00 to 84,67,033.00
3. Bid Document Cost : Rs. 6000.00 to 10000.00
4. Bid Security : Varies from Rs. 46,500.00 to 84,700.00
5. Class of Contractor : B Class
6. Period of Completion : Six Calendar Months.
7. Other details are as follows :

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 To AUL 14 of 2024-25 (14 nos. work) | 06.06.2025 10.00 A.M. | 16.06.2025 5.00 P.M. | 17.06.2025 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd. 08.07.2025 at 11.00 A.M.**
Further detail conditions can be seen from the Govt. website **www.tendersodisha.gov.in**
**Sd/- Superintending Engineer**
**Aul Embankment Division, Aul**

## ବର୍ଷା ଋତୁରେ ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ବୈଠକ

# ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରଖିବାକୁ ମୁଖ୍ୟ ସଚିବଙ୍କ ପରାମର୍ଶ




ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ବର୍ଷାଋତୁରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରାମକ ରୋଗ ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ । ଏଥିରେ ସ୍ୱାସ୍ଥ୍ୟବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାରେ ବର୍ଷାଋତୁ ଆଗୁଆ ପ୍ରବେଶ କରିଥିବାରୁ ସମୟ ସମୟରେ ବର୍ଷାଜାରି ରହିଛି । ଯାହାଫଳରେ ମ୍ୟାଲେରିଆ , ଡେଙ୍ଗୁ, ଜଣ୍ଡିସ, ହଇଜା ଆଦି ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି । ସବୁରୋଗକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାପାଇଁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ମହାନଗର ନିଗମ ଏବଂ ରାଜ୍ୟର ଡେଙ୍ଗୁ ପ୍ରବଣ ଅଂଚଳ ଗୁଡିକ ଚିହ୍ନଟ କରି ସେସବୁ ସ୍ଥାନରେ ମଶା ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମ୍ୟାଲେରିଆ ପ୍ରବଣ ଜିଲ୍ଲା ଗୁଡିକରେ ଔଷଧ ସିଞ୍ଚିତ ମଶାରୀ, କୀଟନାଶକ ଅବଶେଷାଂଶ ସ୍ପ୍ରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ବୈଠକରେ ଓଡ଼ିଶାରେ କୋଭିଡ ସ୍ଥିତି ସଂପର୍କରେ ଅନୁଧ୍ୟାନ ଓ ଆଲୋଚନା କରାଯାଇଥିଲା । ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯଦିଓ କୋଭିଡ ସଂଖ୍ୟାସାମାନ୍ୟ ବୃଦ୍ଧି ଘଟିଛି, ଓଡ଼ିଶାରେ କିନ୍ତୁ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି ।

## ଆଜି ବିଶ୍ୱ ପରିବେଶ ଦିବସ

# ଘାତକ ପାଲଟିଛି ମନୁଷ୍ୟକୃତ ଜଙ୍ଗଲ ଅବକ୍ଷୟ

ଖୋର୍ଦ୍ଧା,(ସବ୍ୟୁ): ପ୍ରକୃତି ଆଉ ପରିବେଶ ଓତପ୍ରୋତ ଭାବେ ମାନବ ସମାଜ ସହ ଜଡିତ । ପୃଥିବୀ ପୃଷ୍ଠରେ ଆମେ ବଂଚି ରହିବା ପାଇଁ ଖାଦ୍ୟ ବ୍ୟତୀତ ଏ ଦୁଇଟି ଜିନିଷର ପ୍ରମୁଖ ଆବଶ୍ୟକତା ରହିଛି । ପରିବେଶର ସୁରକ୍ଷା ହେଉଛି ଆମର କର୍ତ୍ତବ୍ୟ । ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସୁସ୍ଥ ପରିବେଶର ନିହାତି ଜରୁରୀ । ଏହା ଆମ ଜୀବନଶୈଳୀ ଉପରେ ସକାରତ୍ମକ ପ୍ରଭାବ ପକାଇଥାଏ । ତେବେ ପରିବେଶର ସୁରକ୍ଷା ଏବଂ ପୃଥିବୀକୁ ସରସ ସୁନ୍ଦର କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୯୭୩ ମସିହା ଠାରୁ ବିଶ୍ୱ ସମୂହରେ ପାଳନ ହେଉଛି ବିଶ୍ୱ ପରିବେଶ ଦିବସ । କିନ୍ତୁ ଦୃତ ସଂଖ୍ୟାରେ ଜନସଂଖ୍ୟା ବୃଦ୍ଧି ଏବଂ ବିକାଶ ନାମରେ ଆମ ପରିବେଶ ଅବକ୍ଷୟ ହେବାରେ ଲାଗିଛି । ପ୍ରଗତି ନାମରେ ପ୍ରାକୃତିକ ସମୂହ ନଷ୍ଟ ହେବାରେ ଲାଗିଛି।କିଛି ବର୍ଷ ହେବ ଜଳବାୟୁରେ ପରିବର୍ତ୍ତନ ଦେଖାଯାଉଥିବାବେଳେ ସୁନ୍ଦର ପୃଥିବୀ ଏବେ ଉତପ୍ତ ପିଣ୍ଡରେ ପରିଣତ ହେବାରେ ଲାଗିଛି। ଜଙ୍ଗଲ ଅବକ୍ଷୟ, ପ୍ରାକୃତିକ ସମ୍ବଳ ନିୟମିତ ବ୍ୟବହାର ଏବଂ କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଜନିତ ପ୍ରଦୁଷଣର କୁପ୍ରଭାବ ସିଧା ସଳଖ ଜନସାଧାରଣଙ୍କ ଉପରେ ପଡୁଛି । ଏପରିକି ବନ୍ୟଜନ୍ତୁଙ୍କ ମଧ୍ୟ ଏଥିରୁ ନିସ୍ତାର ମିଳୁନି।ଜ୍ଞାତସାରରେ କିମ୍ବା ଅଜ୍ଞାତସାରରେ ପରିବେଶ ଯେଉଁ ଭଳି ଭାବେ କ୍ଷତି ଘଟୁଛି ତାହାର ପରିଣାମ ଅତ୍ୟନ୍ତ ଭୟାଭୟ ହେବା ପରିବେଶବିତମାନେ ମତବ୍ୟକ୍ତ କରୁଛନ୍ତି।

ନଦୀ, ହ୍ରଦ, ଝରଣା, ପୋଖରୀ ପ୍ରଭୃତି ସୁଖିଲା ଦେଖାଯାଉଥିବା ବେଳେ ଚାଷୀ ଠାରୁ ସାଧାରଣ ଲୋକ ହଇରାଣ ହରକତ ହେଉଛନ୍ତି । ଜଙ୍ଗଲ ସଫା ହେବା ଫଳରେ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଜନବସତି ହେବା ଏକ ନିୟମିତ ଘଟଣାରେ ପାଲଟିଛି । ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ସେମିତି କିଛି ପରିବର୍ତ୍ତନ ମଧ୍ୟ ଦେଖାଯାଉନି। ପୌରାଂଚଳରୁ ନିର୍ଗତ ହେଉଥିବା ଆବର୍ଜନା ସିଧାସଳଖ ଜଳାଶୟରେ ମିଶିବା ଫଳରେ ଜଳ ଦୂଷିତ ହେବାରେ ଲାଗିଛି । ବିଗତ ଦିନରେ ହୋଇଥିବା ପ୍ରାକୃତିକ ତାଣ୍ଡବ ରେ ବହୁ ସଂଖ୍ୟାରେ ଗଛ ଭାଙ୍ଗିଯାଇଥିଲା। ସେହିପରି ଜାତୀୟ ଓ ରାଜପଥ ସମ୍ପ୍ରସାରଣ କ୍ଷେତ୍ରରେ ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଥିବା ବନବିଭାଗ ତଥ୍ୟ କହୁଛି। କିନ୍ତୁ ବାସ୍ତବରେ ବନବିଭାଗ ତଥ୍ୟକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆଜି ମଧ୍ୟ ବନବିଭାଗ ଜାଣନ୍ତାରେ ମନୁଷ୍ୟକୃତ ଭାବେ କାଠ ମାଫିଆ ଜଙ୍ଗଲ ସଫା କରିବାରେ ଲାଗିଥିବା ଅଭିଯୋଗ ହେଉଛି ।ଯାହା ବିଗତ ଦିନରେ ବାଣପୁର ରୁ ଜବତ ଲକ୍ଷ ଲକ୍ଷ ଟଙ୍କାର ଶାଳକାଠ ଜବତ ଘଟଣା ସ୍ପଷ୍ଟ କରୁଛି । ଗୋଟିଏ ପାର୍ଶ୍ୱରେ ପରିବେଶର ସନ୍ତୁଳତା ରକ୍ଷା କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟକୃତ ଭାବ କାଠ ମାଫିଆ ଜଙ୍ଗଲ ନଷ୍ଟ କ୍ଷେତ୍ରରେ ଘାତକ ସାଜିଥିବାବେଳେ ଅନ୍ୟପକ୍ଷରେ ବାୟୁ ପ୍ରଦୁଷଣ ମାନବ ସମାଜକୁ ମୃତ୍ୟୁକୁ ନିମନ୍ତ୍ରଣ କରିବାରେ ଲାଗିଛି । ମାତ୍ର ପ୍ରଦୁଷଣ ବିଭାଗ ସବୁ ଜାଣି ଅଜଣା ଅଭିୟନ କରୁଥିବା ବେଳେ ସହରର ବିଭିନ୍ନ ସ୍ଥାନରେ କଠିନ ବର୍ଜ୍ୟବସ୍ତୁ ଗଦା ହେବ ଦ୍ୱାରା ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି । ରାସ୍ତା ସମ୍ପ୍ରସାରଣ ଓ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ କଟାଯାଇଥିବା ଗଛର ଅଧିକ କେତେଗୁଣ ଗଛ ଲଗାଇବାକୁ ନିୟମ ଥିବାବେଳେ ଏଦିଗରେ ବନବିଭାଗ ବିଫଳ ହୋଇଛି । ତେବେ ନିୟମ ମୁତାବକ ଶିଳ୍ପାଂଚଳ ଗୁଡ଼ିକ ଚାରା ରୋପଣ କରୁନଥିବା ପରିବେଶବିତମାନେ ପ୍ରକାଶ କରିଛନ୍ତି । ତେଣୁ ବିଶ୍ୱ ପରିବେଶ ଦିବସ ପାଳନ ଏକ ପ୍ରହସନରେ ପରିଣତ ହୋଇଥିବା ସେମାନେ ମତବ୍ୟକ୍ତ କରିଛନ୍ତି ।

## ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ : ୨ ଯୁବକ ଗଲେ ଜେଲ

ଡେଲାଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲାଡେଲାଙ୍ଗ ଥାନା ଅଧିନରେ ଦୁଇ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି । ଦୁଷ୍କର୍ମକୁ ନେଇ ୨ପରିବାର ପକ୍ଷରୁ ଥାନାରେ ଦୁଇଟି ପୃଥକ ପୃଥକ ଲିଖିତ ଅଭିଯୋଗ ହେବା ପରେ ଡେଲାଙ୍ଗ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ନବମ ଶ୍ରେଣୀର ନାବାଳିକା ଛାତ୍ରୀ ପ୍ରତି ଦୁଷ୍କର୍ମ ହୋଇଥିବା ଘଟଣାରେ ତାର ମା ଅଭିଯୋଗ ଦେଇଥିଲେ। ସେହିପରି ଦଶମ ଶ୍ରେଣୀ ପାସ ଛାତ୍ରୀ ସହିତ ହୋଇଥିବା ଦୁଷ୍କର୍ମ ଘଟଣାରେ ଝିଅର ଭାଉଜ ଥାନାରେ ଅଭିଯୋଗ କରିଥିଲେ। ନବମ ଶ୍ରେଣୀର ଛାତ୍ରୀ ପ୍ରତି ହୋଇଥିବା ଦୁଷ୍କର୍ମ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ବଳଙ୍ଗା ଥାନା ଅଂଚଳରୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଡେଲାଙ୍ଗ ଥାନା ଅଂଚଳରୁ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ବିବାହିତ ଯୁବକ ବୋଲି ପୋଲିସ ଠାରୁ ସୁଚନା ମିଳିଛି।ତେବେ ଦୁଇ ମାମଲାରେ ପୋଲିସ ଉଭୟଙ୍କୁ ଡାକ୍ତରୀ ମାଇନା କରିଛି। ଗିରଫ ଅଭିଯୁକ୍ତ ହେଲେ ଦିପୁ ସେନାପତି ଓରଫ ସତ୍ୟବାନ(୩୨) ଓ ଦୀପକ କୁମାର ପ୍ରଧାନ (୩୮) ଉଭୟ ଡେଲାଙ୍ଗ ଥାନା ଅଂଚଳ ର ହୋଇଥିବା ବେଳେ ଜାମିନନାମାଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତ ପଠାଯାଇଥିବା ନେଇ ଡେଲାଙ୍ଗ ପୋଲିସ ଠାରୁ ସୂଚନା ମିଳିଛି।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ବାରଙ୍ଗ ,(ସବ୍ୟୁ) :ବାରଙ୍ଗ ଅଂଚଳରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଚୋରା ଚାଲାଣ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଲଘୁଖଣିଜ ଦ୍ରବ୍ୟର ଚୋରା ଚାଲାଣ ହେବା ଫଳରେ ବହୁ ପରିମାଣରେ ରାଜସ୍ୱ ହାନି ହେଉଛି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏଭଳି ପରିସ୍ଥିତି ହୋଇଥିବାର କୁହାଯାଉଛି।ବୁଧବାର ବଢିଭୋର୍ ସମୟରେ ବେଆଇନ ଭାବେ ବାଲି ଉଠାଉଥିବା ବେଳେ ଲଘୁ ଖଣିଜ ବିଭାଗ ପକ୍ଷରୁ ଦୁଇଟି ଟ୍ରାକ୍ଟରକୁ ଜବତ କରାଯାଇଛି। ବୁଧବାର ବଢିଭୋର ସମୟରେ ବେଲଗଛିଆ ପଂଚାୟତ କାର୍ଯ୍ୟାଳୟର କିଛି ଦୂରରୁ କୁଆଖାଇ ନଦୀପଠାରୁ ବେଆଇନଭାବେ ବାଲି ଉଠାଯାଇ ଅନ୍ୟତ୍ର ଚାଲାଣପାଇଁ ଉଦ୍ୟମ ହେଉଥିଲା। ଏହି ଖବରପାଇ ଲଘୁଖଣିଜ ବିଭାଗର ଅଧିକାରୀ ସତ୍ୟପ୍ରିୟ ଶକ୍ତି ପ୍ରସାଦ ସାହୁ, ଚନ୍ଦନ ସାହୁଙ୍କ ସହିତ ବାରଙ୍ଗ ଥାନା ପୁଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ପୁଲିସକୁ ଦେଖି ନଦୀ ପଠାରେ ଥିବା ଟ୍ରାକ୍ଟର ଚାଳକ ଓ ତାର ସହଯୋଗୀମାନେ ଟ୍ରାକ୍ଟର ଛାଡ଼ି ଫେରାର ହୋଇଯାଇଥିଲେ। ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ କରିଥିବା ୨ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ସୂଚନାଯୋଗ୍ୟଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଗୋଡିସାହି ଫାଣ୍ଡି ପୁଲିସ ରାମଦାସ ପୁର ଇଡକୋ ଶିଳ୍ପାଞ୍ଚଳ ଭିତରୁ ବେଆଇନ ଭାବେ ଚୋରା ମୋରମ ଚାଲାଣ ହେଉଥିବା ୨ଟି ଗାଡ଼ି ଓ ଏକ ମେସିନକୁ ଜବତ କରିଛି।

## କିସ୍‌ରେ କ୍ୟାଡେଟ୍‌ମାନଙ୍କର ବାର୍ଷିକ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର (ସବ୍ୟୁ): ମେ ମାସ ୨୮ତାରିଖରୁ କିସ୍‌ରେ ଚାଲିଥିବା ୱାନ୍ ଓଡ଼ିଶା ଗ୍ୟାର୍ଲସ ବାଟାଲିୟନର ୫୦୫ଜଣ କ୍ୟାଡେଟ୍‌ଙ୍କୁ ନେଇ ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ୬ ଜୁନ୍ ପର୍ଯ୍ୟନ୍ତ ଚାଲିବ । ପ୍ୟାରେଡ୍, ରାଇଫଲ ଟ୍ରେନିଂ, ମ୍ୟାପ୍ ରିଡିଂ, ନୃତ୍ୟ ଗୀତ, ପୋଷ୍ଟର ମେକିଂ ଆଦି ବିଭିନ୍ନ ବିଷୟରେ ଏଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ୨ତାରିଖରେ ଏଡ୍ସ ସଚେତନତା ଓ ଶିକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା ।



ଏଥିରେ ଏମ୍ସ ଭୁବନେଶ୍ୱରର ଡାକ୍ତର ଅନୁରୂପ୍ ଗୌରଭ ମହାନ୍ତି ଯୋଗ ଦେଇ କ୍ୟାଡେଟ୍‌ମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ ।

## ଶୁଭେନ୍ଦୁ ମହାନ୍ତି କଂଗ୍ରେସ ସେବା ଦଳ ଅଧ୍ୟକ୍ଷ



ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ କଂଗ୍ରେସ ନେତା ଶୁଭେନ୍ଦୁ ମହାନ୍ତିଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବା ଦଳର ରାଜ୍ୟ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଏ ସଂପର୍କରେ ଦିଆଯାଇଥିବା ପ୍ରସ୍ତାବକୁ କଂଗ୍ରେସ ସଭାପତି ସ୍ୱୀକୃତି ଦେଇଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ।

## ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ୨୨ଜଣ ସଫଳ ଓଡିଆ ମହିଳାଙ୍କୁ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ପ୍ରଥମ ଥର ଓଡିଶାର ବିଭିନ୍ନ ବୃତ୍ତିରେ ଶିଖରରେ ପହଂଚିଥିବା ୨୨ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଛି । ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଭାରତର ବରିଷ୍ଠ ପୂର୍ବତନ ମନ୍ତ୍ରୀ, ସାଂସଦ, ସୁଲେଖିକା ଓ ସମାଜସେବୀ ଶ୍ରୀମତୀ ମେନକା ଗାନ୍ଧୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହି ସମସ୍ତ ମହିଳାଙ୍କୁ ସମ୍ମାନିତ କରିଥିଲେ । ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ଏବଂ ତାଙ୍କ ସହଧର୍ମିଣୀ ରୋଟାରିଆନ ଇତୁନ୍ ମହାପାତ୍ର ଏହି ସଭାର ଆୟୋଜନ କରିଥିଲେ । ରୋଟାରିଆନ୍ କର୍ଣ୍ଣେଲ ସୋନାଲି ରଥ ଓ ରୋଟାରିଆନ ଆକାଂକ୍ଷା ମହାପାତ୍ର ଅନ୍ୟ ରୋଟାରିଆନମାନଙ୍କ ସହାୟତାରେ ଦକ୍ଷତାର ସହ ମଞ୍ଚ ପରିଚାଳନା କରିଥିଲେ । ରୋଟାରିଆନ ମେଜର ଡଃ ସୁମିତ୍ରା ମିଶ୍ର ଏହି କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରୂପେ ଓ ରୋଟାରିଆନ ସସ୍ମିତା ଦାଶ ସହ ଚେୟାରମ୍ୟାନ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ।

ସଫଳତାର ଶିଖରରେ ପହଞ୍ଚିଥିବା ୨୨ଜଣ ମହୀୟସୀ, ଯଶସ୍ୱୀ ମହିଳାଙ୍କୁ ଶ୍ରୀମତୀ ମେନକା ଗାନ୍ଧୀ ରୋଟାରୀ ଉତ୍ତରୀୟ, ମାନପତ୍ର ସହ ମେମେଣ୍ଟୋ ପ୍ରଦାନ କରି ଆଗକୁ ଆହୁରି ଭଲ କାମ କରିବା ପାଇଁ ଉଦବୋଧନ ଦେଇଥିଲେ । ନିଜ ଭାଷଣରେ ଶ୍ରୀମତୀ ଗାନ୍ଧୀ ନିଜ ଜୀବନର ଉଦାହରଣ ଦେଇ ନାରୀମାନେ ପ୍ରତି ପଦକ୍ଷେପରେ ସମ୍ମୁଖୀନ ହେଉଥିବା ବାଧା




ବିଷୟ କହିଥଲେ, ମାତ୍ର ସମସ୍ତ ବାଧାକୁ ଅତିକ୍ରମ କରି ନିଜର ସ୍ୱପ୍ନ ସାକାର କରିଥିବା ଏହି ଯଶସ୍ୱୀ ମହିଳାଙ୍କ ପଦାଙ୍କ ଅନୁସରଣ କରିପାରିଲେ ଆମ ଦେଶ ନିଶ୍ଚୟ ବିକଶିତ ଭାରତ ହୋଇ ପାରିବ ବୋଲି ସେ ଦୃଢ ମତ ରଖିଥିଲେ । ନିଜ ଭାଷଣରେ ସେ ନିଜ ମାତାଙ୍କ ପ୍ରତି ଶ୍ରଦ୍ଧାଂଜଳି ଦେବା ସହ ସବୁ ମାତାମାନେ ଦେଶର ଭବିଷ୍ୟତ ଗଢିବାର ଦାୟିତ୍ୱ ନିଅନ୍ତୁ ବୋଲି ମତ ପୋଷଣ କରିଥିଲେ । ନାରୀ ପୁରୁଷ ସମସ୍ତେ ମଣିଷ ସହ ମୁକ ପଶୁପକ୍ଷୀଙ୍କ ପ୍ରତି ଦୟା ଭାବକୁ ଶ୍ରେଷ୍ଠ ଭୂଷଣ ରୂପେ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ସଭା ଶେଷଭାଗରେ କାର୍ଯ୍ୟକ୍ରମରେ ସହଭାଗୀତା କରିଥିବା ଓ ପରିଚାଳନା କରିଥିବା ସମସ୍ତ ରୋଟାରିଆନମାନଂକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ସଭାରେ ୩୦୦ ରୁ ଅଧିକ ରୋଟାରିଆନ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀମତୀ ମେନକା ଗାନ୍ଧୀ ପିପୁଲ ଫର ଆନିମେଲସ୍ ସଂସ୍ଥାର ଭୁବନେଶ୍ୱର ସ୍ଥିତ ଶାଖାରେ ପଶୁମାନଙ୍କ ପାଇଁ ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ନିର୍ମିତ ଏକ ଚିକିତ୍ସା ଗୃହକୁ ଫିତାକାଟି ଉନ୍ମୋଚିତ କରିଥିଲେ ଏବଂ ଏହି ସଂସ୍ଥାର ସଦସ୍ୟ ପଶୁପକ୍ଷିଙ୍କ ଆଶୁ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଓ ଜ୍ଞାନ ଦେଇଥିଲେ ।

## ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ରୋଗୀଙ୍କ ମୃତ୍ୟୁ ଘଟଣା

# ରାଜ୍ୟର ସ୍ୱାସ୍ଥ୍ୟବ୍ୟବସ୍ଥା ଉଦ୍‌ବେଗଜନକ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ଜଣ ରୋଗୀଙ୍କ ଗୋଟିଏ ଦିନରେ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍ବେଗଜନକ ବୋଲି ବିଜେଡି ଅଭିଯୋଗ କରିଛି । ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକ୍କା ଓ ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରମୁଖ ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁଁ ଆଇସିୟୁରେ ୫ଜଣ ଓ ୱାର୍ଡରେ ଜଣେ ରୋଗୀ ଅକାଳ ମୃତ୍ୟୁବରଣ କରିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି । ପୂର୍ବରୁ ଅଭିଭକ୍ତ କୋରାପୁଟ ଜିଲ୍ଲାର ଲୋକମାନେ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ର ମୁହାଁ ହେଉଥିଲେ । ଏହାକୁ ଅନୁଭବ କରି ଦୂରଦୃଷ୍ଟିସଂପର୍ଣ୍ଣ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ।

**ନିରପେକ୍ଷ ତଦନ୍ତ କରି ଶ୍ୱେତପତ୍ର ପ୍ରକାଶ କରନ୍ତୁ ସରକାର**

**ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ**

ବର୍ତ୍ତମାନର ସରକାର ଏକ ବର୍ଷ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ୍ୟ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ର ପଦାରେ ପକାଇଛି ।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଏହି ସମ୍ବେଦନଶୀଳ ଘଟଣା ରୋଗୀ ଓ ତାଙ୍କ ସଂପର୍କୀୟମାନଙ୍କୁ ନିରାଶ କରିବା ସହ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତୁରନ୍ତ ସରକାର ଏ ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ସେହିପରି କୋରାପୁଟ ଜିଲ୍ଲା ବିଜେଡି ସଭାପତି ଶ୍ରୀ ହିକକ୍କା କହିଥିଲେ ଯେ, ଅତୀତରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ବେଳେ ଆଜି ଏଭଳି ସ୍ଥିତି ପାଇଁ ସରକାରୀ ଅବହେଳା ଦାୟୀ । ପୂର୍ବତନ ବିଧାୟକ ଶ୍ରୀ ପୋଡାଲ କହିଥିଲେ, ଭୁଲ୍ ଚିକିତ୍ସା ପାଇଁ ଦାୟୀ କିଏ, ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନଚେତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଭରଷା ତୁଟି ଯିବ ।

## ନିଶାସକ୍ତ ସ୍ୱାମୀକୁ ଗିରଫ କଲା ପୁଲିସ

# ପତ୍ନୀ ଓ ପୁଅକୁ ହାଣି ଫେରାର ଥିଲା

କଟକ,(ସବ୍ୟୁ)ପୁଅର କଲେଜ ନାମ ଲେଖା ପାଇଁ ଥିବା ଟଙ୍କା ପତ୍ନୀ ନଦେବାରୁ ଘର ଭିତରେ ଜଘନ୍ୟ କାଣ୍ଡ ଘଟିଛି । ନିଶାସକ୍ତ ସ୍ୱାମୀ ଘର ଭିତରେ ବିଳମ୍ବିତ ରାତିରେ ଧାରୁଆ ଅସ୍ତ୍ରରେ ପତ୍ନୀ ଓ ପୁଅଙ୍କୁ ଗୋଡ଼ାଇ ହାଣିଥିଲେ । ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାରେ ମଙ୍ଗଳାବାଗ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀ କେଶରପୁର ମହାନ୍ତି ଲେନର ପ୍ରଶାନ୍ତ ସାହୁ(୫୦)କୁ ଗିରଫ କରାଯାଇଛି । ଘର ଭିତରୁ ପୁଲିସ ଏକ ଧାରୁଆ ଅସ୍ତ୍ର ଜବତ କରିଛି ।

କେଶରପୁର ମହାନ୍ତି ଲେନରେ ପ୍ରଶାନ୍ତ ପତ୍ନୀ କେ ଲଳିତା ଆଚାର୍ଯ୍ୟ ଓ ପୁଅ ପ୍ରଥମ ସାହୁଙ୍କ ସହିତ ରୁହନ୍ତି । ପ୍ରଶାନ୍ତ ବିଭିନ୍ନ କମ୍ପାନି ପାଇଁ ନେଟ ୱ୍ୟାର୍କିଂ କାମ କରୁଥିବା ବେଳେ ପତ୍ନୀ ଟେଲରିଂ କାମ କରୁଥିଲେ । ଉଭୟ ପ୍ରଶାନ୍ତ ଓ ଲଳିତାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା । ପ୍ରଶାନ୍ତ ନିଶାସକ୍ତ ଅବସ୍ଥାରେ ପତ୍ନୀଙ୍କୁ ନିର୍ଯାତନା ଦେଇଆସୁଥିଲେ । ପୂର୍ବରୁ ଏହି ପରିବାର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ରହୁଥିବା ବେଳେ ସେଠାରେ ମଧ୍ୟ ବିବାଦ ସୃଷ୍ଟି ହୋଇଥିଲା । ଏ ନେଇ ପୂର୍ବରୁ ପତ୍ନୀ ଲଳିତା କ୍ୟାଣ୍ଟନମେଣ୍ଟ ଓ ମହିଳା ଥାନାରେ ଅଭିଯୋଗ କରିଥିଲେ । ଏହି ଦମ୍ପତ୍ତିଙ୍କ କଳି ପ୍ରାୟ ୪ଥର ଥାନାକୁ ଯାଇଥିଲା । ପରସ୍ପର ମଧ୍ୟରେ ଯଦିଓ ବୁଝାସୁଝା କରୁଥିଲେ କିନ୍ତୁ ପରବର୍ତ୍ତି ସମୟରେ ପୁଣି ବିବାଦ ହେଉଥିଲା । ୨ ତାରିଖ ଭୋର ପ୍ରାୟ ୪ଟା ବେଳେ ପୁଣି ଥରେ ଏହି ଦମ୍ପତ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ନିକଟରେ ଯୁକ୍ତ ଦୁଇ ସରିଥିବା ପୁଅର ଯୁକ୍ତ ତିନିରେ ନାମ ଲେଖା ପାଇଁ ଲଳିତା ଟଙ୍କା ରଖିଥିଲେ । ଏହି ଟଙ୍କା ନେବାକୁ ପ୍ରଶାନ୍ତ ଅଡ଼ି ବସିଥିଲେ । କିନ୍ତୁ ଲଳିତା ଦେବାକୁ ମନା କରିଦେଇଥିଲେ ଛ ଏହି ଘଟଣାକୁ ନେଇ ପ୍ରଶାନ୍ତ ଓ ଲଳିତାଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା । ତେବେ ନିଶାସକ୍ତ ଅବସ୍ଥାରେ ଥିବା ପ୍ରଶାନ୍ତ ପତ୍ନୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ଜୀବନ ବଞ୍ଚାଇବାକୁ ଯାଇ ଲଳିତା ହାତ ଦେଖାଇ ଦେବାରୁ ତାଙ୍କ ଡାହାଣ ହାତ ବାହୁର ତିନିଟି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ବାପା-ମାଙ୍କ ଏହି କଳି ଭିତରେ ପୁଅର ପଶିଆସିଥିଲା । ପୁଅ ମାକୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶୀକାର ହୋଇଥିଲା । ତା ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା । ଘର ଭିତରେ ନିଶାସକ୍ତ ଅବସ୍ଥାରେ ପ୍ରଶାନ୍ତ ମା-ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ଘର ସାରା ରକ୍ତ ପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ପୁଲିସ ସହାୟତାରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଡାକ୍ତରଖାନାରେ ଚିକିତ୍ସା ପରେ ଲଳିତା ସ୍ୱାମୀଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବେଦାନ୍ତ ଆଲୁମିନିୟମ୍ ଏକ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ । ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ପ୍ରମୁଖ ଶିଳ୍ପ ସଂସ୍ଥା ଭାବେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି । ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସେରେଂଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତ୍ତନ । ଏହି ସହଯୋଗ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୩୫ଏମଡବ୍ଲୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି । ଏହି ପଦକ୍ଷେପ ୨୦୩୦ ସୁଦ୍ଧା ନବୀକରଣ ଶକ୍ତିକୁ ଏହାର ଶକ୍ତି ବ୍ୟବହାରର ୩୦% କରିବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ, ଯାହା ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପଥରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ ।

ଏହାକୁ ପରିପୂରକ କରିବା ହେଉଛି ରଣନୈତିକ ମେଂଟ ଏବଂ ଅଭିନବ ସମାଧାନର ମିଶ୍ରଣ ଯାହା ବ୍ୟାପକ ଶିଳ୍ପର ପରିବର୍ତ୍ତନରେ ସାହାଯ୍ୟ କରୁଛି । ଉଦାହରଣ ସ୍ୱରୂପ, ବେଦାନ୍ତ ଏହାର କାଷ୍ଟହାଉସ୍ କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାକୃତିକ ଗ୍ୟାସ, ଏକ ସ୍ୱଚ୍ଛ ଇନ୍ଧନ ଉତ୍ସ, ଉତ୍ସ କରିବା ପାଇଁ ଗେଲ(ଇଣ୍ଡିଆ) ଲିମିଟେଡ୍ ସହିତ ଏକ ସହଭାଗୀତାରେ ପ୍ରବେଶ କରିଛି । କମ୍ପାନୀ ବାୟୋମାସ ସହ-ଫାୟାରିଂ ମାଧ୍ୟମରେ ନିର୍ଗମନ ହ୍ରାସ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରଗତି କରୁଛି । ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ଏବଂ ଛତିଶଗଡ଼ର ବାଲକୋ ସ୍ମେଲଟରରେ, କମ୍ପାନୀ ସହ-ଫାୟାରିଂ ପ୍ରୟୋଗ ପାଇଁ କୃଷି ଅବଶିଷ୍ଟାଂଶରୁ ତିଆରି ବାୟୋମାସ ବ୍ରିକେଟ ବ୍ୟବହାର କରିବା ଆରମ୍ଭ କରିଛି । କେବଳ ଲାଞ୍ଜିଗଡ଼ରେ, ପ୍ରତିଦିନ ୨୦ ଟନ୍ ବାୟୋମାସ ସହ-ଫାୟାର କରାଯାଏ, ଯାହା ବାର୍ଷିକ ୧୦,୦୦୦ ଟନ୍ ରୁ ଅଧିକ ସିଓ୨ ସମତୁଲ୍ୟ ନିର୍ଗମନ ହ୍ରାସ କରେ । ଏହି ପଦକ୍ଷେପ କେବଳ ପରିବେଶକୁ ସମର୍ଥନ କରେ ନାହିଁ ବରଂ କୃଷି ବର୍ଜ୍ୟବସ୍ତୁ ପାଇଁ ଏକ ବଜାର ସୃଷ୍ଟି କରି ସ୍ଥାନୀୟ ଚାଷୀମାନଙ୍କୁ ଉନ୍ନତ କରିଥାଏ, ପ୍ରଦୂଷଣ ସମସ୍ୟାକୁ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଜୀବିକା ସୁଯୋଗରେ ପରିଣତ କରିଥାଏ । ଏହିପରି ହସ୍ତକ୍ଷେପ ଗୁଡ଼ିକ ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ କମ-କାର୍ବନ ବିକଳ୍ପ ସହିତ ବେଦାନ୍ତର ଶକ୍ତି ପୋର୍ଟଫୋଲିଓକୁ ବିବିଧ କରିବା ପାଇଁ ଡିଜାଇନ୍ କରାଯାଇଛି ।

ଡିକାର୍ବନାଇଜେସନ୍ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଶକ୍ତି ଉତ୍ପାଦନଠାରୁ ପ୍ଲାଣ୍ଟ ଲଜିଷ୍ଟିକ୍ସ ଏବଂ ଗତିଶୀଳତା ପର୍ଯ୍ୟନ୍ତ ବ୍ୟାପ୍ତ ।



ବେଦାନ୍ତ ଆଲୁମିନିୟମ୍ ୨୦୩୦ ସୁଦ୍ଧା ଏହାର ହାଲୁକା ମୋଟର ଯାନବାହନ ଫ୍ଲିଟର ୧୦୦% ଡିକାର୍ବନାଇଜେସନ୍ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହି ପ୍ରୟାସ ଦିଗରେ, ଏହା ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ୍ ପ୍ଲାଂଟରେ ଭାରତର ପ୍ରଥମ ୧୦-ଟନ୍ ବୈଦ୍ୟୁତିକ ଫୋର୍କଲିଫ୍ଟ ପ୍ରଚଳନ କରିଛି, ଏବଂ ବର୍ତ୍ତମାନ ଦେଶର ସର୍ବବୃହତ ବୈଦ୍ୟୁତିକ ଲିଥିୟମ-ଆୟନ ଫୋର୍କଲିଫ୍ଟ ପରିଚାଳନା କରେ, ଯାହା ଏହାର କାର୍ଯ୍ୟରେ ଡିଜେଲ ବ୍ୟବହାର ଏବଂ ନିର୍ଭରତାକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଥାଏ । କର୍ମଚାରୀ ଏବଂ ବାସିନ୍ଦାଙ୍କ ମଧ୍ୟରେ ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଝାରସୁଗୁଡା ଟାଉନସିପରେ ଆରମ୍ଭ ହୋଇଥିବା ଲେଟ୍ସ ଡ୍ରାଇଇଭି ସହିତ ସାମ୍ପ୍ରତିକ ସହଭାଗୀତା ଦ୍ୱାରା ବୈଦ୍ୟୁତିକ ଗତିଶୀଳତାକୁ ପରିବର୍ତ୍ତନ ଆହୁରି ଦୃ ହୋଇଛି । ଏହି ପ୍ରୟାସଗୁଡ଼ିକ ବ୍ୟତୀତ, ବେଦାନ୍ତ ଏହାର ବାଣିଜ୍ୟିକ ଯାନବାହାନ ଫ୍ଲିଟରେ ବାୟୋଡିଜେଲର ବ୍ୟବହାର ଅନୁସନ୍ଧାନ କରୁଛି, ଏହାର ସମ୍ଭାବ୍ୟତା ମୂଲ୍ୟାଙ୍କନ ପାଇଁ ସଫଳ ପାଇଲଟ୍ ରନ ପରିଚାଳନା କରୁଛି, ଏହା କମ୍ପାନୀର ନବସୃଜନ ପ୍ରତି ଖୋଲା ମନୋଭାବର ପ୍ରତିଫଳନ ଏବଂ ଏହାର ଡିକାର୍ବୋନାଇଜେସନ ଲକ୍ଷ୍ୟ ସହିତ ସମନ୍ୱିତ ନୂତନ ସମାଧାନ ଅନୁସନ୍ଧାନ କରୁଛି ।

ବେଦାନ୍ତର ଆଭିମୁଖ୍ୟକୁ ପୃଥକ କରିଥାଏ ତାହା ହେଉଛି ସମ୍ପ୍ରଦାୟ ବିକାଶ ସହିତ ସ୍ଥାୟୀତ୍ୱର ସମନ୍ୱୟ । ବିଶ୍ୱ ପରିବେଶ ଦିବସ ଏବଂ ଅନ୍ତର୍ଜାତୀୟ ଜୈବିକ ବିବିଧତା ଦିବସ ଭଳି ପ୍ରମୁଖ ଅବସରରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ, କମ୍ପାନୀ ପରିବେଶଗତ ସଚେତନତା ଅଭିଯାନ ଏବଂ ଶିକ୍ଷାଗତ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ ସହିତ ଜଡିତ ହୁଏ, ତୃଣମୂଳ ସ୍ତରରୁ ସ୍ଥାୟୀତ୍ୱର ସଂସ୍କୃତିକୁ ପ୍ରୋତ୍ସାହିତ କରେ । ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ ପ୍ରୟାସକୁ ସ୍ୱୀକୃତି ଦିଆଯାଇଛି ଏବଂ ବିଶ୍ୱ ଆଲୁମିନିୟମ କମ୍ପାନୀଗୁଡ଼ିକ ମଧ୍ୟରେ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ରେ କମ୍ପାନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସ୍ଥାୟୀ କାର୍ଯ୍ୟ ପ୍ରଦର୍ଶନ ପାଇଁ ଏହାର ଆଲୁମିନିୟମ ସ୍ମେଲ୍ଟରଗୁଡ଼ିକୁ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ ର କାର୍ଯ୍ୟଦକ୍ଷତା ମାନକ ଦ୍ୱାରା ପ୍ରମାଣିତ କରାଯାଇଛି । ଏହା ସହିତ, ବେଦାନ୍ତ ଆଲୁମିନିୟମର ଉତ୍ପାଦ ପରିସର ସ୍ଥାୟୀ ଭାବରେ ଉତ୍ପାଦିତ ହେବା ପାଇଁ ପରିବେଶଗତ ଉତ୍ପାଦ ଘୋଷଣା (ଇପିଡି) ଲାଭ କରିଛି । ବେଦାନ୍ତ ଆଲୁମିନିୟମର ସ୍ଥାୟୀତ୍ୱ ପ୍ରତି ବହୁମୁଖୀ ଆଭିମୁଖ୍ୟ ହେଉଛି ଶିଳ୍ପ ମହାନ କମ୍ପାନୀଗୁଡ଼ିକ ଜଳବାୟୁ କାର୍ଯ୍ୟରେ କିପରି ନେତୃତ୍ୱ ନେଇପାରିବେ ତାହାର ଏକ ଜବରଦସ୍ତ ଉଦାହରଣଛ ନବୀକରଣୀୟ ଶକ୍ତି, ସ୍ୱଚ୍ଛ ଇନ୍ଧନ, ବୈଦ୍ୟୁତିକ ଗତିଶୀଳତା ଏବଂ ସମ୍ପ୍ରଦାୟ-ଚାଳିତ ପଦକ୍ଷେପ ଭଳି ଅନେକ ପଦକ୍ଷପକୁ ଗ୍ରହଣ କରି, କମ୍ପାନୀ କେବଳ ଏହାର ପରିବେଶଗତ ପ୍ରଭାବକୁ ହ୍ରାସ କରୁନାହିଁ ବରଂ ଭାରତରେ ଦାୟିତ୍ୱପୂର୍ଣ୍ଣ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥାପନ କରୁଛି ।

# ଗୁପ୍ତଚର ଅଭିଯୋଗ: ଆଉ ଜଣେ ୟୁଟ୍ୟୁବର୍ ଗିରଫ

**ନୂଆଦିଲ୍ଲୀ:** ବୁଧବାର ଦିନ ପଞ୍ଜାବ ପୁଲିସ ଆଉ ଜଣେ ୟୁଟ୍ୟୁବର ଜସବୀର ସିଂହଙ୍କୁ ଗିରଫ କରିଛି । ଯିଏକି ଜାନ ମହଲ ଚ୍ୟାନେଲ ଚଳାଉଛନ୍ତି ଏବଂ ତାଙ୍କର ୧.୧ ମିଲିୟନରୁ ଅଧିକ ସବସ୍କ୍ରାଇବର୍ ଅଛନ୍ତି । ରୂପନଗର ଜିଲ୍ଲାର ମହଲାନ ଗ୍ରାମର ବାସିନ୍ଦା ସିଂହଙ୍କୁ ଗୁପ୍ତଚର ସୂଚନା ଆଧାରରେ ମୋହାଲିର ଷ୍ଟେଟ୍ ସ୍ପେଶାଲ୍ ଅପରେସନ୍ସ ସେଲ୍ ଦ୍ୱାରା ହେପାଜତକୁ ନିଆଯାଇଛି । ହରିଆଣାର ଜ୍ୟୋତି ମାଲହୋତ୍ରାଙ୍କ ପରେ ଜସବୀର ସିଂହ ହେଉଛନ୍ତି ଦ୍ୱିତୀୟ ଡିଜିଟାଲ୍ କଣ୍ଟେଣ୍ଟ କ୍ରିଏଟର, ଯିଏକି ଗତ କିଛି ସପ୍ତାହ ମଧ୍ୟରେ ଗିରଫ ହୋଇଛନ୍ତି । ପଞ୍ଜାବ ପୁଲିସ ଅନୁଯାୟୀ, ଜସବୀର ସିଂହ ପାକିସ୍ତାନୀ ଗୁପ୍ତଚର ଅଧିକାରୀ




ଶାକିର ଓରଫ ଜୁଟ୍ ରନ୍ଧାୱାଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିଥିଲେ । ଯିଏକି ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ପାଇଁ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି ।ସିଂହ ଏହସାନ-ଉର-ରହିମ ଓରଫ ଡାନିଶଙ୍କ ସହିତ ମଧ୍ୟ ସମ୍ପର୍କ ବଜାୟ ରଖିଥିଲେ, ଯିଏ ଜଣେ ପାକିସ୍ତାନୀ ନାଗରିକ ଏବଂ ଦିଲ୍ଲୀରେ ପାକିସ୍ତାନ ହାଇକମିସନର ପୂର୍ବତନ ଅଧିକାରୀ ଥିଲେ । ତାଙ୍କୁ ପୂର୍ବରୁ ଗୁପ୍ତଚର ଅଭିଯୋଗରେ ବହିଷ୍କାର କରାଯାଇଥିଲା ।ଅଧିକାରୀମାନେ କହିଛନ୍ତି ଯେ ତାଙ୍କ ଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକର ଫରେନସିକ୍ ବିଶ୍ଳେଷଣରୁ ଅନେକ ପାକିସ୍ତାନ-ଭିତ୍ତିକ ଯୋଗାଯୋଗ ନମ୍ବର ପ୍ରକାଶ ପାଇଛି, ଯାହା ଏବେ ତଦନ୍ତାଧୀନ ରହିଛି ।

# ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ



**ନୂଆଦିଲ୍ଲୀ:** ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଆରମ୍ଭ ହୋଇ ଅଗଷ୍ଟ ୧୨ରେ ଶେଷ ହେବ । ଉଭୟ ଲୋକସଭା ଓ ରାଜ୍ୟସଭାର ଅଧିବେଶନ ଜୁଲାଇ ୨୧ର ପୂର୍ବାହ୍ନ ୧୧ଟାରେ ଆରମ୍ଭ କରାଯିବ । ଅପରେସନ୍ ସିନ୍ଦୂର ପରେ ଏହା ହେବ ପ୍ରଥମ ଅଧିବେଶନ । ତେବେ ବିରୋଧୀ ଦଳଗୁଡିକ ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଆସୁଥିଲେ । ସରକାର ଏହାକୁ ଗ୍ରହଣ କରିନଥିଲେ । ସଂସଦୀୟ ବ୍ୟାପାରର କ୍ୟାବିନେଟ୍ କମିଟି ବୈଠକ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏହି ତାରିଖ ସୁପାରିଶ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁ କହିଛନ୍ତି । ଚଳିତ ବର୍ଷର ଶେଷ ବଜେଟ୍ ଅଧିବେଶନ ଜାନୁଆରୀ ୩୧ରେ ଆରମ୍ଭ ହୋଇଥିଲା ଓ ଏପ୍ରିଲ ୪ରେ ଉଭୟେ ଲୋକସଭା ଓ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ରଖାଯାଇଥିଲା ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ

**ନୂଆଦିଲ୍ଲୀ:** ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହା ଅଭିଯୋଗ ପ୍ରସ୍ତାବ ଆଣିବା ଲାଗି ସରକାର ସବୁ ଦଳର ସହମତି ଯୋଗାଡ ଲାଗି ପ୍ରୟାସ ଜାରି ରଖିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜୁ କହିଛନ୍ତି ଯେ ସୁପ୍ରିମ୍‌କୋର୍ଟର କମିଟି ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହା ଅଭିଯୋଗ ଆଣିବା ଲାଗି ସୁପାରିଶ କରିଥିଲେ । ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ନିଆଁ ଲାଗିଥିବାବେଳେ ବିପୁଳ ଟଙ୍କା ପୋଡିଯାଇଥିବା ଅଭିଯୋଗ ହୋଇଥିଲା । ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିବାକୁ ଥିବା ଏହି ମହା ଅଭିଯୋଗ ପ୍ରସ୍ତାବ ବିଚାର ବିଭାଗୀୟ ବ୍ୟବସ୍ଥାର ଦୁର୍ନୀତି ସମ୍ପର୍କିତ । ଏଥିରେ କୌଣସି ରାଜନୈତିକ ଚିନ୍ତା ନାହିଁଛ କେହି ବି ଏଥିରେ



ପୃଥକ୍ ରାଜନୈତିକ ସ୍ଥିତି ନେବାର ସୁଯୋଗ ନାହିଁଛ ତେଣୁ ଆଶା କରାଯାଉଛି ସବୁ ଦଳଗୁଡିକ ଏକାଠି ହେବେଛ ସମସ୍ତେ ଏକାଠି ହୋଇ ଏ ସମ୍ପର୍କରେ ଆଲୋଚନା କରିବେ ଓ ଏହାପରେ ପଦକ୍ଷେପ ନେବେଛ ସବୁ ଦଳ ମଧ୍ୟରେ ସହମତି ଲାଗି ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତିଛ ତେବେ ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମା ତାଙ୍କ ଘରୁ ନିଆଁ ଲାଗିବାବେଳେ ଟଙ୍କା ପୋଡିଯାଇଥିବା ଘଟଣାକୁ ଅସ୍ୱୀକାର କରିଛନ୍ତିଛ ସୁପ୍ରିମ୍‌କୋର୍ଟ ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରିଥିଲେ ।

# ଟ୍ରମ୍ପ-ପୁଟିନ୍ କଥାବାର୍ତ୍ତା



**ୱାଶିଂଟନ:** ରାଷ୍ଟ୍ରପତି ଟ୍ରମ୍ପ ବୁଧବାର ଦିନ କହିଛନ୍ତି ଯେ ରୁଷୀୟ ବୋମା ବିସ୍ଫୋରଣକାରୀ ବିମାନ ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ପରେ ଏବଂ ୟୁକ୍ରେନରେ ଯୁଦ୍ଧ ବନ୍ଦ ପାଇଁ ସ୍ଥଗିତ ଥିବା ପ୍ରୟାସ ମଧ୍ୟରେ ସେ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଛନ୍ତି । ଏହି କଲ୍ ପ୍ରାୟ ଏକ ଘଣ୍ଟା ୧୫ ମିନିଟ୍ ଧରି ଚାଲିଥିଲା । ଦୁଇ ନେତା ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ଏବଂ ଉଭୟ ପକ୍ଷ ଦ୍ୱାରା ହେଉଥିବା ବିଭିନ୍ନ ଆକ୍ରମଣ ବିଷୟରେ ଆଲୋଚନା କରିଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଏହା ଏକ ଭଲ ଆଲୋଚନା ଥିଲା, କିନ୍ତୁ ଏପରି ଏକ ଆଲୋଚନା ନୁହେଁ ଯାହା ତୁରନ୍ତ ଶାନ୍ତି ଆଡକୁ ନେଇଯିବ । ରାଷ୍ଟ୍ରପତି ପୁଟିନ କହିଥିଲେ, ତାଙ୍କ ଏୟାରଫିଲ୍ଡ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର ଜବାବ ଦେବାକୁ ପଡିବ । ଟ୍ରମ୍ପଙ୍କ କହିବା ଅନୁଯାୟୀ, ଇରାନ ସହିତ ପରମାଣୁ ଚୁକ୍ତିରେ ପହଞ୍ଚିବା ପାଇଁ ତାଙ୍କ ଟ୍ରମ୍ପ ପ୍ରଶାସନ ଦ୍ୱାରା ଚାଲିଥିବା ପ୍ରୟାସ ବିଷୟରେ ମଧ୍ୟ ଦୁଇ ନେତା ଆଲୋଚନା କରିଛନ୍ତି । ରାଷ୍ଟ୍ରପତି ପୁଟିନ ପରାମର୍ଶ ଦେଇଛନ୍ତି ଯେ ସେ ଇରାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ ଏବଂ ସେ ହୁଏତ ଏହାକୁ ଏକ ଦ୍ରୁତ ନିଷ୍କର୍ଷରେ ପହଞ୍ଚାଇବାରେ ସହାୟକ ହୋଇପାରିବେ, ଟ୍ରମ୍ପ ପୋଷ୍ଟ କରିଛନ୍ତିଛ ମୋର ମତ ହେଉଛି ଯେ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କର ନିଷ୍ପତ୍ତିକୁ ଧୀର କରିଚାଲିଛି, ଏବଂ ଆମକୁ ବହୁତ କମ ସମୟ ମଧ୍ୟରେ ଏକ ନିଶ୍ଚିତ ଉତ୍ତର ଆବଶ୍ୟକ ହେବ ।

# ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନଙ୍କୁ ସମନ

**ନୂଆଦିଲ୍ଲୀ:** ଆପ ନେତା ତଥା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ମନୀଷ ସିସୋଦିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ ଜାରି ହୋଇଛି । ୨୦୦୦ କୋଟି ଟଙ୍କାର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଦୁର୍ନୀତି ନିବାରଣ ବ୍ୟୁରୋ ଆଏହି ଦୁଇ ଶୀର୍ଷ ନେତାଙ୍କୁ ସମନ କରିଛି । ଜୈନଙ୍କୁ ଜୁନ୍ ୬ ତାରିଖରେ ସମନ କରାଯାଇଛି, ଯେତେବେଳେ ସିସୋଦିଆଙ୍କୁ ଜୁନ୍ ୯ ତାରିଖରେ ଦିଲ୍ଲୀର ବ୍ୟୁରୋ କାର୍ଯ୍ୟାଳୟକୁ ଯିବାକୁ କୁହାଯାଇଛ ।ଦୁର୍ନୀତି ନିବାରଣ ବ୍ୟୁରୋ ଏପ୍ରିଲ ୩୦ ତାରିଖରେ ଏହି ମାମଲାରେ ଦୁଇ ନେତାଙ୍କ ବିରୋଧରେ ଏକ ଏଫ୍ଆଇଆର୍ ଦାୟର କରିଥିଲା । ଯେଉଁଥିରେ ଅଭିଯୋଗ ହୋଇଥିଲା ଯେ ଦିଲ୍ଲୀରେ ପୂର୍ବ ଆପ ସରକାରଙ୍କ ଅଧୀନରେ ୧୨,୭୪୮ଟି ଶ୍ରେଣୀଗୃହ ଏବଂ କୋଠା ନିର୍ମାଣ ଅତ୍ୟନ୍ତ ଚଢ଼ା ମୂଲ୍ୟରେ କରାଯାଇଥିଲାଛ ଆପ ଶାସନରେ ସିସୋଦିଆ ଶିକ୍ଷା ମନ୍ତ୍ରୀ ଥିଲେ ଯେତେବେଳେ କି ଜୈନ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ ପୋର୍ଟଫୋଲିଓ ରଖିଥିଲେ । ଏଫଆଇଆର ଦାଖଲ କରିବା ସମୟରେ ଦୁର୍ନୀତି ନିବାରଣ ପ୍ୟାନେଲ କହିଛି ଯେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରଚୁର ଅର୍ଥ ବ୍ୟୟ ହୋଇଥିବା ବେଳେ ଗୋଟିଏ ବି କାର୍ଯ୍ୟ ସମାପ୍ତ ହୋଇନଥିଲାଛ ପରାମର୍ଶଦାତା ଏବଂ ସ୍ଥପତିଙ୍କୁ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ନିଯୁକ୍ତ କରାଯାଇଥିଲା ।

# ହମାସ ନେତାଙ୍କୁ ହତ୍ୟା କରିବାକୁ ମୋସାଦର ଯୋଜନା

**ଜେରୁଜେଲମ:** ଇସ୍ରାଏଲ ଏବେ ଗାଜା ଏବଂ ବିଦେଶରେ ଥିବା ଅବଶିଷ୍ଟ ହମାସ ନେତାମାନଙ୍କୁ ନିପାତ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି । ଇସ୍ରାଏଲର ଟାର୍ଗେଟ ଏବେ ଅଲ-କାସାମ ବ୍ରିଗେଡର ଗାଜା ବ୍ରିଗେଡର କମାଣ୍ଡର ଇଜ୍ ଅଲ୍-ଦିନ୍ ଅଲ୍-ହଦ୍ଦାଦ୍ ଉପରେ ରହିଛ । ତାଙ୍କୁ ହତ୍ୟା ପାଇଁ ଇସ୍ରାଏଲ ଗାଜାରେ ନରସଂହାର ଯୁଦ୍ଧ ଆରମ୍ଭ କରିବା ପରଠାରୁ ଅନେକ ଥର ଚେଷ୍ଟା କରିଛି । ଏହା ସହିତ ଲେବାନନରେ ହମାସର ନେତୃତ୍ୱ ନେଉଥିବା ଏବଂ ହମାସର ରାଜନୈତିକ ବ୍ୟୁରୋର ଅଂଶ ଥିବା ଓସାମା ହମଦାନ ମଧ୍ୟ ଇସ୍ରାଏଲର ଟାର୍ଗେଟରେ ଅଛନ୍ତି ।

ଓସାମା ବର୍ତ୍ତମାନ ଅଧିକାଂଶ ସମୟ କାତାରରେ ବିତାଉଛନ୍ତି ଏବଂ ଶାନ୍ତି ଆଲୋଚନାରେ ହମାସ ପ୍ରତିନିଧିମଣ୍ଡଳର ସେ ଅଂଶବିଶେଷ । ଇସ୍ରାଏଲ ଓସାମାଙ୍କୁ ନିଜର ବଡ଼ ଶତ୍ରୁ ଭାବେ ବିବେଚନା କରୁଛ । ପୂର୍ବରୁ ଇସ୍ରାଏଲ ଇସମାଇଲ ହାନିୟେଙ୍କୁ



ହତ୍ୟା କରି ପ୍ରମାଣ କରିଛି ଯେ, ଶାନ୍ତି ଆଲୋଚନା କରୁଥିବା ନେତାମାନଙ୍କୁ ମଧ୍ୟ ଟାର୍ଗେଟ କରାଯାଇ ପାରିବ । ଗାଜାରେ ଇସ୍ରାଏଲର ଆକ୍ରମଣ ନିରନ୍ତର ଜାରି ରହିଛି ।ମଙ୍ଗଳବାର ଦିନ ଇସ୍ରାଏଲୀ ସୈନିକମାନେ ପୁଣି ଥରେ ସାହାଯ୍ୟ ପାଇଁ ଧାଡ଼ିରେ ଠିଆ ହୋଇଥିବା ଭୋକିଲା ପାଲେଷ୍ଟାଇନୀଙ୍କ ଉପରେ ଗୁଳି ଚଳାଇ ୨୭ ଜଣ ସାଧାରଣ ନାଗରିକଙ୍କୁ ହତ୍ୟା କରିଛନ୍ତି ।ଗତ ୨୦ ମାସ ଧରି ଚାଲିଥିବା ଏହି ଯୁଦ୍ଧରେ ଇସ୍ରାଏଲ ୫୫ହଜାରରୁ ଅଧିକ ସାଧାରଣ ନାଗରିକଙ୍କୁ ହତ୍ୟା କରିଛି । ତେବେ ବିଶେଷଜ୍ଞମାନଙ୍କ ଅନୁସାରେ ସାଧାରଣ ଲୋକଙ୍କ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇପାରେ ।

# ରେଳ ଦୁର୍ଘଟଣା ରୋକିବାକୁ କବଚ ସିଷ୍ଟମ କାର୍ଯ୍ୟକାରୀ

**କୋଲକାତା:** ଦକ୍ଷିଣ ପୂର୍ବ ରେଳପଥରେ ଟ୍ରେନ ସେବାର ସୁରକ୍ଷା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୩୨୪.୫୪ କୋଟି ଟଙ୍କାର କବଚ ସିଷ୍ଟମ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରସ୍ତାବ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପର ଲକ୍ଷ୍ୟ ରେଳପଥରେ ସୁରକ୍ଷାର ଏକ ଅତିରିକ୍ତ ସ୍ତର ପ୍ରଦାନ କରିବା । ଦକ୍ଷିଣ-ପୂର୍ବ ରେଳପଥର କବଚ ବାଲାନ୍ସ କାର୍ଯ୍ୟର ଏକ ଅଂଶ ଭାବରେ କବଚ ସିଷ୍ଟମ, ଏକ ଦୁର୍ଘଟଣା-ବିରୋଧୀ ପ୍ରଯୁକ୍ତିବିଦ୍ୟା, ୫୨୫ ରୁଟ୍ କିଲୋମିଟର ଏବଂ ୧୩୬ଟି ଲୋକୋମୋଟିଭ୍ ଉପରେ ସ୍ଥାପନ କରାଯିବ । ଏହି ବାଲାନ୍ସ କାର୍ଯ୍ୟ ସମାପ୍ତ ହେବା ପରେ, ହାସଲ କରିବ ବୋଲି ଆଶା କରାଯାଉଛି । ଦକ୍ଷିଣ ପୂର୍ବ ରେଳପଥରେ କବଚ କଭରେଜର ୧୦୦% ଧକ୍କା ଏବଂ ସିଗନାଲ ଉଲ୍ଲଂଘନରୁ ସମ୍ପୂର୍ଣ୍ଣ ସୁରକ୍ଷା ଶୂନ୍ୟ ଦୁର୍ଘଟଣା ରେଳ ନେଟୱାର୍କ ଆଡକୁ ପ୍ରମୁଖ ନେତୃତ୍ୱ ଦେବ ।

# ମୋଦୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆ ଉପପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ଅଷ୍ଟ୍ରେଲିଆର ଉପ-ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ, ମାନନୀୟ ରିଚାର୍ଡ ମାର୍ଲେସ୍ ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଅଷ୍ଟ୍ରେଲିଆରେ ହୋଇଥିବା ଫେଡେରାଲ୍ ନିର୍ବାଚନରେ ଅଷ୍ଟ୍ରେଲୀୟ ଲେବର ପାର୍ଟିର ଐତିହାସିକ ବିଜୟ ପାଇଁ ଉପ-ପ୍ରଧାନମନ୍ତ୍ରୀ ମାର୍ଲେସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦୁଇ ନେତା ଭାରତ-ଅଷ୍ଟ୍ରେଲିଆ ବ୍ୟାପକ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଛନ୍ତି, ଯାହାକି ଆଜି ପାଞ୍ଚ ବର୍ଷ ପୂରଣ କରିଛି । ସେମାନେ ପ୍ରତିରକ୍ଷା ଶିଳ୍ପ ସହଯୋଗିତା, ସ୍ଥିର ଯୋଗାଣ ଶୃଙ୍ଖଳ, କ୍ରିଟିକାଲ ମିନେରାଲ୍ସ । ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେମାନେ ପୁଣିଥରେ ଦୋହରାଇଥିଲେ ଯେ ଏକ ସ୍ଥିର, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗର ପାଇଁ ଏକ ସମାନ ଦୃଷ୍ଟିକୋଣ ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ନେଇଯିବ । ଉପ-ପ୍ରଧାନମନ୍ତ୍ରୀ ମାର୍ଲେସ୍ ସୀମାପାର ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇରେ ଅଷ୍ଟ୍ରେଲିଆର ସମର୍ଥନକୁ ପୁନର୍ବାର ଦୋହରାଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଚଳିତ ବର୍ଷ ଶେଷରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବାକୁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଶ୍ରୀ ଆଲବାନିଜଙ୍କୁ ନିମନ୍ତ୍ରଣ କରିଛନ୍ତି ।

# ଆନ୍ଧ୍ରରେ ଏଏମ୍/ଏନ୍ଏସ୍‌ର ପ୍ରକଳ୍ପ: ଅନୀଲ ଅଗ୍ରୱାଲ୍‌ଙ୍କ ପ୍ରଶଂସା

**ହାଇଦ୍ରାବାଦ:** ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଶିଳ୍ପଗୁଡିକୁ ପ୍ରୋତ୍ସାହନ ପ୍ରଦାନ କରିବା ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ଏବଂ ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଭଳି ରାଜ୍ୟ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ବୋଲି ଜଣାଇଛନ୍ତି । 'ଏକ୍ସ' (ପୂର୍ବର ଟ୍ୱିଟରରେ ଏକ ପୋଷ୍ଟରେ ଶ୍ରୀ ଅଗ୍ରୱାଲ୍ ଆନାକାପଲ୍ଲୀରେ ସ୍ଥାପନ କରାଯାଉଥିବା ସମନ୍ୱିତ ଇସ୍ପାତକାରଖନା ପାଇଁ ଏଏମ୍/ଏନ୍ଏସ୍‌କୁ ଦିଆଯାଇଥିବା ୨୮,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଛନ୍ତି ।ବୃହତ୍ ଶିଳ୍ପ ପ୍ରକଳ୍ପ ହାସଲ କରିବା ପାଇଁ ବିନିର୍ମାଣ କ୍ଷେତ୍ରର ପ୍ରମୁଖ ସମସ୍ୟା ଯଥା ଜମିର ଷ୍ଟାମ୍ପ ଡ୍ୟୁଟି, ଜିଏସଟି ଏବଂବିଦ୍ୟୁତ୍ ଓ ଜଳ ଖର୍ଚ୍ଚ ଆଦିର ସମାଧାନ କରିବାରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସାହସିକ ଏବଂ ସମୟୋପଯୋଗୀପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ।ଏଭଳି ଏକ ବୃହତ୍ ପ୍ରକଳ୍ପ ଏହି ଅଂଚଳରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁବଢ଼ାଇବ ବୋଲି ସେ କହିଛନ୍ତି ।ରାଜସ୍ଥାନ, ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ଭଳି ଅନ୍ୟ ରାଜ୍ୟଗୁଡିକ ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରି ନିବେଶପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଯେଉଁମାନେ ସବୁଠାରୁ ଆକ୍ରମଣାତ୍ମକ ଆଭିମୁଖ ଗ୍ରହଣ କରିବେ ସେମାନେ ସର୍ବାଧିକ ନିବେଶ ଆକର୍ଷିତ କରିପାରିବେ ବୋଲି ସେ ଲେଖିଛନ୍ତି।

# ବିକଶିତ ରାଷ୍ଟ୍ର ବନିପାରେ ଭାରତ: ରଘୁରାମ



**ନୂଆଦିଲ୍ଲୀ:** ଭାରତ ଏବେ ଜିଡିପି ଅନୁସାରେ ବିଶ୍ୱର ଚତୁର୍ଥ ବୃହତ୍ତମ ଦେଶ ହୋଇସାରିଛିଛ ମାତ୍ର ଆଇଏମ୍ଏଫ୍ ବିଶ୍ୱାସ କରେ ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତ ୪ ଟ୍ରିଲିୟନ ଜିଡିପି ବିଶିଷ୍ଟ ଦେଶ ହୋଇଯିବ । ୨୦୨୭ ସୁଦ୍ଧା ଭାରତ ଦ୍ରୁତ ଅଭିବୃଦ୍ଧି ହାର ହାସଲ କରିବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଜର୍ମାନୀକୁ ପଛରେ ପକାଇ ଦେବ ।କେବଳ ସେତିକି ନୁହେଁ, ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଦେଶରେ ପରିଣତ ହେବ । ପୂର୍ବତନ ଆରବିଆଇ ଗଭର୍ଣ୍ଣର ରଘୁରାମ ରାଜନ ଏହି ପ୍ରସଙ୍ଗରେ ଭିନ୍ନ ମତ ରଖିଛନ୍ତି । ସେ କୁହନ୍ତି ଯେ ଯଦି ଭାରତକୁ ବିକଶିତ ହେବାକୁ ପଡ଼ିବ, ତେବେ ଅଭିବୃଦ୍ଧି ହାର ୮.୫ କିମ୍ବା ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାକୁ ପଡ଼ିବ, କାରଣ ଆମେ ଏବେ ବି ଏକ ତୁଳନାତ୍ମକ ଭାବରେ ଗରିବ ଦେଶ ।

ଏକ ଘରୋଇ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ରଘୁରାମ ରାଜନଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ଭାରତର ଜିଡିପି ଦୃଢ଼ ଭାବରେ ଠିଆ ହୋଇଛିଛ ରଘୁରାମ ରାଜନଙ୍କ ଅନୁଯାଇ ଭାରତର ବର୍ତ୍ତମାନର ୬.୫ ପ୍ରତିଶତ ଅଭିବୃଦ୍ଧି ହାର ବିଶ୍ୱ ଅର୍ଥନୀତିରେ ଏକ ପ୍ରଭାବଶାଳୀ ଅଭିବୃଦ୍ଧି । ତାର କାରଣ ସରକାର ନିର୍ବାଚନ ସମୟରେ ବହୁଖର୍ଚ୍ଚ ହ୍ରାସ କରିଥିଲେ ।

# ଇଣ୍ଡି ମେଣ୍ଟ: ପାଖେଇଲେ ମମତା, ଦୂରେଇଲେ ପାୱାର

**ନୂଆଦିଲ୍ଲୀ:** କେନ୍ଦ୍ରରେ ସରକାର ଗଠନ ହେବାର ଏକ ବର୍ଷ ମଧ୍ୟରେ ବିରୋଧୀ ଇଣ୍ଡିଆ ମେଣ୍ଟରେ ଫାଟ ନଜର ଆସିଥିଲା ।ଏନସିପି ଏବଂ ଆପ୍ ମେଣ୍ଟରୁ ଦୂରେଇବାରେ ଲାଗିଥିବାବେଳେ ଟିଏମସି ପ୍ରମୁଖ ମମତା ବାନାର୍ଜୀ ମେଣ୍ଟ ମୁହାଁ ହେବାରେ ଲାଗିଛନ୍ତି । ଅପରେସନ ସିନ୍ଦୂର ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ପାଇଁ କଂଗ୍ରେସ ନେତୃତ୍ୱରେ ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ବୈଠକରେ ୧୬ ବିରୋଧୀ ଦଳର ନେତା ଯୋଗଦେଇଥିଲେ । କିନ୍ତୁ ଶରଦ ପାୱାର ଏବଂ ଅରବିନ୍ଦ କେଜ୍ରିୱାଲଙ୍କ ଆପର କୌଣସି ନେତା ବୈଠକରେ ଉପସ୍ଥିତ ନଥିଲେ । ମମତାଙ୍କ ଦଳ ଟିଏମସିର ସାଂସଦ ଡେରେକ ଓ ବ୍ରାୟନ ବେଠକରେ ଯୋଗ ଦେଇଥିଲେ । ବେଠକରେ ଯୋଗ ଦେଇଥିବା ୧୬ ଦଳଙ୍କ ମଧ୍ୟରେ କଂଗ୍ରେସ, ଟିଏମସି, ଡିଏମକେ, ଏସ୍ପି, ଶିବସେନା (ୟୁବିଟି), ଆରଜେଡି,



ନ୍ୟାସନାଲ କନଫରେନ୍ସ, ଜେଏମଏମ, ସିପିଆଇ, ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ୍, ଆରଏସପି, ଭିଏସପି, କେରଳ କଂଗ୍ରେସ, ଏମଡିଏମକେ ଏବଂ ସିପିଆଇ (ଏମଏଲ)ର ନେତାମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଏହି ୧୬ଟି ବିରୋଧୀ ଦଳର ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖି ପହଲଗାମ ଆତଙ୍କବାଦୀ ଆକ୍ରମଣ, 'ଅପରେସନ ସିନ୍ଦୂର' ଏବଂ ଆମେରିକା ଦ୍ୱାରା ଘୋଷଣା କରାଯାଇଥିବା 'ଅସ୍ତ୍ରବିରତି' ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଅନୁରୋଧ କରିଥିଲେ । ତେବେ ବୈଠକରେ ଶରଦ ପାୱାରଙ୍କ ଦଳର କୌଣସି ନେତା ଯୋଗଦେଇ ନଥିବାରୁ ଏବେ ଇଣ୍ଡିଆ ମେଣ୍ଟ ନେଇ ତାଙ୍କର ମନୋଭାବ ବଦଳିଥିବା ରାଜନେତିକ ମହଲରେ ଚର୍ଚ୍ଚା ହେଉଛି । ସେହିଭଳି ଅରବିନ୍ଦ କେଜ୍ରିୱାଲଙ୍କ ଇଣ୍ଡିଆ ମେଣ୍ଟ ସହିତ ନିଜର ସମ୍ପର୍କ ତୁଟାଇ ଦେଇଥିବା ଚର୍ଚ୍ଚା ହେଉଛି ।ଏବେ ଇଣ୍ଡିଆ ମେଣ୍ଟ ଶରଦ ପାୱାର ଏବଂ କ୍ରେଜିୱାଲଙ୍କ ବିନା କେଉଁ ପଦକ୍ଷେପ ନେବ ସେ ନେଇ ରାଜନେତିକ ମହଲରେ ନାନା କଳ୍ପନାଜଳ୍ପନା କରାଯାଉଛି ।

# ଓପନ ବସ୍ ସେଲିବ୍ରେସନ୍‌କୁ ମିଳିଲାନି ଅନୁମତି

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ଆଇପିଏଲ୍‌ର ନୂଆ ଚାମ୍ପିଅନ୍ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ବେଙ୍ଗାଲୁରୁରେ ଜୋରଦାର ସ୍ୱାଗତ କରାଯାଇଛି । ୧୮ ବର୍ଷ ପରେ ଆଇପିଏଲ୍ ଟାଇଟଲଜିତି ଆର୍‌ସିବି ନିଜ ପ୍ରଶଂସକଙ୍କୁ ଖୁସି ଭେଟି ଦେଇଛି । ଏହା ଭିତରେ ଖୋଲା ବସରେ ସେଲିବ୍ରେସନ୍ ହେବ କି ନାହିଁ ତାକୁ ନେଇ ଦ୍ୱନ୍ଦ ଲାଗିରହିଥିଲା । ପୋଲିସ ପ୍ରଶାସକ ଓପନ ବସ୍ ସେଲିବ୍ରେସନ୍ ପାଇଁ ଟିମ୍ ମ୍ୟାନେଜମେଣ୍ଟକୁ ଅନୁମତି ଦେବାକୁ ମନା କରିଥିଲା । ଫ୍ରାଞ୍ଚାଇଜ୍ ପକ୍ଷରୁ ସୋସିଆଲ ମିଡ଼ିଆ ପ୍ଲାଟ ଫର୍ମରେ ସୂଚନା ଦିଆଯାଇଛି । ପୋଲିସ୍‌ର ନିୟମମାନି ବିଜୟ ଉତ୍ସବରେ ସାମିଲ ହେବା ପାଇଁ ଲୋକଙ୍କୁ ଅପିଲ୍ କରାଯାଇଛି । ଏହା ସତ୍ତ୍ୱେ ଦଳାଚକଟା ଯୋଗୁଁ ୧୦ରୁ ଉର୍ଦ୍ଧ୍ୱଙ୍କ ଜୀବନ ଯାଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି ।

ବେଙ୍ଗାଲୁରୁ ପୋଲିସ ଟ୍ରାଫିକ୍ ବ୍ୟବସ୍ଥା ବିଗିଡିବା ଆଶଙ୍କା କରି ଖୋଲା ବସ ସେଲିବ୍ରେସନକୁ ଅନୁମତି ଦେଇନାହିଁ । ମଙ୍ଗଳବାର ରାତିରେ ଆର୍‌ସିବି ଚାମ୍ପିଅନ୍ ହେବା ପରେ ବେଙ୍ଗାଲୁରୁ ରାସ୍ତାକୁ ଓହ୍ଲାଇଥିବା ପ୍ରଶଂସକଙ୍କୁ ନିୟମନ୍ତ୍ର କରିବାରେ ପୋଲିସ୍ ପ୍ରଶାସନ ନାକେଦମ୍ ହୋଇଥିଲା । ବେଙ୍ଗାଲୁରୁ ଖେଳାଳି ବୁଧବାର ଅପରାହ୍ଣରେ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ପ୍ରଶଂସକ ବେଙ୍ଗାଲୁରୁ ବିମାନ ବନ୍ଦର ସମ୍ମୁଖରେ ସ୍ୱାଗତ କରାଯାଇଥିଲା । ବିମାନବନ୍ଦରରୁ ହୋଟେଲ ଯିବା ବେଳେ ରାସ୍ତାରେ ଉଭୟ ପାର୍ଶ୍ୱରେ ପ୍ରଶଂସକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା । ଏହି ସମୟରେ ଦଳାଚକଟା ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ଆର୍ଥିକ ସହାୟତାରେ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।




## ହାର୍ଦ୍ଦିକ, କ୍ରୁନାଲ ବ୍ରଦର୍ସ ଜିତିଛନ୍ତି ୯ଥର ଟ୍ରଫି

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ଓ ରୋହିତ ଶର୍ମାଙ୍କ ତୁଳନାରେ ମ୍ୟାଗି ବ୍ରଦର୍ସ ଭାବେ ପରିଚିତ ହାର୍ଦ୍ଦିକ ଓ କ୍ରୁନାଲ ୯ଥର ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ସହ ଆଇପିଏଲ୍ ଟ୍ରଫି ହାସଲ କରିଛନ୍ତି । ଏବେ ସବୁଠି ମ୍ୟାଗୀ ବ୍ରଦର୍ସଙ୍କ ଚର୍ଚ୍ଚା । ଆଇପିଏଲ୍ -୨୦୨୫ ଫାଇନାଲରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ରନ୍‌ରେ ପଞ୍ଜାବକିଙ୍ଗ୍ସକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଏଥିରେ କ୍ରୁନାଲ ପାଣ୍ଡ୍ୟା ୪ ଓଭରରେ ୧୭ ରନ୍ ଦେଇ ୨ ୱିକେଟ୍ ଅକ୍ତିଆର କରିବା ସହ ଦଳରେ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏଥିରେ ଜୋଶ ଇଂଲିଶ ଓ ପ୍ରଭସିନରନ୍ ସିଂ ସାମିଲ ଥିଲେ । ମ୍ୟାଗୀ ବଦର୍ସ ଭାବେ ପରିଚିତ ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ଏପର୍ଯ୍ୟନ୍ତ ୯ଟି ଆଇପିଏଲ୍ ବିଜେତା ଦଳ ସହ ରହିଛନ୍ତି । ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଅନ୍ସ ଦଳ ସହ ୪ଥର ଓ ଗୁଜରାଟ ଟାଇଟନ୍ସ ପକ୍ଷରୁ ଥରେ ଟ୍ରଫି ତୋଳିଧରିବାର ସୁଯୋଗ ପାଇଛନ୍ତି । ସେହିପରି କ୍ରୁନାଲ ପାଣ୍ଡ୍ୟା ମୁମ୍ବାଇ ପକ୍ଷରୁ ୩ଥର ଓ ଏବେ ଆର୍‌ସିବି ପକ୍ଷରୁ ଖେଳି ଦଳକୁ ଚାମ୍ପିଅନ୍ କରାଇଛନ୍ତି। କ୍ରୁନାଲ ଦୁଇଥର ଆଇପିଏଲ୍‌ରେ ପ୍ଲେଅର ଅଫ୍ ଦ ମ୍ୟାଚ ହୋଇଥିଲେ ।

ପାଣ୍ଡ୍ୟା ଭାଇଙ୍କ ପରିବାର ଆର୍ଥିକ ସ୍ଥିତି ଭଲ ନଥିଲା । ଉଭୟ ଭଲ କ୍ରିକେଟ୍ ଖେଳୁଥିବାରୁ ତାଙ୍କ ବାପା ସେମାନଙ୍କୁ କିରଣ ମୋରେ କ୍ରିକେଟ୍ ଏକାଡେମୀରେ ଭର୍ତ୍ତି କରିଥିଲେ । ଗଠିନ ଅଭ୍ୟାସ ସେସନ ବ୍ରେକ୍‌ରେ ଉଭୟ ଭାଇ ମ୍ୟାଗି ଖାଇ ଭୋକ ମେଣ୍ଟାଉଥିଲା । ଏହା ଦେଖି ମୋରେ ସୌମାନଙ୍କୁ ମ୍ୟାଗ ବ୍ରଦର୍ସ ନାଁ ଦେଇଥିଲେ । ହାର୍ଦ୍ଦିକ ତୁଳନାରେ କ୍ରୁନାଲ ଅନ୍ତର୍ଜାତୀୟ କ୍ରିଟେକ୍ ସେହିଭଳି ଉତ୍ସାହ ଜନକ ନୁହେଁ । ୨୦୨୫ ଆଇପିଏଲ୍ ନିଲାମରେ ଆର୍‌ସିବି ୫-୭୫ ଗୋଟି ଟଙ୍କାରେ କ୍ରୁନାଲଙ୍କୁ କିଣି ଥିଲା ।



## ଭୁବି ରଚିଲେ ଇତିହାସ

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ଟାଇଟଲ ଜିତି ବେଙ୍ଗାଲୁରୁ ଇତିହାସ ଜିତିଛି । ଏଥିରେ ଭୁବନେଶ୍ୱର କୁମାରଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଛି । ପଞ୍ଜାବକିଙ୍ଗ୍ସ ବିପକ୍ଷ ଫାଇନାଲ ମ୍ୟାଚରେ ୩୮ ରନ୍‌ରେ ୨ ୱିକେଟ୍ ଅକ୍ତିଆର କରିଥିଲେ । ଭୁବି ଆଇପିଏଲ୍‌ରେ ପ୍ରଥମ ଦ୍ରୁତ ବୋଲର ଭାବେ ୭୦୦ ଓଭର ବୋଲିଂ କରିଛନ୍ତି । ଯାହା କି ଏକ ରେକର୍ଡ । ୫୫୬.୧ ଓଭର ସହ ଯଶପ୍ରୀତ ବୁମରା ଦ୍ୱିତୀୟ ସ୍ଥାନରେ ରହିଛି । ଡ୍ୱେନ ବ୍ରାଭୋ ୫୧୯.୫, ଉମେଶ ଯାଦବ ୫୦୮.୨, ସନ୍ଦୀପ ଶର୍ମା ୫୦୬.୫ ଓ ଲସିଥ ମାଲିଙ୍ଗା ୪୭୧.୧ ଓଭର ବୋଲିଂ କରି ତୃତୀୟରୁ ଷଷ୍ଠ ସ୍ଥାନ ରହିଛନ୍ତି । ୧୮ ବର୍ଷ ପରେ ଆଇପିଏଲ୍‌ରେ ପ୍ରଥମଥର ପାଇଁ ବେଙ୍ଗାଲୁରୁ ଟାଇଟଲ ହାସଲ କରିବାରେ ସଫଳ ହୋଇଛି । ଦଳର ସମସ୍ତ ଖେଳାଳିଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁଁ ଦୀର୍ଘ ପ୍ରତିକ୍ରିୟାର ଅନ୍ତଃ ଘଟିଛି । ଆଇପିଏଲରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ମୁମ୍ବାଇ ସର୍ବାଧିକ ୫ଥର ଲେଖାଏଁ ଟାଇଟଲ ଜିତିଛନ୍ତି ।





## ମାଲ୍ୟାଙ୍କ ଟ୍ୱିଟ୍: ମୋ ସ୍ୱପ୍ନ ସାକାର ହେଲା

ନୂଆଦିଲ୍ଲୀ,୪।୬ (ଏଜେନ୍ସି): ୧୮ ବର୍ଷ ପ୍ରତୀକ୍ଷାର ଅନ୍ତଃ ହୋଇଛି । ବିରାଟ କୋହଲିଙ୍କ ଆଇପିଏଲ୍ ଟ୍ରଫି ତୋଳି ଧରିବାର ସ୍ୱପ୍ନ ପୂରଣ ହୋଇଛି । ଆଇପିଏଲ୍ ଫାଇନାଲରେ ବେଙ୍ଗାଲୁରୁ ୬ ରନ୍ ବ୍ୟବଧାନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଆଇପିଏଲ୍ ଟ୍ରଫି ଜିତିବା ପରେ ଆର୍‌ସିବିର ପୂର୍ବତନ ମାଲିକ ବିଜୟ ମାଲ୍ୟାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ସେ ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମାଲ୍ୟା କହିଛନ୍ତି ମୋ ସ୍ୱପ୍ନ ସାକାର କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ । ଟ୍ୱିଟରରେ ମାଲ୍ୟା ଲେଖିଛନ୍ତି ଯେତେବେଳେ ମୁଁ ଆର୍‌ସିବି ଟିମ୍ ଗଢ଼ିଥିଲି, ମୋର ସ୍ୱପ୍ନ ଥିଲା ଆଇପିଏଲ୍ ଟ୍ରଫି ବେଙ୍ଗାଲୁରୁକୁ ଆସୁ । ସେ ସମୟରେ ମୁଁ ଜଣେ ଯୁବ ଖେଳାଳି ଭାବେ ବିରାଟ କୋହଲିଙ୍କୁ ଦଳରେ ନେବାର ସୌଭାଗ୍ୟ ପାଇଥିଲି । ସେ ୧୮ ବର୍ଷ ଧରି ଆର୍‌ସିବି ସହିତ ଅଛନ୍ତି । ମୁଁ ୟୁନିଭର୍ସ ବସ୍ କ୍ରିସ୍ ଗଲେ । ଏବଂ ମିଷ୍ଟର ୩୬୦ ଏବି ଡିଭିଲିୟର୍ସଙ୍କ ଚୟନ କରିବାର ସୌଭାଗ୍ୟ ପାଇଥିଲି । ଯେଉଁମାନେ ଆର୍‌ସିବି ଇତିହାସର ଅବିଚ୍ଛେଦ୍ୟ ଅଂଶ ।

ମାଲ୍ୟା ଆହୁରି କହିଛନ୍ତି ଆଇପିଏଲ୍ ବେଙ୍ଗାଲୁରୁରେ ପହଞ୍ଚିଛି । ମୋ ସ୍ୱପ୍ନକୁ ସାକ୍ଷାର କରିଥିବା ସମସ୍ତଙ୍କୁ ପୁଣିଥରେ ଅଭିନନ୍ଦନ ଓ ଧନ୍ୟବାଦ । ଆର୍‌ସିବି ପ୍ରଶଂସକ ସର୍ବୋତ୍ତମ ସେମାନେ ଆଇପିଏଲ୍ ଟ୍ରଫି ପାଇବାର ଯୋଗ୍ୟ । ବେଙ୍ଗାଲୁରୁ ଦଳ ଏହାର ପ୍ରଥମ ଆଇପିଏଲ୍ ଟ୍ରଫି ଜିତିଛି । ଦଳର ତାରକା ଖେଳାଳି ବିରାଟ ଖେଳାଳି ବେଙ୍ଗାଲୁରୁ ବିଜୟରେ ଭାବପ୍ରବଣତା ଦେଖାଇଥିଲେ । ଆର୍‌ସିବି ଟାଇଟଲ ଜିତିବା ପରେ ପଡ଼ିଆରେ କୋହଲି କାନ୍ଦିବାକୁ ଲାଗିଥିଲେ । ଆଇପିଏଲ୍ ଆରମ୍ଭ ହେବା ପରଠାରୁ କୋହଲି ଆରସିବି ସହ ଅଛନ୍ତି । ଜୁନ୍ ୩ ରାତୀରେ ବେଙ୍ଗାଲୁରୁ ପ୍ରଥମ ଟାଇଟଲ ଜିତିଛି ।

## ସିଏମ୍ କପ୍: ଭୁବନେଶ୍ୱର ଜୋନାଲ ଚାମ୍ପିଅନ୍

ଭୁବନେଶ୍ୱର,୪।୬ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ୍ ଚାମ୍ପିଅନ୍‌ସିପ୍ ସିଏମ୍ ଟ୍ରଫିର ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଏଫ୍‌ସି ଚାମ୍ପିଅନ୍ ହୋଇଛି । ଭୁବନେଶ୍ୱର ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ରନର୍ସ ଅପ୍ କଟକ ଏଫ୍‌ସିକୁ ଟ୍ରଫି ସହ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଜୋନାଲ ଫାଇନାଲରେ ଭୁବନେଶ୍ୱର ଏଫସି ୯-୧ ଗୋଲ୍‌ରେ କଟକ ଏଫ୍‌ସିକୁ ହରାଇଥିଲା । ଶ୍ରୀଜଳ କିସକୁଙ୍କୁ ପ୍ଲେୟାର ଅଫ୍ ମ୍ୟାଚ ବିବେଚିତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ବିଏଏ ଫୁଟବଲ ସେକ୍ରେଟାରୀ ଦିଲ୍ଲୀପ କୁମାର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

## ୧୮ ବର୍ଷରୁ କମ୍ ଜିଲ୍ଲା କବାଡ଼ି ଦଳ ଚୟନ ୭ ରେ

ବ୍ୟାସନଗର,୪।୬(ଜିପ୍ର): ।ଜପୁରଜିଲ୍ଲାଆଥଲେଟିକ୍‌ଆସୋସିଏସନ୍ ଆନୁକୂଲ୍ୟରେଜେ. କେ ଆସୋସିଏସନ୍ ସହାୟତାରେ ଚଳିତମାସ ୭ ତାରିଖରେଖଣ୍ଡିତରସ୍ଥିତକବାଡ଼ିଖେଳ ପଡ଼ିଆଠାରେଯାଜପୁରଜିଲ୍ଲାପାଇଁ ୧୮ ବର୍ଷରୁକମ୍‌ବିଭାଗରଉଭୟ ପୁରୁଷ ଓ ମହିଳାବର୍ଗରଖେଳାଳୀଚୟନ କରାଯିବା।ଉକ୍ତଚୟନ ପ୍ରକ୍ରିୟାରୁଖେଳାଳୀଚୟନ କରାଯାଇ ପ୍ରଥମ ଥର ପାଇଁଅନୁଷ୍ଠିତହେବାକୁ ଥିବା୧୮ ବର୍ଷରୁକମ୍‌ରାଜ୍ୟ ଦଳ ପାଇଁଖେଳାଳୀମାନଙ୍କୁ ପଠାଯିବା।ଏଣୁ ଯାଜପୁର ଜିଲ୍ଲାର ଇଚ୍ଛୁକ ଖେଳାଳୀମାନେ ଚଳିତମାସ୭ ତାରିଖସକାଳ ୭ ଘଟିକାସମୟରେ ନିଜର ଆଧାରକାର୍ଡ଼ଓ ବୟସ ପ୍ରମାଣ ପତ୍ରସହିତ ପହଂଚିକାବଡ଼ିକୋଚ୍‌ଶ୍ରୀ କୃଷ୍ଣକାନ୍ତ ପଣ୍ଡା ଓ ଅନାଦୀ ଚରଣସାହୁଙ୍କପାଖରେ ପଞ୍ଜୀକୃତ କରିବାକୁ କବାଡ଼ି ସମ୍ପାଦକ ରମେଶ ପଣ୍ଡାସୂଚନା ଦେଇଛନ୍ତି ।

## ଜାତୀୟ ଟାଇକୋଣ୍ଡୋରେ ଅନୁଗୁଳ ପ୍ରତିଯୋଗୀଙ୍କ ସଫଳତା

ଭୁବନେଶ୍ୱର,୪।୬ (ସବ୍ୟୁ): କଟକର ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ନବମ ଓପନ ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ତଥା ଏସ୍‌ଏସ୍‌ବି, ସିଆଇଏସ୍‌ଏଫ୍ ଓ ଏନ୍‌ସିସିର ସର୍ବମୋଟ୍ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଅନୁଗୁଳ ପ୍ରତିଯୋଗୀ କିରୋଗୀ ହୁମାସେ ବିଭାଗରେ ୧୪ଟି ସ୍ୱର୍ଣ୍ଣ, ୧୩ଟି ରୌପ୍ୟ ଓ ୧୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଯାହା ରାଜ୍ୟ ତଥା ଅନୁଗୁଳ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି । କୋଚ ଶକ୍ତି ପ୍ରକାଶ ବାରିକ, ହେମବାହାଦୁତ ତତ୍ତ୍ୱାବଧାନରେ ଏହି ସଫଳତା ପାଇଛନ୍ତି । ଜିଲ୍ଲାପାଳ ଅବଦ୍ଦଲ ଅହମ୍ମଦ ଅଖତର, ଜିଲ୍ଲା କ୍ରୀଡାଧିକାରୀ ଅକ୍ଷୟ କୁମାର ସିଟ୍ ଓ ଅମରଜିତ ଗଡନାୟକ, ସଭାପତି ଶ୍ରୀକାନ୍ତ ପ୍ରଧାନ କୃତିପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ରୌପ୍ୟ, ସଟପୁଟ୍‌ରେ ବ୍ରୋଞ୍ଜ

ଭୁବନେଶ୍ୱର,୪।୬ (ସବ୍ୟୁ): ମର୍ଯ୍ୟାଦାଜନକ ପ୍ୟାରିସ୍ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡପ୍ରିକ୍ସ ପ୍ରତିଯୋଗିତାର ମହିଳା ସଟପୁଟ ଏଫ୍ ୫୪/ ଏଫ୍ ୫୫ ବର୍ଗରେ ଓଡ଼ିଆ ଝିଅ ସୁଚିତ୍ରା ପରିଡା ବ୍ରୋଞ୍ଜ ପଦକ ଜିତିଛନ୍ତି । ଏହି ବର୍ଗରେ ମେକ୍ସିକୋର ଗ୍ଲୋରିଆ ଜାର୍ଜା ଗୁଆଡାର୍ମା ସ୍ୱର୍ଣ୍ଣ ଏବଂ ନେଦରଲାଣ୍ଡସ୍‌ର ନୋର୍ଟେଜ ଭାନ୍ ବିନ୍ଦାସ୍‌ବର୍ଜେନ ରୌପ୍ୟ ପଦକ ଜିତିଛନ୍ତି । ସେହିଭଳି ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ରୌପ୍ୟ ପଦକ ମିଳିଛି । ମହିଳା ଜାଭେଲିନ୍ ଥ୍ରୋ-ଏଫ୍ ୫୪/ ଏଫ୍ ୫୫ ବର୍ଗରେ ମେକ୍ସିକୋରେ ନାଭାରୋ ୧୯.୯୬ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଓଡ଼ିଆ ଝିଅ ସୁଚିତ୍ରା ୧୭.୯୮ ମିଟର ଫିଙ୍ଗି ରୌପ୍ୟ ପଦକ ତଥା ମେକ୍ସିକୋର ସାଲଜାର ୧୫.୬୬ ମିଟର ଫିଙ୍ଗି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

## ସିଏମ୍ ଟ୍ରଫି ଫୁଟବଲ: ଯାଜପୁର ଜିଲା ଜୋନ୍ ଚାମ୍ପିଅନ୍

ବ୍ୟାସନଗର,୪।୬(ଜିପ୍ର): ରାଜ୍ୟସରକାର ଓ ଫାଓ ଆନୁକୂଲ୍ୟରେ ଚାଲୁଥିବା ପ୍ରଥମ ସଂସ୍କରଣ ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦୁଝର ଠାରେ ଯାଜପୁର ଜିଲ୍ଲା ଚମତ୍କାର ଖେଳ ପ୍ରଦର୍ଶନ କରି ଅପରାଜୟଦଳ ଭାବରେ ଜୋନ୍‌ଚମ୍ପିଆନ୍ ହେବା ସହିତ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍‌କୁ ପହଞ୍ଚିଛି । ଗତକାଲି ଅନୁଷ୍ଠିତ ଜୋନ୍‌ସ୍ତରୀୟ ଫାଇନାଲ୍‌ରେ ଅନୁଗୁଳଜିଲ୍ଲାକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିଆନ୍ ହେବା ସହିତ ନଗଦ ୫୦ ହଜାରଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି । ଯାଜପୁର ଜିଲ୍ଲା କ୍ରମାଗତ ଭାବରେ ଭଦ୍ରକ ସହିତଡ୍ର, କେନ୍ଦୁଝରକୁ ୩-୨ ଏବଂ ଅନୁଗୁଳକୁ ୨-୧ ଗୋଲରେ ପରାସ୍ତ କରିଥିଲା।ଗତ କାଲିରଜୋନ୍ ଫାଇନାଲରେ ଯାଜପୁର ଜିଲ୍ଲାର କୁନାମାଝି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଜିତ ହୋଇଥିଲେ । ଯାଜପୁରଜିଲ୍ଲାଦଳ ସହିତରାଜ୍ୟସ୍ତରୀୟସୁନାମ ଧନ୍ୟ କୋଚ୍‌ଶ୍ରୀସଞ୍ଜୀବପାଢଶାଣୀ ଏବଂ ଯାଜପୁରରଶି ବଡ଼ାଙ୍ଗିଲ୍ ସହକାରୀ କୋଚ୍ ଭାବରେ ଟିମ୍ ସହିତ ଯାଇଛନ୍ତି ବୋଲି ଆଥଲେଟିକ୍ ଆସୋସିଏସନରେ ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ସୂଚନା ଦେଇଛନ୍ତି ।

## ଅନ୍ତର୍ଜାତୀୟ ଓପନ ମାଷ୍ଟର୍ସ ଆଥଲେଟିକ ଚାମ୍ପିଅନସିପ

## ପଦାର୍ପଣରେ ଦାରା ସିଂହଙ୍କୁ ସ୍ୱର୍ଣ୍ଣ

କେନ୍ଦୁଝର,୪।୬ (ସବ୍ୟୁ): ଗତମାସ ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଶ୍ରୀଲଙ୍କାର ସୁଗଥ ଦାସଷ୍ଟାଡିୟମ କଲମ୍ବୋ ଠାରେ ଭେଟେରାନ କ୍ରୀଡ଼ାବିତ ମାନଙ୍କ ନିମନ୍ତେ ଏକାଦଶ ଆନ୍ତର୍ଜାତୀୟ ଓପନ ଅଥଲେଟିକ ଚାମ୍ପିଆନସିପ ଅନୁଷ୍ଠିତ ହୋଇଯାଇଛି । ୫୫ ବର୍ଷରୁ ଉର୍ଦ୍ଧ୍ୱ ଏହି ଅଥଲେଟିକ ଚାମ୍ପିଆନସିପରେ ଭାରତରୁ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଭାରତୀୟ ଦଳରେ କେନ୍ଦୁଝର ଉପାନ୍ତ ଅଞ୍ଚଳ ବୋଲାଣି ସ୍ଥିତ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆରେ ମାଇନିଂ ଫୋରମ୍ୟାନ ଭାବେ କାର୍ଯ୍ୟରତ ଦାରା ସିଂହ ୩୪.୪୦ ମିଟର ଦୂରତ୍ୱକୁ ଜାଭେଲିନ ଫିଙ୍ଗି ଏହି ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସମଗ୍ର କେନ୍ଦୁଝର ଜିଲ୍ଲାର ନାମ ଅନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ ସ୍ଥାନିତ କରି ଜିଲ୍ଲାକୁ ସମଗ୍ର ରାଜ୍ୟ ତଥା ଦେଶରେ ଗୌରବାନିତ୍ୟୁତ କରିବା ସହ ଜିଲ୍ଲାର ଟେକ ରଖିବାରେ ସଫଳ ହୋଇଛନ୍ତି ।ପ୍ରତିଯୋଗିତାଟି ବର୍ଷାରେ ବାଧାପ୍ରାପ୍ତ ହେବାରୁ ଶ୍ରୀ ସିଂହ ତାଙ୍କର ଅନ୍ୟ ଦୁଇ ଇଭେଣ୍ଟ ଲଙ୍ଗ ଜମ୍ପ ଏବଂ ଶଟପୁଟ ଥ୍ରୋରେ ଆଶାନୁରୂପ ଫଳ ପାଇ ପାରିନଥିଲେ । ତାଙ୍କର ଏହି ବିରାଟ ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନିଜର ଯୁବାବସ୍ଥାରେ ଜଣେ ଆଦର୍ଶ କ୍ରିକେଟର ଭାବେ ଖ୍ୟାତି ଅର୍ଜନ କରିଥିବା ଦାରା ସିଂହ ଆଜି ଜୀବନର ଅପରାହ୍ଣରେ ତାଙ୍କର ଏହି ବିରାଟ ସଫଳତାରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।



## ଓଡ଼ିଶା ଭାରୋତ୍ତୋଳନ ସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୪।୬ (ସବ୍ୟୁ): ଓଡ଼ିଶା ଭାରୋତ୍ତୋଳନ ସଂଘ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସ୍ଥିତ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଜାତୀୟ ଭାରୋତ୍ତୋଳନ ସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡା ଏହି ସଭାରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ । ଆସନ୍ତା ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ପୁରୀ ଜିଲ୍ଲା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି । ଭାରୋତ୍ତୋଳନ ଇନ୍‌ଟର କ୍ଲବ୍ ପ୍ରତିଯୋଗିତା ଆୟୋଜନ କରିବା ଲାଗି କଟକ ଜିଲ୍ଲା ସଂଘ ପ୍ରସ୍ତାବ ଦିଆଯାଇଥିଲା । ଭାରୋତ୍ତୋଳିକ ରିମା ଭୋଇଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ରାଜ୍ୟ ସଂଘର ସଦସ୍ୟମାନେ ଟିପିକଲକୁ ଧନ୍ୟବାଦ ଜଣାଇଥିଲେ । ଓଡ଼ିଶା ଭାରୋତ୍ତାଳନ ସଂଘର ପ୍ରଚେଷ୍ଟା ଦ୍ୱାରା ଓଡ଼ିଶା କ୍ରୀଡାବିତଙ୍କ ଉନ୍ନତି ହୋଇଛି ବୋଲି ପର୍ଯ୍ୟବେକ୍ଷକ ଆନନ୍ଦ ଗୌଡା କହିଥିଲେ । କାର୍ଯ୍ୟକାରିଣୀ ବୈଠକରେ ବିବରଣୀ ପାଠ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ସଂଘର ସଭାପତି ଚିତ୍ତ ରଞ୍ଜନ ସ୍ୱର୍ଣ୍ଣ ଓ ସମ୍ପାଦକଙ୍କ ସହ ବିଶେଷ ଅତିଥି ଭାବେ ଅଲିମ୍ପିଅନ୍ କେ ରବି କୁମାର ଉପସ୍ଥିତ ଥିଲେ ।

ସୂଚନା




ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି